# ଧରିତ୍ରୀ
**DHARITRI**

ରାୟଗଡ଼ା, ଗୁରୁବାର, ଅଗଷ୍ଟ ୨୩ /୨୦୧୮ (୧୬ ପୃଷ୍ଠା) (ମନ ମିଜାଜ ସହ) Rayagada, Thursday, August 23 / 2018 ★

୮ମ ଭାଗ ୧୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-






"ଆତଙ୍କବାଦର ଶିକାର ହୋଇଥିବା ପାଡ଼ିତଙ୍କୁ ସମସ୍ତେ ସହାୟତାର ହାତ ବଢ଼ାଇବା ଉଚିତ। ଏହାଦ୍ୱାରା ସେମାନଙ୍କ ନୈତିକ ମନୋବଳ ବୃଦ୍ଧି ପାଇବା ସହ ଘୃଣା ବସ୍ତାର ପାଇଁ ଆତଙ୍କବାଦୀଙ୍କ ଉଦ୍ୟମ ଭଣ୍ଡୁର ହେବ।

- ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ



# ବିଶ୍ୱବିଦ୍ୟାଳୟ, କଲେଜ କ୍ୟାମ୍ପସ୍‌ରେ ବିକ୍ରି ହେବନି ଜଙ୍କ୍ ଫୁଡ୍

**ନୂଆଦିଲ୍ଲୀ, ୨୨।୮ (ପି.ଟି.)**

ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକର କ୍ୟାମ୍ପସ୍ ଭିତରେ ଏଣିକି ଜଙ୍କ୍ ଫୁଡ୍ ବିକ୍ରି ହେବ ନାହିଁ। ଏନେଇ କଟକଣା ଜାରି କରିଛନ୍ତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)। ଜଙ୍କ୍ ଫୁଡ୍ ବିକ୍ରି ନିଷେଧ କରିବା ଲାଗି ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା ଜାଣି ସୁଦ୍ଧା ପିଲା ଓ ଯୁବପିଢ଼ିମାନେ ଏସବୁକୁ ଖାଇ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ରଖିବା ପାଇଁ ୟୁଜିସି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। କଲେଜଗୁଡ଼ିକରେ ଜଙ୍କ୍ ଫୁଡ୍ ବିକ୍ରି ନ

**ନିର୍ଦ୍ଦେଶ ଜାରି କଲା ୟୁଜିସି**



ହେଲେ ଛାତ୍ରୀଛାତ୍ରମାନେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ଏବଂ ଉତ୍ତମ ଜୀବନ ନିର୍ବାହ କରିବେ। ଫଳରେ ପିଲାମାନେ ଭଲ ପାଠପଢ଼ିବା ସହ ମୋଟାପଣରୁ ମୁକ୍ତି ପାଇବେ। ଖରାପ ଜୀବନଶୈଳୀ ଯୋଗୁ ସୃଷ୍ଟି ହେଉଥିବା ରୋଗ ମଧ୍ୟ ସେମାନଙ୍କୁ ଛୁଇଁପାରିବ ନାହିଁ ବୋଲି ୟୁଜିସି ପକ୍ଷରୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅବଗତ କରାଯାଇଛି। ଯୁବପିଢ଼ିଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ୟୁଜିସି ଏହି କଟକଣା ଲଗାଇଛନ୍ତି।

ପୂର୍ବରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସମସ୍ତ ସହବନ୍ଧିତ ସ୍କୁଲର କ୍ୟାଣ୍ଟିନ୍ ମେନୁରୁ ଜଙ୍କ୍ ଫୁଡ୍ ବାଦ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଖାଲି ସେତିକି ନୁହେଁ, କିଛି ଛାତ୍ରୀଛାତ୍ର ଟିଫିନ୍ ବକ୍ସରେ ଘରୁ ଜଙ୍କ୍ ଫୁଡ୍ ନେଇଯାଆନ୍ତି। ତେଣୁ ସ୍କୁଲ ପିଲାଙ୍କ ଟିଫିନ୍ ବକ୍ସ ଯାଞ୍ଚ କରିବାକୁ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା।

## ସଂକ୍ଷେପରେ

### ଏଏପିରୁ ଆଶିଷ ଖେତାନ୍‌ଙ୍କ ଇସ୍ତଫା



**ନୂଆଦିଲ୍ଲୀ, ୨୨।୮ (ପି.ଟି.):** ଆଶୁତୋଷଙ୍କ ପରେ ଏବେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ହାତ ଛାଡ଼ିଲେ ଆଶିଷ ଖେତାନ୍। ଦିଲ୍ଲୀର ଶାସକ ଦଳରୁ ସେ ଇସ୍ତଫା ଦେଇଥିବା ବୁଧବାର ଜଣାପଡ଼ିଛି। ଇସ୍ତଫା ଖବରକୁ ମଧ ଆଶିଷ ଖଣ୍ଡନ କରିନାହାନ୍ତି। ସକ୍ରିୟ ରାଜନୀତିରେ ନ ଥିଲେ ବୋଲି ସେ କହିଛନ୍ତି। ଏଏପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅଗଷ୍ଟ ୧୫ରେ ଦଳର ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜ୍‌ରିୱାଲଙ୍କ ନିକଟକୁ ଆଶିଷ ଇସ୍ତଫାପତ୍ର ପଠାଇଥିଲେ। ଏଏପି ସହ ସମ୍ପର୍କ ତୁଟାଇଥିବା ସେହିଦିନ ଆଶୁତୋଷ ମଧ ଘୋଷଣା କରିଥିଲେ। ତେବେ ଉଭୟଙ୍କ ଇସ୍ତଫାକୁ କେଜ୍‌ରିୱାଲ ଗ୍ରହଣ କରିନାହାନ୍ତି। ଏମାନଙ୍କୁ ମନାଇବା ପାଇଁ ସେ ପ୍ରୟାସ ଚଳାଇଥିବା କୁହାଯାଉଛି।

### ଫେବୃୟାରୀରେ ଆଇସିଜେ ରାୟ



**ଇସ୍‌ଲାମାବାଦ, ୨୨।୮ (ପି.ଟି.):** ଗୁପ୍ତଚରଗିରି ଅଭିଯୋଗରେ ପୂର୍ବତନ ଭାରତୀୟ ନୌସେନା ଅଧିକାରୀ କୁଲଭୂଷଣ ଯାଦବଙ୍କୁ ପାକିସ୍ତାନ ସାମରିକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇବା ପରେ ଏହାକୁ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ରେ ଚ୍ୟାଲେଞ୍ଜ କରାଯାଇଛି। ବିଶ୍ୱର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଏହି ମାମଲାର ଶୁଣାଣି ଆସନ୍ତାବର୍ଷ ଫେବୃୟାରୀରେ ହେବ। ସପ୍ତାହେବ୍ୟାପୀ ବିଚାର ଚାଲିବା ପରେ କୁଲଭୂଷଣଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ଜିଓ ଟିଭି ରିପୋର୍ଟରୁ ଜଣାପଡ଼ିଛି। ଆଇସିଜେଙ୍କ ଚୂଡ଼ାନ୍ତ ରାୟ ଉପରେ ତାଙ୍କ ଜୀବନ ଓ ମରଣ ନିର୍ଭର କରୁଛି। ପ୍ରକାଶ ଯେ, ୨୦୧୬ ମାର୍ଚ୍ଚରେ କୁଲଭୂଷଣଙ୍କୁ ଗିରଫ କରିଥିଲା ପାକିସ୍ତାନ। ବେଲୁଚିସ୍ତାନ ପ୍ରଦେଶରୁ ତାଙ୍କୁ ଧରିଥିବା ପଡ଼ୋଶୀ ରାଷ୍ଟ୍ର ଦାବି କରିଥିଲା। ପାକିସ୍ତାନ ବିରୋଧରେ ସେ ଗୁପ୍ତଚରଗିରି କରୁଥିଲେ ବୋଲି ଅଭିଯୋଗ ଆଣିବା ସହ ଗତବର୍ଷ ଏପ୍ରିଲରେ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା। ରାୟକୁ ଚ୍ୟାଲେଞ୍ଜ କରି ଭାରତ ଗତବର୍ଷ ମେ'ରେ ଆଇସିଜେର ଦ୍ୱାରସ୍ଥ ହୋଇଥିଲା। କିଛିଦିନର ଶୁଣାଣି ପରେ ଅନ୍ତିମ ରାୟ ଆସିବା ଯାଏ ଆଇସିଜେ କୁଲଭୂଷଣଙ୍କ ଦଣ୍ଡ ଉପରେ ରହିତାଦେଶ ଜାରି କରିଥିଲେ।

### ଇତିହାସର ଆଇନାରେ

**ଅଗଷ୍ଟ ୨୩ର ପ୍ରମୁଖ ଘଟଣା**

୨୦୧୦ ଅଗଷ୍ଟ ୨୩ରେ ଏକ ବଡ଼ଧରଣର ପଣବନ୍ଦୀ ସଙ୍କଟର ସାମ୍ନା କରିଥିଲା ମାନିଲା। ଏହାକୁ ରିଜାଲ୍ ପାର୍କ ପଣବନ୍ଦୀ ସଙ୍କଟ ବୋଲି କୁହାଯାଏ। ମାନିଲା ପୋଲିସ ଜିଲାର ଜଣେ ଅସନ୍ତୁଷ୍ଟ ପୂର୍ବତନ ବରିଷ୍ଠ ପୋଲିସ ଇନ୍ସପେକ୍ଟର ରୋଲାଣ୍ଡୋ ମେଣ୍ଡୋଜା ରିଜାଲ ପାର୍କରୁ ଏକ ପର୍ଯ୍ୟଟକ ବସ୍‌କୁ ଅପହରଣ କରି ନେଇଥିଲେ। ବସ୍‌ରେ ପ୍ରାୟ ୨୧ ଜଣ ହଂକଂ ଏବଂ ୪ ଜଣ ଫିଲିପାଇନ୍ସର ନାଗରିକ ଥିଲେ। ନିଜ ଚାକିରି ଫେରିପାଇବା ଲାଗି ରୋଲାଣ୍ଡୋ ଏଭଳି କାଣ୍ଡ କରିଥିଲେ। ତାଙ୍କୁ ବେଆଇନ ତଥା ଏକତରଫା ଭାବେ ଚାକିରିରୁ ନିଲମ୍ବିତ କରାଯାଇଛି ବୋଲି ସେ ଦର୍ଶାଇଥିଲେ।

୧୯୯୧ ଅଗଷ୍ଟ ୨୩ରେ ୱାର୍ଲ୍ଡ ୱାଇଡ୍ ୱେବ୍ ବା ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ସାର୍ବଜନୀନ ହୋଇଥିଲା। ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ହେଉଛି ଏକ ସୂଚନାସ୍ଥଳୀ ଯେଉଁଠାରେ ୟୁନିଫର୍ମ ରିସୋର୍ସ ଲୋକେଟର୍ସ (ୟୁଆର୍‌ଏଲ୍) ଜରିଆରେ ନଥିପତ୍ର ଏବଂ ଅନ୍ୟାନ୍ୟ ସମ୍ବଳ ଚିହ୍ନଟ କରାଯାଇଥାଏ। ଏହା ହାଇପର୍‌ଟେକ୍ସ ଲିଙ୍କ୍ ସହ ସଂଯୋଗ ହୋଇଥାଏ ଏବଂ ଇଣ୍ଟରନେଟ୍ ଜରିଆରେ ବ୍ୟବହାରକାରୀ ଏହାର ସୁବିଧା ପାଇପାରିଥାନ୍ତି। ୧୯୮୯ରେ ଇଂଲିଶ୍ ବୈଜ୍ଞାନିକ ଟିମ୍ ବର୍ନର୍ସ-ଲି ପ୍ରଥମେ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁର ଉଦ୍ଭାବନ କରିଥିଲେ।

# ଇଦ୍‌ରେ ବି ଛାଡ଼ିଲେନି

**ଶ୍ରୀନଗର, ୨୨।୮ (ପି.ଟି.)**

**କଶ୍ମୀରରେ ଆତଙ୍କବାଦୀଙ୍କ ବର୍ବରତା**

- ନମାଜ ପଢ଼ି ଫେରୁଥିବା ପୋଲିସ କନଷ୍ଟେବଲଙ୍କୁ ହତ୍ୟା
- ମିଳିଲା ଆଉ ଜଣେ ପୋଲିସ କର୍ମୀଙ୍କ ଗୁଳିବିଦ୍ଧ ମୃତଦେହ
- ଭାଜପା ନେତା ଶବିର ଅହମ୍ମଦଙ୍କୁ ଅପହରଣ ପରେ ହତ୍ୟା



ପବିତ୍ର ଇଦ୍-ଅଲ୍-ଆଧା ପର୍ବକୁ ସାରା ବିଶ୍ୱର ମୁସଲମାନ ସମ୍ପ୍ରଦାୟ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରୁଛନ୍ତି। କିନ୍ତୁ ଜମ୍ମୁ-କଶ୍ମୀରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସ୍ଥାନୀୟ ଆତଙ୍କବାଦୀମାନେ ପୁଲୱାମା ଓ କୁଲଗାମ୍ ଜିଲାରେ ବର୍ବରତାର ସୀମା ଲଂଘିଛନ୍ତି। ସେମାନେ ଜଣେ ଭାଜପା ନେତାଙ୍କୁ ଅତି ନିର୍ମମ ଭାବେ ହତ୍ୟାକରିବା ପରେ ୨ ପୋଲିସ କର୍ମଚାରୀଙ୍କ ମୁଣ୍ଡ ନେଇଛନ୍ତି। ଆତଙ୍କବାଦୀଙ୍କ ହିଂସା ଇଦ୍ ଉତ୍ସବକୁ ଫିକା କରିଦେଇଛି। ଉପତ୍ୟକାରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ପାଇଁ ପାକିସ୍ତାନ ଷଡ଼ଯନ୍ତ୍ର ରଚୁଥିବାବେଳେ ଏଥିରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ସ୍ଥିତିକୁ ଅଧିକ ସଙ୍ଗିନ କରିଛି। ଜମ୍ମୁ-କଶ୍ମୀରସ୍ଥିତ କୁଲଗାମ୍ ଜିଲାର ଜଜ୍‌ରିପୋରା ଗ୍ରାମର ବାସିନ୍ଦା ଫୟାଜ୍ ଅହମ୍ମଦ ଶାହ (୩୪) ରାଜ୍ୟ ପୋଲିସରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ସେ ଇଦ୍ ପାଇଁ ତଲୱାରା ଟ୍ରେନିଙ୍ଗ୍ କ୍ୟାମ୍ପରୁ ପରିବାର ସହ ଛୁଟି କାଟିବାକୁ ଘରକୁ ଆସିଥିଲେ। ଫୟାଜ୍ ବୁଧବାର ମଣିଗାମ୍‌ରେ ଇଦ୍ ପାଇଁ ନୱାଜ୍ ପାଠ କରି ଘରକୁ ଫେରୁଥିବାବେଳେ ଅଗାମ୍‌ରେ ଆତଙ୍କବାଦୀମାନେ ତାଙ୍କୁ ଟାର୍ଗେଟ କରିଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଟଳିପଡ଼ିଥିଲେ ଫୟାଜ୍। ସେହିପରି ଅନ୍ୟ ଆତଙ୍କବାଦୀମାନେ ଜଣେ ସ୍ପେଶାଲ ପୋଲିସ ଅଫିସର ମହମ୍ମଦ ୟାକୁବ୍ ଶାହଙ୍କୁ ପୁଲୱାମା ଜିଲାରେ ଗୁଳିକରିଛନ୍ତି। ତାଙ୍କୁ ହସ୍ପିଟାଲକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଏସ୍.ପି. ବୈଦ୍ ଏହାକୁ ଆତଙ୍କବାଦୀଙ୍କ ଭୀରୁ କାର୍ଯ୍ୟ ବୋଲି ଅଭିହିତ କରିଛନ୍ତି। ଏହା ପୂର୍ବରୁ ମଙ୍ଗଳବାର ରାତିରେ କୁପୱାଡ଼ା ଜିଲାର ରଖ-ଇ-ଲିଟେର ଅଞ୍ଚଳରେ ଭାଜପା ନେତା ଶବିର ଅହମ୍ମଦ ଭଟ୍ଟଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇ ହତ୍ୟା କରିଥିଲେ। ଶବିରଙ୍କ ମୃତଦେହ ବୁଧବାର ସକାଳେ ଉଦ୍ଧାର ହୋଇଛି। ଏହାକୁ ନେଇ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କହିଛନ୍ତି, ଆତଙ୍କବାଦୀମାନେ ଉପତ୍ୟକାର ଯୁବକମାନଙ୍କୁ ଉନ୍ନତ ଭବିଷ୍ୟତ ବାଛିବାକୁ ଅଟକାଇ ପାରିବେନାହିଁ। କଶ୍ମୀରରେ ହିଂସା ଅଧିକ ଦିନ ତିଷ୍ଠି ରହିବ ନାହିଁ। ଶବିରଙ୍କ ତ୍ୟାଗ ବେକାର ଯିବନାହିଁ। ଏହି ଦୁଃଖଦ ସମୟରେ ଭାଜପା ତାଙ୍କ ପରିବାର ସହିତ ଅଛି ବୋଲି ଶାହ ସାନ୍ତ୍ୱନା ଦେଇଛନ୍ତି।

# ପରଲୋକରେ ଗୁରୁଦାସ୍ କାମାଥ

**ନୂଆଦିଲ୍ଲୀ, ୨୨।୮ (ପି.ଟି.)**



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମହାରାଷ୍ଟ୍ରର ବରିଷ୍ଠ କଂଗ୍ରେସ ନେତା ଗୁରୁଦାସ୍ କାମାଥଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ସକାଳ ପ୍ରାୟ ୭ଟାରେ ଶ୍ୱାସକ୍ରିୟାରେ ଅସୁବିଧା ହେବାରୁ କାମାଥଙ୍କୁ ନୂଆଦିଲ୍ଲୀସ୍ଥିତ ଏକ ହସ୍ପିଟାଲକୁ ନିଆଯାଉଥିଲା। ହେଲେ ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା ବୋଲି ପାରିବାରିକ ସୂତ୍ରରୁ ପ୍ରକାଶ।

କାମାଥ ବସନ୍ତ ଏନ୍‌କ୍ଲେଭ୍ ବାସଭବନରେ ବୁଧବାର ସକାଳେ ଚା ପିଉଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ଡ୍ରାଇଭର ଚାଣକ୍ୟପୁରୀସ୍ଥିତ ପ୍ରାଇମସ୍ ହସ୍ପିଟାଲକୁ ନେଇଥିଲେ। ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାମାଥଙ୍କ ପରଲୋକ ଖବର ପାଇ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ତାଙ୍କର ଶେଷଦର୍ଶନ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଏକ ଜେଟ୍ ଏୟାର୍‌ୱେଜ୍ ବିମାନରେ କାମାଥଙ୍କ ମରଶରୀରକୁ ମୁମ୍ବାଇକୁ ନିଆଯିବା ପରେ ଗୁରୁବାର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। କାମାଥ ମଙ୍ଗଳବାର ରାତି ୧୧ଟା ୪୪ରେ 'ଇଦ୍ ମୁବାରକ୍' ବୋଲି ଟୁଇଟ୍ କରିଥିଲେ। ଇଦ୍-ଅଲ୍-ଆଧା ଅବସରରେ ଏହା ଥିଲା ତାଙ୍କ ଜୀବନର ଶେଷ ଟୁଇଟ୍। ମୁମ୍ବାଇରୁ ଲୋକସଭାରେ ୫ଥର ପ୍ରତିନିଧିତ୍ୱ କରିଥିବା କାମାଥ ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଥିଲେ। ଏହାସହ ତାଙ୍କୁ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା। ୨୦୧୧ରେ ସେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିଲେ।

# ଆଇଏସ୍ ପତାକା ଦେଖାଇ ଟେକାମାଡ଼

**ଶ୍ରୀନଗର, ୨୨।୮ (ପି.ଟି.)**

ଇଦ୍-ଅଲ୍-ଆଧା ପାଳନ ବେଳେ ଶ୍ରୀନଗର ସମେତ ଉପତ୍ୟକାର ବିଭିନ୍ନ ସ୍ଥାନରେ ସ୍ଥାନୀୟ ଲୋକେ ସେନା ଉପରକୁ ଟେକାମାଡ଼ କରିଛନ୍ତି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ଅନନ୍ତନାଗ, ସୋପୋର ଓ କୁପ୍‌ୱାଡ଼ାରେ ମଧ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଶ୍ରୀନଗରର ଏକ ମସ୍‌ଜିଦ୍‌ରେ ଶ୍ରଦ୍ଧାଳୁମାନେ ସକାଳ ନମାଜ ପାଠ ପାଇଁ ଅପେକ୍ଷା କରିଥିବାବେଳେ କେତେଜଣ ଯୁବକ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲେ। ସେମାନେ 'ମୁସା ଆର୍ମି' (କଶ୍ମୀରରେ ଅଲ୍-କାଏଦା ମୁଖ୍ୟ ଜାକିର ମୁସାଙ୍କ ଗୋଷ୍ଠୀ) ବ୍ୟାନରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟେକାମାଡ଼ରେ କେତେଜଣ ଯବାନ ଆହତ ହୋଇଛନ୍ତି।

# ନାବାଳିକାଙ୍କୁ ୧୧ ମାସ ବଳାତ୍କାର

**ବାଲିଆ, ୨୨।୮ (ପି.ଟି.)**

ଉତ୍ତରପ୍ରଦେଶରେ ଆଉ ଏକ ଲଜ୍ଜା ସାମ୍ନାକୁ ଆସିଛି। ବାଲିଆ ଜିଲାର ସୁଖପୁରା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ୧୧ ମାସ ବଳାତ୍କାର କରାଯାଇଛି। ୧୫ ବର୍ଷୀୟା ପୀଡ଼ିତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ପ୍ରେମିକ ଦୀର୍ଘଦିନ ଯୌନ ଶୋଷଣ କରିଛନ୍ତି। ଏନେଇ ଅଭିଯୋଗ ହେବା ପରେ ଅଭିଯୁକ୍ତ ଅବିନିଶ୍ ସିଂ (୨୪)ଙ୍କୁ ଗିରଫ କରାଯାଇଛି।

## ଫୁର୍‌ସତ

# ଗୁରୁ କହନ୍ତି 'ସଲାମ୍', ଛାତ୍ର-'ଜୟ ଶ୍ରୀରାମ'

**କରାଚି:** ପାକିସ୍ତାନର କରାଚି ନଗରୀ ଅନ୍ତର୍ଗତ ଶାନ୍ତି ଏରିଆରେ ଏକ ହିନ୍ଦୁ ମନ୍ଦିର ଅଛି। ସେଠାରେ ଜଣେ ମୁସଲମାନ ଶିକ୍ଷୟିତ୍ରୀ ଅନୁମ ଆଘା ପାରମ୍ପରିକ ପୋଷାକ ହିଜାବ ପରିଧାନ କରି 'ସଲାମ୍' କହି ଅଭିବାଦନ କରିବା ବେଳେ ହିନ୍ଦୁ ଛାତ୍ରୀଛାତ୍ରମାନେ 'ଜୟ ଶ୍ରୀରାମ' କହି ସ୍ୱାଗତ କରିଥାଆନ୍ତି। ଅନୁମ ଏଠାରେ ଥିବା ବସ୍ତି ଅଞ୍ଚଳରେ ଏକ ସ୍କୁଲ ଖୋଲି ପିଲାଙ୍କୁ ଶିକ୍ଷାଦାନ କରନ୍ତି। କିନ୍ତୁ ଏହି ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମୌଳିକ ଅଧିକାର ସମ୍ପର୍କରେ ସଚେତନ କରାଇବାକୁ ଅନୁମ ପ୍ରତିଶ୍ରୁତିବଦ୍ଧ। ଏହି ବସ୍ତି ଅଞ୍ଚଳରେ ୮୦ରୁ ୯୦ ହିନ୍ଦୁ ପରିବାର ବାସ କରନ୍ତି। ବିଗତ ବର୍ଷେ ହେଲା ସେ ଏକ ମନ୍ଦିର ବେଢ଼ା ଭିତରେ ପିଲାଙ୍କୁ ଶିକ୍ଷା ଦିଅନ୍ତି। ୬୦ଦଶକରେ ସିନ୍ଧ୍‌ର ଘୋଟକି ଅଞ୍ଚଳରୁ କେତେକ ହିନ୍ଦୁ ପରିବାର ପଳାଇ ଆସି ଏଠାରେ ବସତି ସ୍ଥାପନ କରିଥିଲେ। ନିକଟରେ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ବସ୍ତିରୁ ଜଳ ଓ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଛନ୍ତି।



କିଛିବର୍ଷ ତଳେ ଜଣେ ମୁସଲମାନ ଯୁବକ ସେହି ଅଞ୍ଚଳରେ ମସ୍‌ଜିଦ୍ ସ୍ଥାପନ ପାଇଁ ଜିଦ୍ ଧରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଅନୁମ ଅନୁସୂଚିତ ବର୍ଗର ଏହି ହିନ୍ଦୁ ପରିବାର ପିଲାଙ୍କୁ ପାଠ ପଢ଼ାଇବା ଏବଂ ସେହି ସମ୍ପ୍ରଦାୟ ସହିତ ସମ୍ପର୍କ ରଖୁଥିବାରୁ କେତେକ ମୁସଲମାନ ପସନ୍ଦ କରନ୍ତି ନାହିଁ। ମୁଁ ପିଲାଙ୍କୁ 'ସଲାମ' କହିବା ବେଳେ ସେମାନେ ମୋତେ 'ଜୟ ଶ୍ରୀରାମ' କହିଥାଆନ୍ତି ବୋଲି ଅନୁମ୍ ପ୍ରକାଶ କରିଛନ୍ତି। ମୁସଲମାନ ବହୁଳ ରାଷ୍ଟ୍ରରେ ଏକ ଭିନ୍ନ ସମ୍ପ୍ରଦାୟ ପ୍ରତି କିପରି ସମ୍ମାନ ପ୍ରଦର୍ଶନ କରଯାଏ ଏହି ସ୍କୁଲ୍ ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି ସେ ପ୍ରକାଶ କରିଛନ୍ତି।

# ଜିପିଏସ୍ ଉଦ୍ଭାବନ କଲେ ଛାତ୍ରୀ

**କୋଟା(ରାଜସ୍ଥାନ):** ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଏକ ଅଭିନବ ଉପକରଣ ବିକଶିତ କରିଛନ୍ତି। ଏହାକୁ ମହିଳା ହାତଘଣ୍ଟାରେ ସଂଲଗ୍ନ କରିପାରିବେ। ଇଣ୍ଟରନେଟ୍ ବିନା ବିପଦ ସମୟରେ ପରିବାର ସଦସ୍ୟଙ୍କ ପାଖକୁ ଜରୁରୀ ଖବର ପଠାଇ ଦିଆଯାଇ ପାରିବ। ଭବ୍ୟା ଅଗ୍ରୱାଲ୍ ନାମ୍ନୀ ଏହି ଛାତ୍ରୀ ତାଙ୍କ ବିଜ୍ଞାନଭିତ୍ତିକ ପ୍ରକଳ୍ପର ବିସ୍ତୃତ ବିବରଣୀ ନମୋ ଆପ୍ (ପ୍ରଧାନମନ୍ତ୍ରୀଙ୍କ ସରକାରୀ ଆପ୍)ରେ ଅପଲୋଡ୍ କରିଛନ୍ତି। କାରଣ ଏହି ଯନ୍ତ୍ରକୁ କ୍ଷୁଦ୍ର ଆକୃତିର କରିବା ପାଇଁ ସେ ପାଣ୍ଠି ଆବଶ୍ୟକ କରନ୍ତି। ବର୍ତ୍ତମାନ ଏହି ଡିଭାଇସ୍‌ର ଓଜନ ୫୦୦ଗ୍ରାମ୍। ଗଣିତ ଓ ବିଜ୍ଞାନ ବିଷୟ ପ୍ରତି ଶ୍ରଦ୍ଧାଶୀଳ

**ମହିଳାଙ୍କ ପାଇଁ ସୁରକ୍ଷା କବଚ**



ଭବ୍ୟା(୧୭) କହନ୍ତି, ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ଅତ୍ୟାଚାର ମୋତେ ଏଭଳି ଯନ୍ତ୍ରାଂଶ ବିକାଶ କରିବାକୁ ପ୍ରେରଣା ଯୋଗାଇଥିଲା। ଏହି ଡିଭାଇସ୍ ଦ୍ୱାରା ସେମାନେ ତତ୍କାଳ ସହାୟତା ପାଇପାରିବେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଥରେ କିମ୍ବା ଦୁଇଥର ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୫.୩ |
| ଚାନ୍ଦବାଲି | ୩୩.୪ | ୨୫.୬ |
| କଟକ | ୩୧.୮ | ୨୫.୪ |
| ପାରାଦ୍ୱୀପ | ୩୨.୯ | ୨୭.୩ |
| ଭୁବନେଶ୍ୱର | ୩୨.୭ | ୨୬.୦ |
| ଗୋପାଳପୁର | ୩୬.୨ | ୨୭.୮ |
| ପୁରୀ | ୩୪.୬ | ୨୫.୬ |
| ଅନୁଗୋଳ | ୩୦.୧ | ୨୩.୦ |
| ବାରିପଦା | ୩୨.୨ | ୨୬.୬ |
| ଝାରସୁଗୁଡ଼ା | ୨୮.୦ | ୨୪.୪ |
| କେନ୍ଦୁଝର | ୨୮.୧ | ୨୨.୯ |
| ସମ୍ବଲପୁର | ୨୮.୬ | ୨୨.୯ |
| ସୁନ୍ଦରଗଡ଼ | ୩୨.୦ | ୧୮.୦ |
| ହୀରାକୁଦ | ୨୯.୫ | ୨୧.୨ |
| ତାଳଚେର | ୩୩.୧ | ୨୫.୪ |
| ଭବାନୀପାଟଣା | ୩୧.୬ | ୨୪.୮ |
| ବଲାଙ୍ଗୀର | ୨୯.୫ | ୨୫.୦ |
| କୋରାପୁଟ | ୨୬.୦ | ୧୯.୮ |
| ଫୁଲବାଣୀ | ୨୮.୨ | ୨୧.୬ |
| ଟିଟିଲାଗଡ଼ | ୩୧.୦ | ୨୨.୦ |
| ମାଲକାନଗିରି | ୩୦.୦ | ୨୩.୮ |
| ସୋନପୁର | ୩୦.୦ | ୨୩.୨ |
| ଦାରିଙ୍ଗିବାଡ଼ି | ୨୫.୦ | ୧୮.୦ |
| ଢେଙ୍କାନାଳ | ୩୦.୬ | ୨୪.୮ |

ଡିଗ୍ରୀ ସେଲ୍‌ସିୟସ୍

# 'ଲଭ୍ ସୋନିଆ' ପାଇଁ ପ୍ରତିବନ୍ଧକ ଦୂର ହେବ

**ମୁମ୍ବାଇ:** ମହିଳା ଚୋରାଚାଲାଣ ଉପରେ ଆଧାରିତ ଫିଲ୍ମ 'ଲଭ୍ ସୋନିଆ'ର କୌଣସି ଅଂଶ ନ କାଟି ଏହାର ରିଲିଜ୍ ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି) ପଥ ପରିଷ୍କାର କରିବ ବୋଲି ଅଭିନେତା ମନୋଜ ବାଜପେୟୀ ଆଶାୟୀ ଅଛନ୍ତି। ତାଙ୍କ କହିବାନୁଯାୟୀ, ଲଭ୍ ସୋନିଆ ମହିଳା ଚୋରାଚାଲାଣ ପ୍ରସଙ୍ଗକୁ ନେଇ ଗଢ଼ିଉଠିଛି। ସେନ୍‌ସର ବୋର୍ଡ ସମ୍ଭବତଃ ଖୁବ୍‌ଶୀଘ୍ର ଏହାକୁ ପାସ୍ କରାଇବେ। ତେବେ ଏହାର କୌଣସି ଭାଗ ନ କାଟିବାକୁ ସେ ଅନୁରୋଧ କରିଛନ୍ତି। କାରଣ ମହିଳା ଚୋରା ଚାଲାଣ ଆମ ସମାଜର ଏକ ବଡ ସମସ୍ୟା ଏବଂ ଭୟଙ୍କର ଅପରାଧ। ଏପରି କି ବାଳିକାମାନେ ମଧ୍ୟ ଏହାଦ୍ୱାରା ଯୌନ ଶୋଷଣର ଶିକାର ହେଉଛନ୍ତି। ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ଏହାକୁ ଅନେକ ଦର୍ଶକ ଦେଖି ପ୍ରଶଂସା କରିଥିବା ମନୋଜ କହିଛନ୍ତି। ସୋନିଆ ହେଉଛି ଭାରତର ଗ୍ରାମୀଣ ସଭ୍ୟତାରେ ବଢ଼ିଥିବା ଜଣେ ଯୁବତୀ। ସେ ନିଷ୍ଠୁର ଅନ୍ତର୍ଜାତୀୟ ଦେହ ବ୍ୟବସାୟ ନେଟ୍‌ୱାର୍କରେ ଫସିଯିବା ପରେ ଜୀବନରେ ପରିବର୍ତ୍ତନ ଦେଖାଦେଇଛି।



DHARITRI

ରାୟଗଡ଼ା, ଗୁରୁବାର, ଅଗଷ୍ଟ ୨୩/୨୦୧୮ | Rayagada, Thursday, August 23 / 2018 | ପୃଷ୍ଠା-୧



**ଦିଶାଙ୍କୁ ଜଣା ଚର୍ଚ୍ଚାରେ ରହିବାର କାଇଦା**

ବଲିଓଡ ଅଭିନେତ୍ରୀ ଦିଶା ପଟାନିଙ୍କୁ ଘାରିଛି ବିକିନି ନିଶା। ବିକିନି ପିନ୍ଧି ସେ ବିଭିନ୍ନ ପୋଜ୍‌ର ଫଟୋ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ୧୦

୧୨ **ଶୁଟିଂରେ ସର୍ନୋବତଙ୍କୁ ସ୍ୱର୍ଣ୍ଣ**

ପ୍ରଥମ ଭାରତୀୟ ମହିଳା ଶୁଟର ଭାବେ ରାହି ସର୍ନୋବତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଛନ୍ତି।





Arindam Roy
Actor

PLEDGE 'PLASTIC-FREE' ODISHA

#PlasticFreeOdisha

ଧରିତ୍ରୀ DHARITRI TEAM

02 OCTOBER

# ୩ ଜଣଙ୍କୁ ଘାଇଲା କଳା ଭାଲୁ

**ଜୟପୁର/ବୈପାରୀଗୁଡ଼ା, ୨୨।୮(ନି.ପ୍ର./ଡି.ଏନ୍.ଏ.)**

**ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ସମସ୍ତେ**

ଭାଲୁ ଆକ୍ରମଣରେ ଗୋଟିଏ ଦିନରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ୩ ଜଣଙ୍କ ମଧ୍ୟରୁ ୨ ଜଣ ଚାଷୀ ଜୟପୁର ବ୍ଲକ ଅନ୍ତର୍ଗତ ଗଡ଼ପଦର ଓ ଏବେ ଅନ୍ୟଜଣେ ବୈପାରୀଗୁଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ଭାଲୁ ଉପଦ୍ରବ ଏବେ ସ୍ଥାନୀୟ ଲୋକଙ୍କୁ ଆତଙ୍କିତ କରିଛି।

ସୂଚନା ଅନୁଯାୟୀ, ଗଡ଼ପଦର ଗ୍ରାମର ଯୁଧିଷ୍ଠିର ପେଣ୍ଡିଆ (୪୬) ବୁଧବାର ସକାଳୁ ନିଜ ଜମିକୁ ଯିବା ସମୟରେ ୩ଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ । ଏଥିରୁ ବର୍ତ୍ତିବା ପାଇଁ ସେ ବୁଦା ଭିତରେ ପଶିଯାଇଥିଲେ। ତାଙ୍କ ଚିତ୍କାର ଶୁଣି ଲୋକେ ସେଆଡ଼କୁ ଦୌଡ଼ିବାରୁ ଭାଲୁମାନେ ସେଠାରୁ ପଳାଇଥିଲେ। ଭାଲୁଙ୍କ ଆକ୍ରମଣରେ ଯୁଧିଷ୍ଠିରଙ୍କ ପିଠି ଓ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇଛି। ୧୦୮ ଆମ୍ବୁଲାନ୍ସ ଡକାଇଥିଲେ ମଧ୍ୟ ତାହା ନ ଆସିବାରୁ ଅଟୋରେ ଯୁଧିଷ୍ଠିରଙ୍କୁ ଜୟପୁର ଜିଲା ଚିକିତ୍ସାଳୟ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ☞ପୃଷ୍ଠା-୨

# ମହୁମାଛି ଆକ୍ରମଣରେ ୮ ଗୁରୁତର

**ଚନ୍ଦାହାଣ୍ଡି, ୨୨।୮(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସରଧାପୁର ପଞ୍ଚାୟତର ଜାମପଡା ଏବଂ ସରଧାପୁର ଗ୍ରାମର ଗୋଟିଏ ପରିବାରର ୮ଜଣ ମହୁମାଛି ଆକ୍ରମଣରେ ଆହତ ହୋଇଛନ୍ତି। ସେମାନଙ୍କୁ ଚନ୍ଦାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସରଧାପୁର ଗ୍ରାମର ବସନ୍ତ ବିଶୋଇଙ୍କ ପରିବାର ଲୋକେ ଜମିକୁ ଯାଉଥିବା ସମୟରେ ହଠାତ ମହୁମାଛିର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଦୁଇଜଣ ଛାତ୍ର ବିଶ୍ୱଜିତ ବିଶୋଇ (୧୧), ଲୋକରଞ୍ଜନ ବିଶୋଇ (୭) ଏବଂ ପ୍ରମିଳା ବିଶୋଇ, ବିଧିର ବିଶୋଇ, ହେମନ୍ତ ବିଶୋଇ, ଜାମପଡାର କରୁଣା ନାଏକ, ଲାଲସାହି ନାଏକ, ଅମର ବିଶୋଇ ରହିଥିବା ଜଣାପଡିଛି। ଏକ ବୋଲେରୋରେ ସମସ୍ତଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।

# ନୂଆ ଯୋଜନା ପାଇଁ ପୁରୁଣା ଅଡୁଆ

**ଅନିଲ ଦାସ**
**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

- ପକ୍କାଘର ପାଇବାରୁ ବାଦ ପଡ଼ିବେ ୫୦ ହଜାର ଆଇଏୱାଇ ହିତାଧିକାରୀ
- କିସ୍ତି ନ ଫେରାଇଲେ ହେବ ମାମଲା



କେନ୍ଦ୍ରରେ ସରକାର ବଦଳିଲା। କଂଗ୍ରେସ ପରିଚାଳିତ ଉପା ସରକାର ବିଦା ହୋଇ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର କ୍ଷମତାସୀନ ହୋଇଛନ୍ତି। ପୂର୍ବ ସରକାରଙ୍କ ବିଭିନ୍ନ ଯୋଜନାର ନାମ ମଧ୍ୟ ପରିବର୍ତ୍ତନ ହୋଇଛି। ଗ୍ରାମାଞ୍ଚଳ ଲୋକମାନଙ୍କୁ ପକ୍କାଘର ଯୋଗାଇ ଦେବାକୁ କାର୍ଯ୍ୟକାରୀ ହେଉଥିବା ଇନ୍ଦିରା ଆବାସ ଯୋଜନା(ଆଇଏୱାଇ) ବଦଳରେ ଏବେ କାର୍ଯ୍ୟକାରୀ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମଏୱାଇ-ଜି)। ତେବେ ଆଇଏୱାଇ ସମୟରେ ପକ୍କାଘର ପାଇଥିବା ୪୮ ହଜାର ୪୯୦ ହିତାଧିକାରୀ କେନ୍ଦ୍ର ସରକାରଙ୍କ ପିଏମଏୱାଇ-ଜିରୁ ବାଦ୍ ପଡ଼ିବେ। ୨୦୧୩-୧୪ରୁ ୨୦୧୫-୧୬ରେ ମଧ୍ୟ ଉକ୍ତ ହିତାଧିକାରୀମାନଙ୍କୁ ପକ୍କାଘର ନିର୍ମାଣ ପାଇଁ ୱାର୍କ ଅର୍ଡର(କାର୍ଯ୍ୟାଦେଶ) ଦିଆଯାଇଥିଲା। ସେମାନେ ଗୋଟିଏ କିମ୍ବା ଦୁଇଟି କିସ୍ତି ନେଇ ଘର ଅଧାକରି ଛାଡ଼ି ଦେଇଛନ୍ତି। ଦୀର୍ଘ ୫ ବର୍ଷ ପରେ ମଧ୍ୟ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଏହି ହିତାଧିକାରୀମାନେ ଗୃହ ନିର୍ମାଣ ଶେଷ କରୁନାହାନ୍ତି। ଏହାକୁ ନେଇ ରାଜ୍ୟ ସରକାର ଚିନ୍ତାରେ ପଡିଛନ୍ତି। ୨୦୧୯ ସୁଦ୍ଧା ରାଜ୍ୟରେ କୌଣସି ଗରିବ ଲୋକର କଚାଘର ରହିବ ନାହିଁ ବୋଲି କେନ୍ଦ୍ର ସରକାର ଯେଉଁ ଟାର୍ଗେଟ ଦେଇଛନ୍ତି ସେହି ଲକ୍ଷ୍ୟ ପୂରଣ ନେଇ ମଧ୍ୟ ଆଶଙ୍କା ଦେଖାଦେଇଛି।

ପଞ୍ଚାୟତିରାଜ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଆଇଏୱାଇରେ ସାମିଲ ହୋଇଥିବା ୪୮,୪୯୦ ହିତାଧିକାରୀ ଏବେ ତ୍ରିଶଙ୍କୁ ଅବସ୍ଥାରେ ରହିଛନ୍ତି। ୨୦୧୩-୧୪ରେ ରାଜ୍ୟର ବିଭିନ୍ନ ଜିଲାରେ ୮୩୨୨ ଜଣ ହିତାଧିକାରୀ କିସ୍ତି ନେଇ ଘର ନିର୍ମାଣ କରି ନ ଥିବା ବେଳେ ୨୦୧୪-୧୫ରେ ୧୫ ହଜାର ୧୬୩ ଏବଂ ୨୦୧୫-୧୬ରେ ୨୫,୦୦୫ କିସ୍ତି ନେଇ ଘର ନିର୍ମାଣ ସମ୍ପୂର୍ଣ୍ଣ କରିନାହାନ୍ତି। ଦୀର୍ଘବର୍ଷ ହେବ ସେହି ଘରଗୁଡିକ ଅଧାପନ୍ତରିଆ ହୋଇ ପଡିରହିଛି। ଇତିମଧ୍ୟରେ ଯୋଜନା ନାମ ବଦଳିବା ସହ ଗୃହ ନିର୍ମାଣ ମୂଲ୍ୟ(ୟୁନିଟ୍ କଷ୍ଟ) ମଧ୍ୟ ଦ୍ୱିଗୁଣିତ ହୋଇଗଲାଣି। ୨୦୧୩-୧୪ରେ ଆଇଏୱାଇ ଯୋଜନାରେ ୟୁନିଟ ମୂଲ୍ୟ ଇଣ୍ଟିଗ୍ରେଟେଡ ଆକ୍ସନ ପ୍ଲାନ(ଆଇଏପି) ଅନ୍ତର୍ଭୁକ୍ତ ଏସ୍‌ସି/ଏସ୍‌ଟି ବହୁଳ ଓ ପଛୁଆ ଜିଲାଗୁଡିକ ପାଇଁ ୭୫ ହଜାର ଟଙ୍କା ଥିବା ବେଳେ ନନ୍ ଆଇଏପି ଜିଲା ପାଇଁ ୭୦ ହଜାର ଟଙ୍କା ଥିଲା। ପିଏମଏୱାଇ-ଜି କାର୍ଯ୍ୟକାରୀ ହେବା ପରେ ୟୁନିଟ ମୂଲ୍ୟ ଆଇଏପି ଅଞ୍ଚଳରେ ୧ ଲକ୍ଷ ୩୦ ହଜାର ଟଙ୍କା ଓ ଅଣ ଆଇଏଏପିରେ ୟୁନିଟ ପିଛା ୧ ଲକ୍ଷ ୨୦ ହଜାର ଟଙ୍କା ହୋଇଛି। ଏହାଛଡା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)ରେ ଯଥାକ୍ରମେ ୯୫ ଓ ୯୦ ଦିନର ମଜୁରି ବାବଦରେ ୧୫ ହଜାରରୁ ୧୬ ହଜାର ଟଙ୍କା ଏବଂ ପାଇଖାନା ତିଆରି କରିବାକୁ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣ ପାଇଁ ଅତିରିକ୍ତ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏ ସବୁକୁ ମିଶାଇଲେ ଘର ନିର୍ମାଣ ମୂଲ୍ୟ ଦେଢଲକ୍ଷକୁ ଟପି ଯାଉଛି। ଏହାଛଡା ପକ୍କାଘର ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ବ୍ୟବସ୍ଥା ମଧ୍ୟ କରିଛନ୍ତି। ଯେଉଁ ହିତାଧିକାରୀ ୪ ମାସରେ ଘର ଶେଷ କରିବେ ତାଙ୍କୁ ପ୍ରୋତ୍ସାହନ ରାଶି ବାବଦରେ ୨୦ ହଜାର ଓ ୬ ମାସରେ ଶେଷ କଲେ ୧୦ ହଜାର ଟଙ୍କା ଦେବାର ☞ପୃଷ୍ଠା-୨

ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

# କାର୍ଯ୍ୟରେ ଅବହେଳା ସିଆରସିସି ସମେତ ୨ ଶିକ୍ଷକ ନିଲମ୍ବିତ

**ଅନ୍ୟ ଜଣେ ଗଣ ଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ**

**କୋରାପୁଟ,୨୨।୮(ସ୍ୱ.ପ୍ର.)**

କାର୍ଯ୍ୟରେ ଅବହେଳା କରିବା ଅଭିଯୋଗରେ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଜଣେ ସିଆରସିସି ସମେତ ଦୁଇ ଜଣ ଶିକ୍ଷକ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ଅନ୍ୟଜଣେ ଗଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଗତ ୨୦ ତାରିଖରେ ଜିଲାପାଳଙ୍କ ଦଶମନ୍ତପୁର ଗସ୍ତ ପରିପ୍ରେକ୍ଷୀରେ ସ୍ଥାନୀୟ ବ୍ଲକର ଡେଙ୍ଗାଜାନିଗୁଡ଼ା ଗ୍ରାମ ବିଦ୍ୟାଳୟରେ ଶିକ୍ଷକ ଅନୁପସ୍ଥିତ ଥିବା ଦେଖିବାକୁ ପାଇଥିଲେ । ତେଣୁ ତୁରନ୍ତ ବିଦ୍ୟାଳୟର ସିଆରସିସି ମୃତ୍ୟୁଞ୍ଜୟ ଶତପଥୀଙ୍କ ସମେତ ଶିକ୍ଷୟିତ୍ରୀ ରଶ୍ମିତା ହିଆଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା ସହ ଅନୁପସ୍ଥିତ ରହିଥିବା ଗଣ ଶିକ୍ଷକ ମନୋଜ ଖୋସଲାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର କୋରାପୁଟ ଡିପିସି ମହେଶ୍ୱର ନାୟକ ଏହି ସିଆରସିସି, ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବାବେଳେ ଗଣ ଶିକ୍ଷକ ମନୋଜଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

# କୋଠାରେ ନିଆଁ: ୪ ଦଗ୍ଧ

**ମୁମ୍ବାଇ,୨୨।୮(ପି.ଟି.):** ମୁମ୍ବାଇର ଏକ ବହୁତଳ ବିଶିଷ୍ଟ ଆବାସିକ କୋଠାରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬ ଆହତ ହୋଇଛନ୍ତି। ମୁମ୍ବାଇର ପାରେଲରେ ୧୭ ମହଲା ବିଶିଷ୍ଟ କ୍ରିଷ୍ଟାଲ ଟାୱାର ବିଲ୍ଡିଂ ଅବସ୍ଥିତ। ସକାଳ ୮ଟା ୩୦ରେ ଏହାର ଦ୍ୱାଦଶ ମହଲାରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଫସିରହିଥିବା ଶତାଧିକ ଲୋକଙ୍କୁ ସେମାନେ ଉଦ୍ଧାର କରିଥିଲେ। ହେଲେ ସେତେବେଳ ଯାଏ ନିଆଁରେ ୪ ଜଣ ଜୀବନ୍ତ ଦଗ୍ଧ ହୋଇସାରିଥିଲେ। ଉଦ୍ଧାର କାର୍ଯ୍ୟ ବେଳେ ଜଣେ ଅଗ୍ନିଶମ କର୍ମଚାରୀ ଆହତ ହୋଇଛନ୍ତି। ସେହିପରି ଅନ୍ୟ ୯ ପୁରୁଷ ଓ ୬ ମହିଳା ମଧ କିଛି ମାତ୍ରାରେ ପୋଡ଼ିଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



ମୁମ୍ବାଇର ପାରେଲସ୍ଥିତ କ୍ରିଷ୍ଟାଲ ଟାୱାର ବିଲ୍ଡିଂରେ ନିଆଁ।

**ବଂଶାନୁକ୍ରମିକ ରୋଗର ନିରାକରଣ ଲାଗି କେନ୍ଦ୍ରର ନୂଆ ନୀତି**

# ବାଧ୍ୟତାମୂଳକ ହେବ ଗର୍ଭବତୀଙ୍କ ଜେନେଟିକ୍ ସ୍କ୍ରିନିଂ

**ନୂଆଦିଲ୍ଲୀ, ୨୨।୮(ପି.ଟି.)**

ଥାଲାସେମିଆ ଏବଂ ସିକଲ୍ ସେଲ୍ ଆନିମିଆ ଭଳି ବଂଶାନୁକ୍ରମିକ ରୋଗରେ ଅନେକେ ପୀଡ଼ିତ ହେଉଛନ୍ତି। ଏହି ପ୍ରାଣଘାତୀ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦେବା ଲାଗି କେନ୍ଦ୍ର ସରକାର ଏକ ଚିଠାନୀତି ନିର୍ଦ୍ଧାରଣ କରିଛନ୍ତି। ପ୍ରସ୍ତାବ ଅନୁଯାୟୀ ଏଣିକି ସମସ୍ତ ଗର୍ଭବତୀ ମହିଳାଙ୍କ ଜେନେଟିକ୍ ସ୍କ୍ରିନିଂ ପରୀକ୍ଷା ହେବ। ଏହାକୁ ବାଧ୍ୟତାମୂଳକ କରିବା ଲାଗି ଡ୍ରାଫ୍ଟ ପଲିସିରେ ସରକାର ଯୋଜନା କରିଛନ୍ତି। ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ ଆଧୁନିକ ପଦ୍ଧତି ଅବଲମ୍ବନ ହେବ ବୋଲି ମଧ୍ୟ ଜଣାପଡ଼ିଛି।

ନୂଆ ନୀତି ଅନୁଯାୟୀ ରକ୍ତଜନିତ ବଂଶାନୁକ୍ରମିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଗରିବ ରୋଗୀଙ୍କୁ ମାଗଣାରେ ମେଡିସିନ୍ ଓ ଅନ୍ୟାନ୍ୟ ଚିକିତ୍ସା ସୁବିଧା ଯୋଗାଇଦିଆଯିବ। 'ମେକ୍ ଇନ୍ ଇଣ୍ଡିଆ' ଆଧାରରେ ମଧ୍ୟ ଦେଶରେ ଥାଲାସେମିଆ ଏବଂ ସିକଲ୍ ସେଲ୍ ଆନିମିଆ ରୋଗର ଚିକିତ୍ସା ସାମଗ୍ରୀ ଓ ରସାୟନ ଉତ୍ପାଦନ ଲାଗି ପ୍ରୋତ୍ସାହନ ମିଳିବ। ସେହିପରି ଗରିବ ରୋଗୀଙ୍କ ପରିବାରକୁ ଆର୍ଥିକ ବୋଝରୁ ମୁକ୍ତି ଦେବା ଲାଗି ଚିକିତ୍ସା ସାମଗ୍ରୀ ଉପରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଏବଂ ସୀମା ଶୁଳ୍କ ଛାଡ଼ କରାଯିବ। କେନ୍ଦ୍ରର ଏହି ପ୍ରସ୍ତାବିତ ନୀତିକୁ 'ପଲିସି ଫର୍ ପ୍ରିଭେନ୍‌ଶନ୍ ଆଣ୍ଡ କଣ୍ଟ୍ରୋଲ୍ ଅଫ୍ ହେମୋଗ୍ଲୋବିନୋପାଥିସ୍-ଥାଲାସେମିଆ, ସିକଲ୍ ସେଲ୍ ଡିଜିଜ୍ ଆଣ୍ଡ ଭେରିଆଣ୍ଟ ହେମୋଗ୍ଲୋବିନ୍ସ ଇନ୍ ଇଣ୍ଡିଆ' ଭାବେ ନାମିତ କରାଯାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ସୂଚନା ପ୍ରଦାନ କରାଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନିଷିଦ୍ଧ ଆଣ୍ଟିବାୟୋଟିକ୍ସ**

**ଆଜିର ମନ୍ତବ୍ୟ**

"କୋଳାକୋଳି ପୁଞ୍ଜିବାଦକୁ ପ୍ରଶ୍ରୟ ଦେଇ କେନ୍ଦ୍ରରେ 'ସୁଟ୍-ବୁଟ୍-ଲୁଟ୍' ସରକାର ଚାଲିଛି ।"
-ଜୟରାମ ରମେଶ
କଂଗ୍ରେସ ନେତା

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 30,500/- 10gm.
Gold 22 CT - ₹ 29,500/- 10gm.
Silver Rate - ₹ 380/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
22.08.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

**ଫସଲ କ୍ଷତି ସହ ଋଣ ଭାର ଅସହ୍ୟ ହେଲା**

# କୀଟନାଶକ ପିଇ ୨ ଚାଷୀଙ୍କ ଆତ୍ମହତ୍ୟା

**ମାନେଶ୍ୱର/କଣ୍ଟାବାଞ୍ଜି, ୨୨।୮(ଡି.ଏନ୍.ଏ.)**

ବାରମ୍ବାର ଫସଲ ଉଜୁଡ଼ିଲା । ଚାଷ ପାଇଁ ଆଣିଥିବା ଋଣ ଭାର ଅସହ୍ୟ ହେଲା । ଋଣ ପରିଶୋଧ ପାଇଁ ଅନ୍ୟ କୌଣସି ଉପାୟ ବି ନ ଥିଲା । ଶେଷରେ କୀଟନାଶକ ପିଇ ଆତ୍ମହତ୍ୟାର ବାଟ ବାଛି ନେଲେ ୨ ଚାଷୀ। ମୃତ ଚାଷୀଦ୍ୱୟ ହେଲେ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲିଆ ଗ୍ରାମର ଲଳିତ ବାରିକ(୬୦) ଓ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କମେଇମୁଣ୍ଡା ଗ୍ରାମର ଶରତ ମାଝି(୪୫) । ଏହି ଘଟଣା ସାରା ପଶ୍ଚିମ ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଛି ।

ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ଲଳିତଙ୍କ ନିଜର ୧୦ ଏକର ଜମି ରହିଛି । ସେ ଆଉ ୧୫ ଏକର ଜମି ଭାଗରେ ନେଇ ଖରିଫ ଧାନ ଚାଷ କରିଥିଲେ । ଆଶା ଥିଲା ଏଥର ଭଲ ଫସଲ ହେବ । ସେ ପର୍ଯ୍ୟାପ୍ତ ଲାଭ ପାଇବେ । ହେଲେ ରୋଗ ପୋକ ଯୋଗୁ ତାଙ୍କ ଫସଲ ନଷ୍ଟ ହୋଇଯାଇଥିଲା। ଏହା ପରେ ଲଳିତ ଗାଁ ଜମିଦାର ଓ ବ୍ୟାଙ୍କରୁ ଋଣ କରି ପୁଣି ଥରେ ରବି ଫସଲ କରିଥିଲେ। ହେଲେ ଲଗାଣ ବର୍ଷାରେ ତାଙ୍କର ଫସଲ ଉଜୁଡି ଯାଇଥିଲା । ଦୁଇଥର ଫସଲ କ୍ଷତି ଯୋଗୁ ସେ ଭାଙ୍ଗି ପଡିଥିଲେ । ଋଣ ଶୁଝିବା ଚିନ୍ତା ତାଙ୍କୁ ବ୍ୟତିବ୍ୟସ୍ତ କରିଥିଲା। ଶେଷରେ ସେ ମାନସିକ ଭାରସାମ୍ୟ ହରାଇ ମଙ୍ଗଳବାର ସନ୍ଧ୍ୟାରେ ଘରେ ଥିବା କୀଟନାଶକ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କ ମୃତ୍ୟୁ ଘଟିଥିଲା । ଲଳିତଙ୍କ ପୁଅ ସରୋଜ ବାରିକ କହିଛନ୍ତି, ତାଙ୍କ ବାପା ପ୍ରାୟ ୧୭ ଲକ୍ଷ ଟଙ୍କା ଋଣ କରିଥିଲେ । ଫସଲ ବୀମା କରିଥିଲେ ମଧ୍ୟ ତାଙ୍କୁ ସେ ବାବଦରେ କୌଣସି କ୍ଷତିପୂରଣ ମିଳି ନ ଥିଲେ । ଶେଷରେ ସେ ଏପରି ପନ୍ଥା ବାଛି ନେଇଥିଲେ । ସେହିପରି ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କମେଇମୁଣ୍ଡା ଗ୍ରାମର ଚାଷୀ ଶରତ ମାଝି ଓରଫ ☞ପୃଷ୍ଠା-୨

# ହକି: ଭାରତର ସର୍ବବୃହତ୍ ବିଜୟ

**ଜାକର୍ତ୍ତା,୨୨।୮(ପି.ଟି.)**

ହକି ଇତିହାସରେ ଭାରତ ଏହାର ସର୍ବବୃହତ୍ ବିଜୟ ହାସଲ କରିଛି। ଏସିଆନ୍ ଗେମ୍ସରେ ପୁଲ ବି'ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ଦଳ ବୁଧବାର ୨୬-୦ ଗୋଲରେ ହଂକଂ ଚାଇନାକୁ ପରାସ୍ତ କରିଛି। ଏଥିସହ ଭାରତର ୮୬ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛି। ୧୯୩୨ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାରତ ୨୪-୧ ଗୋଲ ବ୍ୟବଧାନରେ ଆମେରିକାକୁ ପରାସ୍ତ କରିଥିଲା। କିମ୍ବଦନ୍ତୀ ଖେଳାଳି ଧ୍ୟାନ ଚାନ୍ଦ, ରୂପ ସିଂ ଓ ଗୁରମିତ ସିଂ ପ୍ରମୁଖ ସେହି ଦଳର ସଦସ୍ୟ ଥିଲେ। ଏହା ଏପର୍ଯ୍ୟନ୍ତ ଭାରତୀୟ ଦଳର ସର୍ବବୃହତ୍ ବିଜୟ ରେକର୍ଡ ହୋଇ ରହିଥିଲା। ଅନ୍ତର୍ଜାତୀୟ ହକିରେ କିନ୍ତୁ ସର୍ବବୃହତ୍ ବିଜୟ ରେକର୍ଡ ଏବେ ମଧ୍ୟ ନ୍ୟୁଜିଲାଣ୍ଡ ନାମରେ ରହିଛି। ୧୯୯୪ରେ ନ୍ୟୁଜିଲାଣ୍ଡ ୩୬-୧ ଗୋଲରେ ସାମୋଆକୁ ପରାସ୍ତ କରିଥିଲା।

ହଂକଂ ବିପକ୍ଷ ମ୍ୟାଚଟି ଏକତରଫାଭାବେ ଶେଷ ହୋଇଥିଲା। ଏଥିରେ ୧୪ ଜଣ ଭାରତୀୟ ଖେଳାଳି ଗୋଲ ଦେଇଥିଲେ। ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିମ୍ନ ର୍ୟାଙ୍କଧାରୀ ହଂକଂ (୪୫ତମ ର୍ୟାଙ୍କ୍) ଦଳ ଉପରେ ଭାରତ(୫ମ ର୍ୟାଙ୍କ୍) ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏମିତି କି ମ୍ୟାଚ୍‌ର ଅନ୍ତିମ ୭ ମିନିଟ୍ ଗୋଲକିପରଙ୍କ ବିନା ଖେଳିଥିଲା। ଏହା ସତ୍ତ୍ୱେ ହଂକଂ ଚାଇନା ଗୋଟିଏ ହେଲେ ଗୋଲ ପରିଶୋଧ କରିପାରି ନ ଥିଲା। ଭାରତ ପକ୍ଷରୁ ରୁପିନ୍ଦର ପାଲ ସିଂ ୩, ୫, ୩୦, ୪୫ ଓ ୫୯ତମ ମିନିଟ୍‌ରେ ସର୍ବାଧିକ ୫ଟି ଗୋଲ ଦେଇଥିଲେ। ତାଙ୍କ ବ୍ୟତୀତ ହରମନପ୍ରିତ ସିଂ (୨୯, ୫୨, ୫୩ ଓ ୫୪ତମ) ୪ଟି ଓ ଆକାଶଦୀପ ସିଂ (୨, ୩୨ ଓ ୩୫ତମ) ୩ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନପ୍ରିତ ସିଂ (୩ ଓ ୧୭ତମ), ଲଳିତ ଉପାଧ୍ୟାୟ (୧୭ ଓ ୧୯ତମ) ☞ପୃଷ୍ଠା-୨



ବୁଧବାର ଭାରତ ଓ ହଂକଂ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସ୍ୱାସ୍ଥ୍ୟକର ସ୍ଥିତିରେ ରହୁନି ପାରମ୍ପରିକ ଖାଦ୍ୟ

{ ଆମ୍ବ କୋଇଲି ଗୁଣ୍ଡ ନେଲାଣି ଅନେକ ଜୀବନ। ଅନାହାର ଓ ଭୋକର ତାଡନା ସହି ନ ପାରି କେଉଁଠି ଲୋକମାନେ ଆମ୍ବ କୋଇଲି ଗୁଣ୍ଡ ଖାଉଛନ୍ତି ତ ଆଉ କେଉଁଠି ପାରମ୍ପରିକ ଖାଦ୍ୟ ଭାବେ ଏହାକୁ ଗ୍ରହଣ କରାଯାଉଛି। ଏପରି ଅଖାଦ୍ୟ ପରବର୍ତ୍ତୀ ସମୟରେ ପରିବାର ପାଇଁ ଦୁଃଖ ଆଣିଦେଉଛି। }



ମଇନାପଦର ଗାଁରେ ଜିଲାପାଳଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

■ଆମ୍ବକୋଇଲି ପିଠା ଖାଇ ପରିବାରର ୩ ମୃତ୍ୟୁ ଘଟଣା

## ଅନାହାର ମୃତ୍ୟୁ ଅଭିଯୋଗ ଭିତ୍ତିହୀନ: ଜିଲାପାଳ

■ଗୁରୁତର ପ୍ରକାଶଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି
■ଜଙ୍ଗଲ ଅଧିକାର ଆଇନରେ ମିଳିଛି ପଟ୍ଟା, ଅଛି ରାଶନ କାର୍ଡ
■ପରିବାରର ଆର୍ଥିକ ଦୁରବସ୍ଥା ନଥିଲା
■ସଚେତନତା ଅଭାବ: ବିଷାକ୍ତ ଖାଦ୍ୟ ଖାଇବାରୁ ଘଟିଛି ମୃତ୍ୟୁ

ଝରିଗାଁ,୨୨।୮(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ମଇନାପଦର ଗ୍ରାମର କାମସାହିରେ ଆମ୍ବକୋଇଲି ପିଠା ଖାଇ ଗୋଟିଏ ପରିବାରର ୩ ଜଣଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ଏଥିରେ ଡମ୍ବରୁ ସାନ୍ତାଙ୍କ ଦୁଇ ବୋହୂ ସୁଧମଣି ସାନ୍ତା( ୩୦), ପ୍ରମିଳା ସାନ୍ତା(୨୮) ଓ ଝିଅ ନମିତା ସାନ୍ତା(୧୬)ଙ୍କ ମୃତ୍ୟୁ ଘଟିଥିଲା। ଡମ୍ବରୁଙ୍କ ନାତି ପ୍ରକାଶ ସାନ୍ତା(୬) ଗୁରୁତର ହୋଇ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିବା ଦେଖାଦେଇଛି। ବୁଧବାର ଜିଲାପାଳ ଡଃ ଅଜିତ କୁମାର ମିଶ୍ର ମଇନାପଦର ଗ୍ରାମକୁ ଗସ୍ତ କରି ଡମ୍ବରୁ ସାନ୍ତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଡମ୍ବରୁଙ୍କ ବଡ ପୁଅ ଅର୍ଜୁନଙ୍କୁ ଘଟଣା ସମ୍ପର୍କରେ ଜିଲାପାଳ ପଚାରି ବୁଝିଥିଲେ। ତେବେ ଡମ୍ବରୁଙ୍କ ପରିବାରର ଆର୍ଥିକ ସ୍ଥିତି ଖରାପ ନ ଥିବା ଜିଲାପାଳ ଜାଣିବାକୁ ପାଇଥିଲେ। ଡମ୍ବୁରଙ୍କ ତିନି ବଖରା ବିଶିଷ୍ଟ ପକ୍କା ଘର ରହିଛି। ସରକାରଙ୍କ ସମସ୍ତ ଯୋଜନାର ଲାଭ ସେମାନେ ପାଇଛନ୍ତି। ଜଙ୍ଗଲ ସୁରକ୍ଷା ଆଇନ ମୁତାବକ ୨୦୧୭ ମସିହାରେ ୬ .୧୫ ଏକରର ଜଙ୍ଗଲ ଜମି ପଟ୍ଟା ପାଇଛନ୍ତି। ସେହିପରି ଅର୍ଜୁନଙ୍କ ଟ୍ରାକ୍ଟର ରହିଛି। ଅର୍ଜୁନ ଗତ ବର୍ଷ ମକା ଚାଷ କରି ୩ ଲକ୍ଷ ଟଙ୍କା ଆୟ କରିଥିବା ବେଳେ ଚଳିତ ବର୍ଷ ମଧ୍ୟ ମକା ଚାଷରେ ପ୍ରାୟ ୩ ଲକ୍ଷ ଟଙ୍କା ଆୟ କରିବେ ବୋଲି କହିଥିଲେ। ସେହିପରି ନିଜ ଧାନ ଜମିରୁ ଆଦାୟ ହୋଇଥିବା ପ୍ରାୟ ୮୦ କେଜି ଚାଉଳ ନିଜ ଘରେ ଗଚ୍ଛିତ ରଖିଥିବା ଜିଲାପାଳ ଜାଣିବାକୁ ପାଇଥିଲେ। ସେହିପରି ଡମ୍ବରୁଙ୍କ ସ୍ତ୍ରୀ ନିଲାଇ ସାନ୍ତା, ବଡ ବୋହୂ ସୁଧମଣୀ ସାନ୍ତା ଏବଂ ସାନ ବୋହୂ ପ୍ରମିଳା ସାନ୍ତାଙ୍କ ନାମରେ ରାଶନ କାର୍ଡ ରହିଛି। ଏପରିକି ଅଘଟଣ ଘଟିବାର ଗୋଟିଏ ଦିନ ପୂର୍ବରୁ ଗୁରୁସିଙ୍ଗା ପଞ୍ଚାୟତରୁ ରାଶନ କାର୍ଡରେ ଚାଉଳ ପାଇଥିବା ନେଇ ଅର୍ଜୁନ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ସେମାନେ ଫସଲ ବୀମା କରିଥିବା ମଧ୍ୟ ଜିଲାପାଳ ଜାଣିବାକୁ ପାଇଥିଲେ। ପରିବାର ଲୋକ ଅନାହାରରେ ଥିଲେ ଏବଂ ଖାଦ୍ୟ ଖାଇବାକୁ ପାଉନଥିଲେ ହେଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ । ସେମାନଙ୍କର କୌଣସି ଆର୍ଥିକ ଦୁରବସ୍ଥା ନଥିଲା ବୋଲି ଜିଲାପାଳ କହିଛନ୍ତି। ଏହି ସମୟରେ ଜିଲାପାଳଙ୍କ ସହ ପିଡି ଲକ୍ଷ୍ମୀଧର ଦାସ, ବିଡିଓ ରୁନୁ ଲାକ୍ରା, ତହସିଲଦାର କ୍ଷମାନିଧି ଭୋଇ, ଡାକ୍ତର ସ୍ମୃତି ମଧୁସ୍ମିତା , ଏମଏଚୟୁ ଡାକ୍ତର ସନ୍ତୋଷ ପ୍ରଧାନ, ସିଡିପିଓ ବାସନ୍ତି ପଣ୍ଡା, ଗୁରୁସିଙ୍ଗା ପଞ୍ଚାୟତ ପିଇଓ ସଂଗ୍ରାମ ପଟ୍ଟନାୟକ, ବିପିଏମ୍ ଜଗନ୍ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆମ୍ବକୋଇଲିରୁ ଖାଦ୍ୟ ପ୍ରସ୍ତୁତି

ସାଧାରଣତଃ ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ଅଞ୍ଚଳରେ ପରମ୍ପରାଗତ ଭାବେ ଏହାକୁ ଲୋକମାନେ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ଖରାଦିନେ ଆମ୍ବ କୋଇଲିକୁ ଶୁଖାଇ ଗୁଣ୍ଡ କରି ଘରେ ରଖିଥାନ୍ତି। ବର୍ଷାଦିନେ ଏହାକୁ ଖାଇଥାନ୍ତି। ଆମ୍ବ କୋଇଲି ଗୁଣ୍ଡକୁ ଗରମ ପାଣିରେ ଛାଣି କସ ପାଣି ବାହର କରିଥାନ୍ତି। ପରେ ପେଯ ଓ ପିଠା ସହ ଖାଇଥାନ୍ତି । ଏହାକୁ ଧନୀ, ଗରିବ ସମସ୍ତେ ଖାଇଥାନ୍ତି।



## ଆର୍ଦ୍ରତା ଯୋଗୁ ବିଷାକ୍ତ ହୋଇଥାଏ ଖାଦ୍ୟ

" ଆମ୍ବକୋଇଲି ଗୁଣ୍ଡ ସାଧାରଣତଃ ହଠାତ ବିଷାକ୍ତ ହୋଇ ନ ଥାଏ। ଏହା ସନ୍ତସନ୍ତିଆ ସ୍ଥାନରେ ରହିବା, ଆର୍ଦ୍ରତା ସମ୍ପର୍ଶରେ ଆସିବା ପରେ ଫିମ୍ପି ମାରିଥାଏ। ଏଥିରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଏ। ଏହାକୁ ଖାଇବା ପରେ ଫୁଡ ପଏଜନିଂ ହୋଇଥାଏ। ଖାଇବାର ୬ ଘଣ୍ଟା ପରେ ଝାଡାବାନ୍ତି ହୋଇ ରୋଗୀ ଗୁରୁତର ହୋଇପଡିଥାଏ।

-ଦେବବ୍ରତ ଡାକୁଆ, ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ

## ଲୋକଙ୍କୁ ସଚେତନତା କରାଯିବ

" ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ସିଡିପିଓମାନଙ୍କୁ ନେଇ ଗାଁରେ ସଚେତନ କରାଯିବ। ଦୁର୍ଗମ ଅଞ୍ଚଳରେ ଲୋକମାନେ ଖାଉଥିବା ଆମ୍ବ କୋଇଲି ଗୁଣ୍ଡ , ବାଉଁଶ କରୀକୁ ନ ଖାଇବା ପାଇଁ ଲୋକମାନେ ସଚେତନ କରାଯିବ।

-ନିମାଇଁ ଚରଣ ସ୍ୱର୍ଣ୍ଣକାର,
ଜିଲା ସମାଜ କଲ୍ୟାଣ ଅଧିକାରୀ

ନବରଙ୍ଗପୁର(ବି.ପ୍ର.)/କାଶୀପୁର/୨୨।୮(ଡି.ଏନ୍.ଏ.)

ଆମ୍ବ ଟାକୁଆରୁ ପ୍ରସ୍ତୁତ ଖାଦ୍ୟ ଖାଇ ମୃତ୍ୟୁ ହେବା ଘଟଣା ଦକ୍ଷିଣ ଓଡ଼ିଶା ବିଶେଷ କରି କେବିକେ ଜିଲା ପାଇଁ ନୂଆ ନୁହେଁ। ପୂର୍ବରୁ ମଧ୍ୟ ଏଭଳି ଅନେକ ନଜିର ରହିଛି। ତେବେ ପୂର୍ବର ପ୍ରାୟ ଘଟଣା ଅନାହାର ଜନିତ ଥିବାବେଳେ ଗତ ମଙ୍ଗଳବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ମଇନାପଦର ଗାଁରେ ଯେଉଁ ଅଭାବନୀୟ ଘଟଣା ଘଟିଲା, ତାହା ପଛର କାରଣ ଭିନ୍ନ ଥିଲା। କେବିକେ ଜିଲା ଅଧୀନରେ ଯାଉଥିବା ନବରଙ୍ଗପୁର ଅଞ୍ଚଳରେ ଆଦିବାସୀମାନଙ୍କର ଅନେକ ପ୍ରକାର ପାରମ୍ପରିକ ଖାଦ୍ୟ ରହିଛି। ତାହା ଭିତରୁ ଆମ୍ବ ଟାକୁଆର ପ୍ରସ୍ତୁତ ପିଠା ମଧ୍ୟ ରହିଛି। ଏହା ବାଦ୍ ବାଉଁଶ କରଡ଼ି, ବିଭିନ୍ନ ପ୍ରକାର ଜଙ୍ଗଲି ଛତୁ ଓ ଶାଗ ମଧ୍ୟ ସେମାନେ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ସଚେତନତା ଅଭାବରୁ ଏସବୁ ଖାଦ୍ୟ ଖାଇ ସେମାନେ ଅନେକ ସମୟ ଅସୁସ୍ଥ ହେବା ଓ ଜୀବନ ହାରିବା ଭଳି ଘଟଣା ଘଟିଆସୁଛି ଆଦିବାସୀ ଇଲାକାରେ।

ବିଶେଷକରି ବର୍ଷାଦିନରେ ଏଭଳି ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହେବା ଘଟଣା ବେଶୀ ଘଟୁଥିବା ଦେଖିବାକୁ ମିଳେ। ନବରଙ୍ଗପୁର ଜିଲା ମଇନାପଦର ଗାଁରେ ଆମ୍ବ ଟାକୁଆରୁ ପ୍ରସ୍ତୁତ ପିଠା ଖାଇ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଅସୁସ୍ଥ ରହିଛନ୍ତି। ନବରଙ୍ଗପୁର ଜିଲାରେ ଏଭଳି ଖାଦ୍ୟ ଖାଇ ମୃତ୍ୟୁ ହେବା ପ୍ରଥମ ହୋଇଥିବା ବେଳେ ଏହି ଖାଦ୍ୟ ଖାଇଥିବା ପରିବାର ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ। କିନ୍ତୁ ଏହାସତ୍ତ୍ୱେ ଏଭଳି ଘଟିବା ପଛରେ ରହିଛି ସେମାନେ ଗ୍ରହଣ କରୁଥିବା ଖାଦ୍ୟ ସମ୍ପର୍କିତ ସଚେତନତାର ଅଭାବ। ଏହି ଖାଦ୍ୟ ଜନିତ ଅଧିକାଂଶ ଘଟଣା ଅଗଷ୍ଟ ସେପ୍ଟେମ୍ବରରେ ହିଁ ଦେଖିବାକୁ ମିଳିଛି। ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ବର୍ଷାଦିନ, କାମ ନମିଳିବା ଭଳି ମାନ୍ଦା ଅବସ୍ଥା ପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଲୋକେ ଆମ୍ବ ଟାକୁଆ ଓ ଅନ୍ୟ ସେହିଭଳି କିଛି ଖାଦ୍ୟ ଖାଇଥାନ୍ତି। ମଇନାପଦର ଗାଁର ମୃତକଙ୍କ ପରିବାର ଏହାକୁ ପାରମ୍ପରିକ ଖାଦ୍ୟ ଭାବେ ସେଦିନ ଗ୍ରହଣ କରିଥିଲେ। ତେବେ ଉଭୟ କ୍ଷେତ୍ରରେ ଦାରିଦ୍ର୍ୟ ଅପେକ୍ଷା ସଂଗୃହୀତ ଖାଦ୍ୟକୁ ଅଧିକ ଦିନ ଧରି ରଖିବା, ବର୍ଷାଦିନେ ସେଥିରେ ଫିମ୍ପି ମାରି ବିଷାକ୍ତ ହେବା ଯୋଗୁ ଏହି ଖାଦ୍ୟ ପଏଜନିଂର କାରଣ ହୋଇଥାଏ, ଯାହା ଅସୁସ୍ଥତା ଓ ମୃତ୍ୟୁକୁ ଡାକିଆଣେ।

## କେବିକେ ଜିଲାରେ ଅନେକ ମୁଣ୍ଡ ନେଇଛି ଆମ୍ବ ଟାକୁଆ

ପୂର୍ବରୁ ରାୟଗଡ଼ା ଜିଲା କାଶୀପୁର ଓ କୋରାପୁଟ ଜିଲା ଲକ୍ଷ୍ମୀପୁର ଅଞ୍ଚଳରେ ଏଭଳି ଆମ୍ବ ଟାକୁଆ ପ୍ରସ୍ତୁତ ଖାଦ୍ୟ ଖାଇ ଜୀବନହାନି ଘଟଣା ଘଟିଛି। ୨୦୧୬ ମସିହା ଅଗଷ୍ଟରେ ଆମ୍ବ ଟାକୁଆର ଜାଉ ଖାଇ କାଶୀପୁର ବ୍ଲକ ସିପିଯୋଡ଼ ଗ୍ରାମର ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ ମଝିଆଣି ମାଝୀ, ରଞ୍ଜନ ମାଝୀ, ନରସିଂହ ମାଝୀ। ୬ ଜଣ ଅସୁସ୍ଥ ହୋଇ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। କିନ୍ତୁ ୨୦୦୧ ମସିହାରେ ଆମ୍ବ ଟାକୁଆ କାଶୀପୁର ଅଞ୍ଚଳକୁ ଜାତୀୟ ଅନ୍ତର୍ଜାତୀୟ ସ୍ତରର ଗଣମାଧ୍ୟମରେ ଶିରୋନାମାରେ ପରିଣତ କରିଥିଲା। ସେହି ବର୍ଷ ଆମ୍ବ ଟାକୁଆ ପ୍ରସ୍ତୁତ ଖାଦ୍ୟ ଖାଇ କାଶୀପୁର ବ୍ଲକରେ ୨୪ ଜଣ ଆଦିବାସୀଙ୍କ ମୃତ୍ୟୁ ହୋଇଥିଲା। କାଶୀପୁର, ଟିକିରି, ବିଲାମାଳ, ପଣସଗୁଡ଼ା, ପିତାଯୋଡ଼ି ଓ ଅନ୍ୟ କେତେକ ଗ୍ରାମରେ ଏହି ଅକାଳ ମୃତ୍ୟୁର ଚିତ୍ର ବେଶ୍ କିଛିବର୍ଷ କାଶୀପୁରକୁ ଚର୍ଚ୍ଚିତ କରି ରଖିଥିଲା। ଅନାହାର ଯୋଗୁ ଏଭଳି ଖାଦ୍ୟ ଖାଇ ଆଦିବାସୀମାନେ ପ୍ରାଣ ହରାଇଥିବା ସେତେବେଳେ ଅଭିଯୋଗ ହୋଇଥିଲା। ବିଶେଷ କରି ପଣସଗୁଡ଼ାରେ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ କୁମୁଟି ମାଝୀ, ଲଛି ମାଝୀ, ଗାହାଡି ମାଝୀ, ସରୋଜିନୀ ମାଝୀ, ସୁନ୍ଦୁରୁ ମାଝୀ, ତରନ ମାଝୀ, ହାରସ ମାଝୀ ବୋଲି ସୂଚନା ରହିଛି। ୧୯୮୬ ମସିହାରେ ମଧ୍ୟ ସେହି ପଣସଗୁଡ଼ା ଗ୍ରାମରେ ଆମ୍ବଟାକୁଆ ଖାଇ ବହୁ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ ତଦନ୍ତ କରି ଫେରିଥିଲେ। ସେହିପରି କିଛିବର୍ଷ ତଳେ କୋରାପୁଟ ଜିଲା ଲକ୍ଷ୍ମୀପୁର ଓ ଦଶମନ୍ତପୁରରେ ମଧ୍ୟ ଏହି ଖାଦ୍ୟ ଖାଇ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା।





## ଆଲ୍ଲାହାବାଦ ବ୍ୟାଙ୍କ

ମଣ୍ଡଳ କାର୍ଯ୍ୟାଳୟ : ୩/ ୧ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,
ଫୋନ୍ - (୦୬୭୪) ୨୩୬୨୩୪୨, ୨୩୬୦୪୩୩, ଫ୍ୟାକ୍ସ - ୨୩୬୨୮୩୬

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି। ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୨୬.୦୯.୨୦୧୮ ରିଖ (ବୁଧବାର) ପୂର୍ବାହ୍ଣ ୧୧.୦୦ଘଟିକାରୁ ଅପରାହ୍ଣ ୧.୦୦ ଘଟିକା**
**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୪.୦୯.୨୦୧୮ ରିଖ ଅପରାହ୍ଣ ୫.୦୦ ଘଟିକା**

| ଶାଖାର ନାମ / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ,(ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଖୋର୍ଦ୍ଧା ଶାଖା** ଋଣଗ୍ରହୀତା: ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ, ସା: ବିସିଆପଡ଼ା, ତିରିମାଲ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା-୭୫୨୦୫୦, ଶ୍ରୀ ଜିତେନ୍ଦ୍ର ପାତ୍ର, ପିତା- ଶ୍ରୀ ଯୁଧିଷ୍ଠିର ପାତ୍ର, ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି, ଜାମିନ୍‌ଦାର: (୧) ଶ୍ରୀ ଯୁଧିଷ୍ଠିର ପାତ୍ର, ପିତା- ୰ବାନାମ୍ବର ପାତ୍ର, (୨) ଶ୍ରୀ ପ୍ରତାପ କିଶୋର ପାତ୍ର, ପିତା- ଶ୍ରୀ ଯୁଧିଷ୍ଠିର ପାତ୍ର, (୩) ଶ୍ରୀ ଧିରେନ୍ଦ୍ର ପାତ୍ର, ପିତା- ଶ୍ରୀ ଯୁଧିଷ୍ଠିର ପାତ୍ର, ସମସ୍ତଙ୍କ ଠିକଣା: ସା- ବିସିଆପଡ଼ା, ତିରିମାଲ୍, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା-୭୫୨୦୫୦। | କ)୨୪.୦୮.୨୦୧୫ ଖ)୨୬.୧୦.୨୦୧୫ ଗ)୨୪.୦୮.୨୦୧୫ ରିଖ ସୁଦ୍ଧା ଟ.୧,୫୨,୩୬,୧୭୧/- +୨୪.୦୮.୨୦୧୫ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | (୧)ପ୍ରିମିୟର ଏଜୁକେସନ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଏବଂ ଗୃହ) ଯାହା ସା-ବିସିଆପଡ଼ା, ମୌଜା- ଦେଉଳବସ୍ତ, ତିରିମାଲ୍, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା,ପିନ୍- ୭୫୨୦୫୦, ଖାତା ନଂ.- ୧୧୫, ପ୍ଲଟ ନଂ.- ୫୮୬, ଏରିଆ- ଏକର ୦.୫୨୫ ଡ଼ିସିମିଲି ଏବଂ ଖାତା ନଂ.- ୧୬୬, ପ୍ଲଟ ନଂ.- ୫୮୭, ଏରିଆ- ଏକର୦.୫୫୫ ଡ଼ିସିମିଲିରେ ଅବସ୍ଥିତ। | କ) ଟ.୨,୦୫,୧୮,୦୦୦/- ଖ) ଟ.୨୦,୫୧,୮୦୦/- ଗ) ଟ.୫୦,୦୦୦/- |
| (୨) ପ୍ରିମିୟର ଏଜୁକେସନ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ନାମରେ ଥିବା ସ୍ଥାବର ସମ୍ପତ୍ତି (ଖାଲି ଜମି ) ଯାହା ସା-ବିସିଆପଡ଼ା, ମୌଜା- ଦେଉଳବସ୍ତ, ତିରିମାଲ୍, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୫୦, ଖାତା ନଂ.-୩୪୯, ପ୍ଲଟ ନଂ.-୮, ଏରିଆ- ଏକର ୦.୦୫୦ ଡ଼ିସିମିଲି ଏବଂ ଖାତା ନଂ.- ୨୮, ପ୍ଲଟ ନଂ.- ୧୧, ଏରିଆ- ଏକର ୦.୨୬୦ ଡ଼ିସିମିଲିରେ ଅବସ୍ଥିତ। | | | କ) ଟ.୮,୯୩,୦୦୦/- ଖ) ଟ.୮୯,୩୦୦/- ଗ) ଟ.୧୦,୦୦୦/- |
| (୩) ଶ୍ରୀ ଯୁଧିଷ୍ଠିର ପାତ୍ରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଓ ଗୃହ) ଯାହା ସା-ବିସିଆପଡ଼ା, ମୌଜା- ଦେଉଳବସ୍ତ, ତିରିମାଲ୍, ଥାନା- ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ୍- ୭୫୨୦୫୦, ଖାତା ନଂ.-୨୮୭, ପ୍ଲଟ ନଂ.-୪୪ / ୧୪୦୨, ଏରିଆ- ଏକର ୦.୦୨୫ ଡ଼ିସିମିଲି ରେ ଅବସ୍ଥିତ। | | | କ) ଟ.୭,୭୬,୦୦୦/- ଖ) ଟ.୭୭,୬୦୦/- ଗ) ଟ.୧୦,୦୦୦/- |
| **କଟକ ନୟାସଡ଼କ ଶାଖା** ଋଣଗ୍ରହୀତା: ମେସର୍ସ ଭାରତ ଟ୍ରାନ୍ସପୋର୍ଟ ଆଣ୍ଡ ମିନେରାଲ୍ସ, ସତ୍ତ୍ୱାଧିକାରୀ: ମିର୍ଜା ଆକ୍ବିବ ଅଲି ବାଇଗ୍, ପିତା- ମିର୍ଜା ଅଫସର୍ ଅଲି ବାଇଗ୍, ପଞ୍ଜିକୃତ କାର୍ଯ୍ୟାଳୟ: ଜୋବ୍ରା ମେନ୍ ରୋଡ଼, ଦସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ଜାମିନ୍‌ଦାର: ମିର୍ଜା ଅଫସର୍ ଅଲି ବାଇଗ୍, ପିତା- ୰ମିର୍ଜା ଅହମଦ୍ ଅଲି ବାଇଗ୍, ସା: ପ୍ଲଟ ନଂ.-୮୨୪/୧୪୪୪, କଟକ ଟାଉନ୍, ୟୁନିଟ୍ ନଂ.-୨୫, ଜୋବ୍ରା ଚୁନାବତୀ ରୋଡ଼, ମାଛ ମାର୍କେଟ ନିକଟ, ପୋ-କଲେଜ ଛକ, ଥାନା-ମାଲ୍‌ଗୋଦାମ, ଜିଲ୍ଲା-କଟକ-୭୫୩୦୦୩। | କ)୨୯.୦୭.୨୦୧୭ ଖ)୧୨.୧୦.୨୦୧୭ ଗ)୨୮.୦୭.୨୦୧୭ ରିଖ ସୁଦ୍ଧା ଟ.୭୯,୫୮,୮୨୧/- +୨୮.୦୭.୨୦୧୭ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ମିର୍ଜା ଅଫସର୍ ଅଲୀ ବାଇଗ୍, ପିତା- ମିର୍ଜା ଅହମଦ୍ ଅଲୀ ବାଇଗ୍‌ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଏବଂ ଗୃହ) ଯାହା ପ୍ଲଟ ନଂ.- ୮୨୪/୧୪୪୪, ଖାତା ନଂ.- ୧୪, ଏରିଆ-ଏକର ୦.୦୪୦ ଡ଼ିସିମିଲି, ମୌଜା- କଟକ ଟାଉନ୍, ୟୁନିଟ୍ ନଂ-୨୫, ଜୋବ୍ରା-୧, ଚୁନାବତୀ ରୋଡ଼, ମାଛ ମାର୍କେଟ ନିକଟ, ପୋ- କଲେଜ ଛକ, ଥାନା- ମାଲଗୋଦାମ, ଜିଲ୍ଲା-କଟକରେ ଅବସ୍ଥିତ। ଚଉହଦି: ଉତର- ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ରାସ୍ତା, ଦକ୍ଷିଣ- ମିର୍ଜା ଅଖତର ଅଲ୍ଲୀ, ପୂର୍ବ- ମନ୍ସୁର ଖାନ୍, ପଶ୍ଚିମ- ପୂର୍ଣ୍ଣଚନ୍ଦ୍ର ସାହୁ। | କ) ଟ.୫୯,୦୫,୦୦୦/- ଖ) ଟ.୫,୯୦,୫୦୦/- ଗ) ଟ.୨୫,୦୦୦/- |
| **ବଡ଼ବିଲ୍ ଶାଖା** ଋଣଗ୍ରହୀତା: ମେସର୍ସ ମନୋଜ ହ୍ୟାଣ୍ଡଲୁମ୍, ସତ୍ତ୍ୱାଧିକାରୀ: ଶ୍ରୀ ମନୋଜ ଚୌଧୁରୀ, ପିତା- ୰ମହେଶ ଚନ୍ଦ୍ର ଚୌଧୁରୀ, ସା-ଇଣ୍ଡିଆନ୍ ଗ୍ୟାସ ଗୋଦାମ ନିକଟ, ବଡ଼ବିଲ୍, ଜିଲ୍ଲା- କେନ୍ଦୁଝର, ପିନ୍- ୭୫୮୦୩୫, ଜାମିନ୍‌ଦାର: ଶ୍ରୀମତୀ ଫୁଲିଆ ଦେବୀ, ସ୍ୱା- ୰ମହେଶ ଚନ୍ଦ୍ର ଚୌଧୁରୀ, ମୁନିସିପାଲିଟି କାର୍ଯ୍ୟାଳୟ ନିକଟ, ୱାର୍ଡ ନଂ.-୧୦, ଘର ନଂ.-୧୧୦, ବଡ଼ବିଲ୍, କେନ୍ଦୁଝର-୭୫୮୦୩୫ | କ)୨୧.୦୬.୨୦୧୬ ଖ)୦୬.୦୪.୨୦୧୭ ଗ)୨୧.୦୬.୨୦୧୬ ରିଖ ସୁଦ୍ଧା ଟ.୧୨,୭୦,୪୧୮/- +୨୧.୦୬.୨୦୧୬ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀମତୀ ଫୁଲିଆ ଦେବୀ, ସ୍ୱା- ୰ମହେଶ ଚନ୍ଦ୍ର ଚୌଧୁରୀଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଏବଂ ଗୃହ) ଯାହା ସୁନ୍ଦରା ମୌଜା, ୟୁନିଟ୍ ନଂ.-୧୩, ପ୍ଲଟ ନଂ.-୧୪୧, ଖାତା ନଂ.-୪୫, ଏରିଆ-ଏକର୦.୦୪୦ ଡ଼ିସିମିଲି, ଥାନା/ ତହସିଲି/ ଏସ୍ଆରଓ- ବଡ଼ବିଲ୍, ଜିଲ୍ଲା-କେନ୍ଦୁଝରରେ ଅବସ୍ଥିତ। ପ୍ଲଟର ଚଉହଦି: ପୂର୍ବ- ପ୍ରମୋଦ ଜଇସୱାଲ, ପଶ୍ଚିମ- ମୁନିସିପାଲିଟି ରାସ୍ତା, ଉତର- ବିଜୟ କୁମାର ଚୌଧୁରୀ, ଦକ୍ଷିଣ- ନୀଲମ୍ ଜିଇସୱାଲ ଏବଂ ପ୍ରମଦ ଜଇସୱାଲ। | କ) ଟ.୪୧,୪୦,୦୦୦/- ଖ) ଟ.୪,୧୪,୦୦୦/- ଗ) ଟ.୧୦,୦୦୦/- |
| **ସହୀଦ ନଗର ଶାଖା, ଭୁବନେଶ୍ୱର** ଋଣଗ୍ରହୀତା: ମେସର୍ସ ତାଜ୍ ସୁଜ୍, ପ୍ଲଟ ନଂ.-୧୩୫, ଅଶୋକ ନଗର, ଭୁବନେଶ୍ୱର, ପିନ୍- ୭୫୧୦୦୯, ପାର୍ଟନରସ୍: ଶ୍ରୀ ଅରୁଣ କୁମାର ଜେନା ଏବଂ ଶ୍ରୀମତୀ ପ୍ରଭାତ ନଳିନୀ ମହାନ୍ତି, ସ୍ୱା- ଶ୍ରୀ ପ୍ରେମାନନ୍ଦ ପଟ୍ଟନାୟକ, ଜାମିନ୍‌ଦାର: ଶ୍ରୀ ପ୍ରେମାନନ୍ଦ ପଟ୍ଟନାୟକ, ପିତା- ନାରାୟଣ ପଟ୍ଟନାୟକ, ସମସ୍ତଙ୍କ ଘର ନଂ.-୩, ଶ୍ରାବଣୀ ଏନ୍‌କ୍ଲେଭ, ଫେଜ୍-୨, ଏକାମ୍ର ମହାବିଦ୍ୟାଳୟ ନିକଟ, ଭୁବନେଶ୍ୱର- ୭୫୧୦୦୨। | କ)୨୫.୦୫.୨୦୧୬ ଖ)୨୦.୦୮.୨୦୧୬ ଗ)୨୫.୦୫.୨୦୧୬ ରିଖ ସୁଦ୍ଧା ଟ.୪୫,୮୦,୦୨୬/- +୨୫.୦୫.୨୦୧୬ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀ ପ୍ରେମାନନ୍ଦ ପଟ୍ଟନାୟକ ଏବଂ ଶ୍ରୀମତୀ ପ୍ରଭାତ ନଳିନୀ ମହାନ୍ତିଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଏବଂ ଗୃହ) ଯାହା ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ.-୨୩, କାଳିପ୍ରସାଦ, ଖାତା ନଂ.- ୮୮୪/୩୭୪, ପ୍ଲଟ ନଂ.- ୯୯୮/୩୧୭୮, ମ୍ୟୁଟେଟେଡ୍ ଖାତା ନଂ.- ୮୮୪/୬୪୬, ପ୍ଲଟ ନଂ.- ୯୯୮/୩୧୭୮/୩୮୩୯, ଏରିଆ-ଏକର୦.୦୩୧ ଡ଼ିସିମିଲି, ଶ୍ରାବଣୀ ଏନ୍‌କ୍ଲେଭ୍, ଡୁପ୍ଲେକ୍ସ ଘର ନଂ.- ୩, ଏକାମ୍ର ମହାବିଦ୍ୟାଳୟ ନିକଟ, ସୁନ୍ଦରପଦା, ଭିମଟାଙ୍ଗୀ, ତହସିଲି- ଭୁବନେଶ୍ୱର-୨, ଜିଲ୍ଲା- ଖୋର୍ଦ୍ଧାରେ ଅବସ୍ଥିତ। | କ) ଟ.୪୦,୭୮,୦୦୦/- ଖ) ଟ.୪,୦୭,୮୦୦/- ଗ) ଟ.୧୦,୦୦୦/- |
| **ଅଶୋକ ନଗର ଶାଖା, ଭୁବନେଶ୍ୱର** ଋଣଗ୍ରହୀତା: ମେସର୍ସ ସନ୍ ସାଇ, ସତ୍ତ୍ୱାଧିକାରୀ: ଶ୍ରୀ ଶଙ୍କର ପ୍ରତାପ ରାଉତ ସାମନ୍ତ, ପିତା-ଶ୍ରୀ ଅଲେଖ ବିହାରୀ ରାଉତ ସାମନ୍ତ, ସା: ଦୋକାନ ନଂ.-୩, ଶ୍ରୀ ସାଇ ଚୈତନ୍ୟ କମ୍ପ୍ଲେକ୍ସ, ଲୁଇସ୍ ରୋଡ଼, ଭୁବନେଶ୍ୱର, ବାସସ୍ଥାନ: ଇଏ-୯୧, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, ଜାମିନ୍‌ଦାର: (୧)ଶ୍ରୀ ରମେଶ ଚନ୍ଦ୍ର ଜେନା, ପିତା- ଶ୍ରୀ ଧ୍ରୁବ ଚନ୍ଦ୍ର ଜେନା, ଗ୍ରାମ- ନୂଆଗାଁ, ପୋ-ଇଟିପୁର, ଥାନା- ଲିଙ୍ଗରାଜ, ଜିଲ୍ଲା- ଖୋର୍ଦ୍ଧା-୭୫୧୦୦୨, (୨) ଶ୍ରୀ ଦୁର୍ଗା ମାଧବ ପଟ୍ଟନାୟକ, ପିତା- ଶ୍ରୀ ସାରଥୀ ପଟ୍ଟନାୟକ, ପ୍ଲଟ ନଂ.-୪୧/୪୪/୧୩, ରବି ଟକିଜ୍ ରାସ୍ତା, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨। | କ)୩୦.୦୧.୨୦୦୯ ଖ)୦୩.୧୧.୨୦୧୧ ଗ)୩୧.୧୨.୨୦୦୮ ରିଖ ସୁଦ୍ଧା ଟ.୫,୬୯,୯୫୮/- +୩୧.୧୨.୨୦୦୮ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀ ରମେଶ ଚନ୍ଦ୍ର ଜେନାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଏବଂ ଗୃହ) ଯାହା ଜିଲ୍ଲା-ଖୋର୍ଦ୍ଧା, ମୌଜା- ନୂଆଗାଁ, ଥାନା- ଲିଙ୍ଗରାଜ, ଭୁବନେଶ୍ୱର, ଖାତା ନଂ.- ୧୩୯, ପ୍ଲଟ ନଂ.- ୭୦୯, ଏରିଆ- ଏକର ୦.୦୭୦ ଡ଼ିସିମିଲିରେ ଅବସ୍ଥିତ। ଚଉହଦି: ପୂର୍ବ- ନେତ୍ରାନନ୍ଦ, ପଶ୍ଚିମ- ଶ୍ୟାମ ବିଶ୍ୱାଳ, ଉତର- କେନାଲ, ଦକ୍ଷିଣ- ରାସ୍ତା। | କ) ଟ.୧୬,୮୬,୦୦୦/- ଖ) ଟ.୧,୬୮,୬୦୦/- ଗ) ଟ.୧୦,୦୦୦/- |
| **ଭଦ୍ରକ କଲେଜ ଶାଖା** ଋଣଗ୍ରହୀତା: ମେସର୍ସ ଶ୍ରୀ କ୍ରାଷ୍ଣା ସେଲସ, ସତ୍ତ୍ୱାଧିକାରୀ: ଶ୍ରୀ କିଶୋର କୁମାର କୋଧୀଆର, ପିତା- ଦେବରନ କୋଧୀଆର, ଜାମିନ୍‌ଦାର: ଶ୍ରୀମତୀ ହିନା କୋଧୀଆର, ସ୍ୱା-ଶ୍ରୀ କିଶୋର କୁମାର କୋଧୀଆର, ଉଭୟଙ୍କ ଠିକଣା: ବାବୁସାହୀ, ପୁରୁଣା ବଜାର, ପୋ/ ଜିଲ୍ଲା- ଭଦ୍ରକ, ପିନ୍- ୭୫୬୧୦୦। | କ)୨୫.୦୮.୨୦୧୬ ଖ)୦୭.୦୭.୨୦୧୮ ଗ)୨୫.୦୮.୨୦୧୬ ରିଖ ସୁଦ୍ଧା ଟ.୨୨,୪୬,୪୦୯/- +୨୫.୦୮.୨୦୧୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀ କିଶୋର କୁମାର କୋଧୀଆରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଖାଲି ଜମି ) ଯାହା ମିର୍ଜାପୁର ମୌଜା, ତହସିଲି/ ଜିଲ୍ଲା- ଭଦ୍ରକ, ପ୍ଲଟ ନଂ.-୨୭୨୬, ଖାତା ନଂ- ୯୯୬/୮୬୧, ଏରିଆ- ଏକର ୦.୦୧୧୦ ଡ଼ିସିମିଲିରେ ଅବସ୍ଥିତ। ପ୍ଲଟର ଚଉହଦି: ପୂର୍ବ- ପ୍ଲଟ ନଂ.୨୭୨୭, ପଶ୍ଚିମ- ପ୍ଲଟ ନଂ.୨୭୨୪, ଦକ୍ଷିଣ- ଗ୍ରାମ ବେକ ଚଉହଦି ଲାଇନ୍, ଉତର- ପ୍ଲଟ ନଂ.୨୭୨୫ ଏବଂ ୨୭୨୮। | କ) ଟ.୫,୭୨,୦୦୦/- ଖ) ଟ.୫୭,୨୦୦/- ଗ) ଟ.୧୦,୦୦୦/- |
| **ଯାଜପୁର ରୋଡ଼ ଶାଖା** ଋଣଗ୍ରହୀତା: ମେସର୍ସ ମହାଲକ୍ଷ୍ମୀ ଷ୍ଟୋର, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ବାରିକ, ସା-ଲକ୍ଷ୍ମୀ ମାର୍କେଟ, ଯାଜପୁର ରୋଡ଼, ଜିଲ୍ଲା-ଯାଜପୁର, ପିନ୍- ୭୫୫୦୧୯, ଜାମିନ୍‌ଦାର: ଶ୍ରୀମତୀ ମିଚି ଓରଫ ମାଳତୀ ପରିଡ଼ା, ସ୍ୱା-୰ବାବାଜୀ ଚରଣ ପରିଡ଼ା, ଗ୍ରାମ-ଯୋଡ଼ାବର, ପୋ-ଫେରୋକ୍ରୋମ ପ୍ଲାଣ୍ଟ, ଯାଜପୁର ରୋଡ଼, ଜିଲ୍ଲା- ଯାଜପୁର, ପିନ୍- ୭୫୫୦୨୦। | କ)୧୭.୧୧.୨୦୧୫ ଖ)୦୧.୦୩.୨୦୧୬, ଗ)୧୭.୧୧.୨୦୧୫ ରିଖ ସୁଦ୍ଧା ଟ.୬,୫୭,୮୨୫/- +୧୭.୧୧.୨୦୧୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀମତୀ ମିଚି ଓରଫ ମୋତି ପରିଡ଼ା, ସ୍ୱା- ୰ବାବାଜୀ ଚରଣ ପରିଡ଼ାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହା ଯୋଡ଼ାବର ମୌଜା, ୟୁନିଟ୍-୧୬, ଥାନା-ଯାଜପୁର ରୋଡ଼, ଜିଲ୍ଲା-ଯାଜପୁର, ପ୍ଲଟ ନଂ.-୬୨୦/୮, ଖାତା ନଂ.-୧୧୮/୨, ଏରିଆ-ଏକର ୦.୧୨ ଡ଼ିସିମିଲିରେ ଅବସ୍ଥିତ। ପ୍ଲଟର ଚଉହଦି: ଉତର- ଶ୍ରୀ ବାବାଜୀ ଚରଣ ପରିଡ଼ା, ଦକ୍ଷିଣ-ରାସ୍ତା, ପୂର୍ବ-ବାବୁ ପରିଡ଼ା, ପଶ୍ଚିମ- ସୁକଦେବ ପରିଡ଼ା। | କ) ଟ.୪,୮୦,୦୦୦/- ଖ) ଟ.୪୮,୦୦୦/- ଗ) ଟ.୧୦,୦୦୦/- |

**ଇ-ନିଲାମ ତାରିଖ ଓ ସମୟ: ତା ୨୮.୦୯.୨୦୧୮ ରିଖ (ଶୁକ୍ରବାର) ପୂର୍ବାହ୍ଣ ୧୧.୦୦ଘଟିକାରୁ ଅପରାହ୍ଣ ୧.୦୦ ଘଟିକା**
**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୬.୦୯.୨୦୧୮ ରିଖ ଅପରାହ୍ଣ ୫.୦୦ ଘଟିକା**

| ଶାଖାର ନାମ / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ,(ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଟେମ୍ପୁଲ୍ ମାର୍ଗ ଶାଖା, ଭୁବନେଶ୍ୱର** ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ ମଲ୍ଟି ରିଟେଲ୍ସ, ସା-ଏ/ଏମ୍-୩୭, ଭିଏସ୍ଏସ୍ ନଗର, ଥାନା- ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଜାମିନ୍‌ଦାର ଓ ପରିଚାଳନା ପାର୍ଟନର: ଶ୍ରୀ ସରୋଜ କୁମାର ନନ୍ଦ, ପିତା-ଶ୍ରୀ ଶରତ ଚନ୍ଦ୍ର ନନ୍ଦ, ସା-୨୦୫୦/୨୭୬୨, ସାମନ୍ତପୁର, ଭୁବନେଶ୍ୱର-୭୫୧୦୦୨, ସ୍ଥାୟୀ ଠିକଣା: ସା-ଦାଣ୍ଡମୁକୁନ୍ଦପୁର, ପିପିଲି, ଜିଲ୍ଲା- ପୁରୀ, ପିନ୍-୭୫୨୧୦୪, ଜାମିନ୍‌ଦାର ଓ ପାର୍ଟନର: ଶ୍ରୀ ମୀନକେତନ ଶତପଥୀ, ପିତା-ଦୁର୍ଯ୍ୟୋଧନ ଶତପଥୀ, ପ୍ଲଟ ନଂ.-୧୨୫୨, ଶିଖରପୁର ମାଲଗୋଦାମ, କଟକ-୭୫୩୦୦୩, ଜାମିନ୍‌ଦାର: ଶ୍ରୀମତୀ ଦମୟନ୍ତୀ ଶତପଥୀ, ସ୍ୱା: ଶ୍ରୀ ମୀନକେତନ ଶତପଥୀ, ପ୍ଲଟ ନଂ.-୧୨୫୨, ଶିଖରପୁର ମାଲଗୋଦାମ, କଟକ-୭୫୩୦୦୩। | କ)୦୫.୧୨.୨୦୧୭ ଖ)୨୨.୦୨.୨୦୧୮ ଗ)୦୫.୧୨.୨୦୧୭ ରିଖ ସୁଦ୍ଧା ଟ.୧,୨୯,୭୪,୭୭୬/- +୦୫.୧୨.୨୦୧୭ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀମତୀ ଦମୟନ୍ତୀ ଶତପଥୀଙ୍କ ନାମରେ ଥିବା ଜମି ଓ ଗୃହ ଯାହା ଖାତା ନଂ.-୫୩୬/୪୦୫, ପ୍ଲଟ ନଂ.-୧୨୫୨, ଏରିଆ-ଏକର୦.୧୮୮ ଡ଼ିସିମିଲି, ମୌଜା-କଟକ ସହର, ୟୁନିଟ୍-୨୫, ଜୋବ୍ରା, ଥାନା-ମାଲଗୋଦାମ, ଥାନା ନଂ.-୨, ତହସିଲି/ଜିଲ୍ଲା-କଟକରେ ଅବସ୍ଥିତ। ଚଉହଦି: ଉତର-ପ୍ରଶନ୍ନ ପରିଡ଼ା, ଦକ୍ଷିଣ-ଜୋବ୍ରା ଶିଖରପୁର ରାସ୍ତା, ପୂର୍ବ-୰କୁଳମଣୀ ଶତପଥୀ, ପଶ୍ଚିମ-ଜିତେନ୍ଦ୍ର ଶତପଥୀ । | କ) ଟ.୨,୨୬,୯୯,୦୦୦/- ଖ) ଟ.୨୨,୬୯,୯୦୦/- ଗ) ଟ.୫୦,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯ ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ ପ୍ରଦାନ କରିପାରିବେ ।
୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।
୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୨୩.୦୮.୨୦୧୮ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।
ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।

ସ୍ଥାନ-ଭୁବନେଶ୍ୱର, ତାରିଖ- ୧୬.୦୮.୨୦୧୮ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

## ସଂକ୍ଷେପରେ

### ଡୁମୁରିପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

ଦାମନଯୋଡ଼ି,୨୨।୮(ଡ଼ି.ଏନ୍.ଏ): କୋରାପୁଟ ଜିଲା ମାଥାଲପୁଟ ଗ୍ରାମପଞ୍ଚାୟତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଡୁମୁରିପୁଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୭-୧୮ ପାଇଁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ଏ ବାବଦକୁ ୨ ଲକ୍ଷ୍ୟ ଟଙ୍କାର ଚେକ୍, ମାନପତ୍ର, ସିଲ୍ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ଜିଲାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱଚ୍ଛତା, ପରିମଳ, ଉପଲବ୍ଧ ସେବା ଓ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ଏଥିପାଇଁ ରାଜ୍ୟସ୍ତରୀୟ ଏକ ପ୍ରତିନିଧି ଦଳ ଯୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବ୍ୟକ୍ତିବିଶେଷଙ୍କୁ ଚୟନ କରିଥାନ୍ତି। ଏହି ପୁରସ୍କାର ପ୍ରଦାନ ସମାରୋହରେ ଏସ୍‌ପି ଡା. କେ. ଭି. ସିଂହ, ଏଡ଼ିଏମ୍ ସୁଜାତା ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡା ଲଳିତ ମୋହନ ରଥ ଅତିଥିଭାବେ ଉପସ୍ଥିତ ଥିଲେ। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରଦୀପ ରଥ, ମଧୁଲିତା ପାଢ଼ୀ, ଡୁମୁରିପୁଟ ସ୍ୱାସ୍ଥ୍ୟକେନ୍ଦ୍ର ଡା ହରପ୍ରସାଦ ପାଣିଗ୍ରାହୀ, ଫାର୍ମାଶିଷ୍ଟ ରାଜେନ୍ଦ୍ର ସାହୁ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି କୋରାପୁଟ ବ୍ଲକ୍ କେରେଗାଁ ପଞ୍ଚାୟତ ଅଧୀନ ଗଞ୍ଜେଇ ପଦର ଗ୍ରାମର ଆଶାକର୍ମୀ ବଇଦି ଖିଲଙ୍କୁ ଜିଲାର ଶ୍ରେଷ୍ଠ ଆଶାକର୍ମୀ ପୁରସ୍କାର ମିଳିଛି।

### କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା



କୁନ୍ଦୁରା,୨୨।୮(ଡି.ଏନ୍.ଏ): କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ର ଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କେରଳ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ସହାୟତାର ହାତ ବଢ଼ାଇଛି। କୁନ୍ଦୁରା ବ୍ଲକର ନୁଆଗୁଡ଼ା,କାଳିଆକାଦ, ସଗରିଗୁଡ଼ା, ପୋଲିସ ଷ୍ଟେଶନ ଜଙ୍କସନ ଅଞ୍ଚଳରେ ଆର୍‌ଏସ୍‌ଏସ୍ କର୍ମୀମାନେ ୧୩,୧୧୦ ଟଙ୍କା ଆଦାୟ କରିଛନ୍ତି। ଆଦାୟ ରାଶିକୁ ଜିଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମାଧ୍ୟମରେ କେରଳ ପଠାଯିବ ବୋଲି କର୍ମୀ ସୁମିତ ସାହୁ କହିଛନ୍ତି।

### ସାଇଲକ୍ଷ୍ମୀ ଗ୍ରାମୀଣ ବିତରକ ଏଚ୍‌ପି ଗ୍ୟାସ୍‌ର ଶୁଭାରମ୍ଭ



ବୋରିଗୁମ୍ମା, ୨୨।୮(ଡି.ଏନ୍.ଏ) ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ କୁମୁଲି ଗ୍ରାମଠାରେ ସାଇ ଲକ୍ଷ୍ମୀ ଗ୍ରାମୀଣ ବିତରକ ଏଚ୍‌ପି ଗ୍ୟାସ୍‌ର ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାତ୍ୱନ ମହାନ୍ତି ଯୋଗଦେଇ କହିଲେ, ପ୍ରଧାନମନ୍ତ୍ରୀ ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀଙ୍କ ଅବଦାନରେ ଗ୍ରାମୀଣ ମହିଳାଙ୍କୁ ଉଜ୍ୱଳା ଯୋଜନାରେ ଗ୍ୟାସ୍ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ଗ୍ରାମୀଣ ମହିଳାମାନେ ଚୁଲିରେ ରୋଷେଇ କରିବା ବନ୍ଦ କରିବାକୁ ବସିଲେଣି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ କଳ୍ପତରୁ ପଲାଇ ଯୋଗ ଦେଇଥିଲେ। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ହୃଷୀକେଶ ମହାପାତ୍ର ଏଠାରେ ଉପସ୍ଥିତ ରହି ପ୍ରଥମ ଦିନରେ ୪ ପଞ୍ଚାୟତରେ ୫୦ ଜଣ ହିତାଧିକାରୀଙ୍କୁ ଉଜ୍ୱଳା ଯୋଜନାରେ ଗ୍ୟାସ୍ ଯୋଗାଇ ଦିଆଯାଇଛି ବୋଲି କହିବା ସହ ଆଗାମୀ ଦିନରେ ସାଇ ଲକ୍ଷ୍ମୀ ଗ୍ରାମୀଣ ବିତର୍କ ସଂସ୍ଥା ୧୨ଟି ପଞ୍ଚାୟତରେ ମହିଳାମାନଙ୍କୁ ଇନ୍ଧନ ଗ୍ୟାସ୍ ବିତରଣ କରିବ ବୋଲି ସୂଚନା ଦେଇଛନ୍ତି। ରାଜେଶ ପାଣିଗ୍ରାହୀ, ଦେବେନ୍ଦ୍ର ତ୍ରିପାଠୀ, ମଙ୍ଗୁଲୁ ଜାନୀ, ରାଧାକାନ୍ତ ସାମନ୍ତରାୟ, ଲମ୍ବୋଦର ପଣ୍ଡା, ଗୋପାଳ ଶତପଥୀ, ମାନସ ରଞ୍ଜନ ହୋତା ଏବଂ ତପନ କୁମାର ପଣ୍ଡା ଉପସ୍ଥିତ ଥିଲେ।

### ଇଦ୍‌ଜୁହା ପାଳିତ

କୋରାପୁଟ,୨୨।୮(ସ୍ୱ.ପ୍ର.): କୋରାପୁଟସ୍ଥିତ ପୁଚିଲା ସାହିସ୍ଥିତ ମସଜିଦଠାରେ ବୁଧବାର ଇଦଜୁହା ପର୍ବ ମହାଆଡ଼ମ୍ବର ମଧରେ ପାଳିତ ହୋଇଯାଇଛି । ବୁଧବାର ବଡିଭୋରରୁ ସହରର ଶତାଧିକ ମୁସଲିମ ଭାଇ ସହର ପରିକ୍ରମା କରିବା ସହିତ ମସଜିଦ ଓ ଇଦ୍‌ଗାଠାରେ ସାମୂହିକ ନମାଜ ପାଠ କରିବା ସହିତ ପରସ୍ପରକୁ ଆଲିଙ୍ଗନ କରିଥିଲେ। ପରେ ନିଜ ଘରେ କରିଥିବା ବିଭିନ୍ନ ବ୍ୟଞ୍ଜନକୁ ବନ୍ଧୁବାନ୍ଧବଙ୍କୁ ପ୍ରଦାନ କରିଥିଲେ ।

# ସହାୟତା ଅପେକ୍ଷାରେ ଦିବ୍ୟାଙ୍ଗ ରଶ୍ମିତା

ଦଶମନ୍ତପୁର,୨୨।୮(ଡି.ଏନ.ଏ.)

ଢେ଼ର ଦୁଃଖ ସହିଲିଣି । ପିଲାଟି ଦିନରୁ ବାପାଙ୍କୁ ହରାଇଲି । ତାଙ୍କ ଆରପାରିକୁ ଚାଲିଯିବା ଦୁଃଖ ମନରୁ ନ ଯାଉଣୁ ପୁଣି ମା ବି ଚାଲିଗଲେ । ୧୩ ବର୍ଷ ବୟସରେ ମା'ବାପ ଛେଉଣ୍ଡ ହୋଇଗଲି ବୋଲି ଛଳଛଳ ନୟନରେ କହିଛନ୍ତି ଦିବ୍ୟାଙ୍ଗ ରଶ୍ମିତା ମୁଦୁଲି। ରଶ୍ମିତା ଦଶମନ୍ତପୁର ବ୍ଲକ୍ ଚିକାମ୍ବ ଗ୍ରାମପଞ୍ଚାୟତ ଉପର ଗୋଦଲା ଗ୍ରାମରେ ଚାଳ କୁଡ଼ିଆରେ ଏକାକୀ ଜୀବନ କାଟୁଛନ୍ତି। ଏବେ ତାଙ୍କୁ ୧୯ ବର୍ଷ। ସେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସିତ ହୋଇଥିଲେ। କିନ୍ତୁ କିଛି ଦିନ ଗଲା ପରେ ତାଙ୍କ ଗୋଡ଼ ଏବଂ ହାତ ଅଚଳ ହେବାକୁ ଲାଗିଲା। ସେହିଦିନଠାରୁ ସେ ଦିବ୍ୟାଙ୍ଗ ହୋଇଗଲେ ବୋଲି ରଶ୍ମିତା କହିଛନ୍ତି। ତାଙ୍କର ଏପରି ଅବସ୍ଥା ଦେଖି ଦୂର ସମ୍ପର୍କୀୟ ବାସପତି ମୁଦୁଲି ତାଙ୍କୁ ପାଖରେ ରଖି ଚିକିତ୍ସା କରାଇଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ପରେ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ଆବାସ ଯୋଜନାରେ ଘର ଏବଂ ଦିବ୍ୟାଙ୍ଗ ଭତ୍ତା ପାଇଁ ସ୍ଥାନୀୟ



ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କୁ କୌଣସି ସହାୟତା ମିଳି ନ

- ପିଲାଟି ଦିନରୁ ମା'ବାପ ଛେଉଣ୍ଡ
- ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ବେଳେ ଅଚଳ ହୋଇଗଲା ହାତ, ଗୋଡ଼

ଥିବା ସେ କହିଛନ୍ତି। ଏମିତି ଅସହାୟ ଜୀବନ ଜିଇଁବା ଅପେକ୍ଷା ସ୍ୱର୍ଗତ ବାପା, ମାଙ୍କ ପାଖକୁ ଚାଲିଯିବା ଭଲ ବୋଲି ରଶ୍ମିତା କହିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କୁ ପଠାଇ ରଶ୍ମିତାଙ୍କ ପାଇଁ ସହାୟତା ବ୍ୟବସ୍ଥା କରିବେ ବୋଲି ବିଡ଼ିଓ ସୁକାନ୍ତ ମାଝି କହିଛନ୍ତି ।



ନର୍ସରୀରୁ ଯାଆଁଳ ଭାସିଯାଇଛନ୍ତି ।

■ ଲଗାଣ ବର୍ଷାର ପ୍ରଭାବ

# ଭାସିଗଲେ ୪୫ଲକ୍ଷ ଗୁଣ୍ଡ ଯାଆଁଳ

ଜୟପୁର,୨୨।୮(ନି.ପ୍ର.)

ଜୟପୁର ସ୍ଥିତ ସରକାରୀ ମାଛ ଯାଆଁଳ କେନ୍ଦ୍ରରେ ଥିବା ୨ଟି ନର୍ସରୀରୁ ୪୫ ଲକ୍ଷ ଗୁଣ୍ଡ ଯାଆଁଳା ଲଗାଣ ବର୍ଷାରେ ଭାସି ଯାଇଛି । ଏହି ଗୁଣ୍ଡ ଯାଆଁଳ ନର୍ସରୀରେ ବଡ଼ ହୋଇ ମାଛ ଯାଆଁଳ ହେବା ପରେ ଚାଷୀଙ୍କୁ ବିକ୍ରି କରାଯାଇଥାଏ । ଜିଲାରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ୨ଟି ନର୍ସରୀରେ ପାଣି ଅଧିକ ହୋଇ ଭାସିଯିବା ସହ ବର୍ଷାରେ ନର୍ସରୀର ହିଡ଼ ଭାଙ୍ଗି ୪୫ ଲକ୍ଷ ଗୁଣ୍ଡ ଯାଆଁଳା ଭାସିଯାଇଥିଲା । ଗୋଟିଏ ନର୍ସରୀରେ ୧୫ ଲକ୍ଷ ଓ ଅନ୍ୟ ଏକ ନର୍ସରୀର ୩୦ ଲକ୍ଷ ଯାଆଁଳା ଭାସିଯାଇଥିଲା । ୬୦ ଲକ୍ଷ ଯାଆଁଳା ଚାଷୀଙ୍କୁ ଦେବା ପାଇଁ ଉକ୍ତ ମାଛ ଯାଆଁଳା କେନ୍ଦ୍ର ପାଖରେ ଲକ୍ଷ୍ୟ ରହିଥିବା ବେଳେ ୪୫ ଲକ୍ଷ ଗୁଣ୍ଡ ଯାଆଁଳା ଭାସିଯିବା ଯୋଗୁ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ଦେଖାଯାଇଛି । ବିଭାଗକୁ ପାଖାପାଖି ୨.୫ ଲକ୍ଷ କ୍ଷତି ହୋଇଥିବା ଆକଳନ କରାଯାଇଛି । ଏହି କେନ୍ଦ୍ର ଅଧୀନରେ ୧୩ଟି ନର୍ସରୀ ରହିଛି । ଏହି ୧୩ଟି ନର୍ସରୀରେ ଗୁଣ୍ଡ ଯାଆଁଳା ଛଡାଯାଇଥିଲା ।

■ ଜମି କିଣାବିକାରେ ଠକେଇ ମାମଲା

# ଜଣଙ୍କୁ ଧରିଲା ପୋଲିସ, ୨ ଫେରାର

ପଟ୍ଟାଙ୍ଗି,୨୨।୮(ଡି.ଏନ୍.ଏ.)

ପଟ୍ଟାଙ୍ଗି ପୋଲିସ ଜମି କିଣାବିକା ମାମଲାର ତଦନ୍ତ କରି ଏକ ମାସ ପରେ ଏଥିରେ ସମ୍ପୃକ୍ତ ଥିବା ଦଲାଲଙ୍କୁ ଗିରଫ କରିଛି। ତେବେ ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ଏବେ ବି ପୋଲିସ ହାତକୁ ଆସିପାରି ନାହାନ୍ତି।

ସୂଚନା ଅନୁଯାୟୀ, କୋରାପୁଟ ତହସିଲ କାର୍ଯ୍ୟାଳୟ ଅଧୀନ ତଥା ସେମିଳିଗୁଡ଼ା ବ୍ଲକ ମରିଚମାଳ ମୌଜା ନିକଟରେ ୩୨ ସେଣ୍ଟ ଜମିକୁ ସୁନାବେଡ଼ା ଅଞ୍ଚଳର ପାଞ୍ଚ ଜଣ ବ୍ୟକ୍ତି ୧୧ ଲକ୍ଷ ୩ ହଜାର ୫୦୦ ଟଙ୍କାରେ କିଣିଥିଲେ ବି ସେମାନେ ଏହାର ମାଲିକ ହୋଇ ପାରିନାହାନ୍ତି। ସୁବ୍ରତ ପଟ୍ଟନାୟକ, ସୁପ୍ରଭା ପାଡି, କାମରାଜ ଡାକୁଆ, ଯୋଗେନ୍ଦ୍ର ଖଣ୍ଡୁଆଲ ପ୍ରମୁଖ ସଞ୍ଜୟ ରାଉତ, ରୁକୁମଣି ସାହୁ ଓ ମନୋଜ କୁମାର ନାୟକଙ୍କଠାରୁ



ଉପରୋକ୍ତ ଜମି କିଣିଥିଲେ। ଜମି ସେମାନଙ୍କର ନହୋଇପାରିବାରୁ ସେହି ତିନିଜଣଙ୍କ ପାଖରେ ପହଞ୍ଚି ଜମି ଅନ୍ୟ କାହା ନାଁରେ ରହିଥିବା କହି ଟଙ୍କା ଫେରାଇବାକୁ ଦାବି କରିଥିଲେ। ତାହା ନହେବାରୁ ଜମି କିଣିଥିବା ପାଞ୍ଚ ଜଣ ବ୍ୟକ୍ତି ଶେଷରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ଘଟଣା ଜଣାଇଥିଲେ। ସେଠାରୁ ନିରାଶ ହେବା ପରେ ପାଞ୍ଚ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଯୋଗେନ୍ଦ୍ର ଖଣ୍ଡୁଆଳ ଜୁଲାଇ ମାସର ପ୍ରଥମ ସପ୍ତାହରେ ପଟ୍ଟାଙ୍ଗି ପୋଲିସ ନିକଟରେ ଏତଲା ଦେଇଥିଲେ। ବୁଧବାର ପୋଲିସ ସଞ୍ଜୟ ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରୁକୁମଣି ସାହୁ ଓ ମୋନଜ କୁମାର ନାୟକ ବର୍ତ୍ତମାନ ଫେରାର ରହିଛନ୍ତି। ଏନେଇ କେସ ନଂ ୮୭/୧୮ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଥିବା ଏସ୍‌ଆଇ କରୁଣାକର ଗୌଡ଼ କହିଛନ୍ତି। ସଞ୍ଜୟଙ୍କ ଘର ଯାଜପୁର ଜିଲା ହୋଇଥିବା ବେଳେ ସେ ଦାମନଯୋଡ଼ି ନିକଟସ୍ଥ ମାନିଆ ଗ୍ରାମରେ ରହୁଛନ୍ତି। ରୁକୁମଣି ଓ ମନୋଜ ଦୁହେଁ ଦାମନଯୋଡ଼ି ଥାନା ବାସିନ୍ଦା ବୋଲି ଜଣାପଡ଼ିଛି ।

## ବିବାହ ନାଁରେ ନାବାଳିକାଙ୍କୁ ପ୍ରତାରଣା: ଯୁବକ ଗିରଫ

କୋରାପୁଟ,୨୨।୮(ସ୍ୱ.ପ୍ର.)

କୋରାପୁଟ ସଦର ଥାନା ଅନ୍ତର୍ଗତ ଗିଞ୍ଜିରିଗୁଡ଼ା ଗ୍ରାମର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବର୍ଷ ବର୍ଷ ଧରି ଶାରୀରିକ ସଂପର୍କ ସ୍ଥାପନ ରଖିଥିବା ଅଭିଯୋଗ ହୋଇଛି। ଏହି ଆଧାରରେ ବୁଧବାର ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ୨୦୧୬ରୁ କୋରାପୁଟ ସଦର ଥାନା ଅନ୍ତର୍ଗତ ଗିଞ୍ଜିରିଗୁଡାର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ କୋରାପୁଟ ଚମ୍ପାଗୁଡ଼ା ଗ୍ରାମର ଲଇଚନ ସୁନା (୨୨) ବର୍ଷ ବର୍ଷ ଧରି ତାଙ୍କ ସହ ଶାରୀରିକ ସଂପର୍କ ରଖିଥିଲେ। ଫଳରେ ନାବାଳିକା ଜଣକ ୩ ଥର ଗର୍ଭବତୀ ହୋଇଥିଲେ। ଲଇଚନ କିନ୍ତୁ ତାଙ୍କର ଗର୍ଭପାତ କରାଇବା ସହ ପରେ ବିବାହ କରିବାକୁ ମନାକରିବା ପରେ ନାବାଳିକାଙ୍କ ପରିବାର ବୁଧବାର ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଏନେଇ କେସ୍ ନଂ ୮୧/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ସଦରଥାନା ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛି । କୋରାପୁଟ ସଦର ଥାନା ଏସ୍‌ଆଇ ନଟବର ନନ୍ଦ ମାମଲାର ତଦନ୍ତ କରୁଛନ୍ତି।

# ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକସଂଘ ବୈଠକ



କୋରାପୁଟ,୨୨।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ସାଂସ୍କୃତିକ ପରିଷଦରେ ବୁଧବାର ରାଜ୍ୟ ସରକାରୀ ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ସଂଘର ମହାମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ସେମାନଙ୍କ କ୍ଷେତ୍ରରେ ବଦଳି ନିୟମ ଲାଗୁ, ସପ୍ତମ ବେତନ କମିଶନ ଅନୁଯାୟୀ ୭ ପ୍ରତିଶତ ଦରମା, ଚୁକ୍ତିଭିତ୍ତିକ ଶିକ୍ଷକ ନୀତି ଉଚ୍ଛେଦ ସହ ବିଭିନ୍ନ ଦାବି ବୈଠକରେ ଆଲୋଚନା ହୋଇଥିଲା । ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ଜେନା ମୁଖ୍ୟବକ୍ତା, ସଭାପତି ଶୁଭ୍ରଜିତ ପ୍ରତିହାରୀ ସାମଲ ମୁଖ୍ୟ ଅତିଥି, କାର୍ଯ୍ୟକାରୀ ସଂପାଦକ ନିରୋଦ ରଥ, ସହ କୋଷାଧକ୍ଷ କହ୍ନେଇ କିଷାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ଗୁରୁଦିବସରେ ସେମାନେ ସମସ୍ତେ ସାମୂହିକ ଛୁଟିରେ ଯିବା ସହ ଏହାକୁ କଳାଦିବସ ଭାବେ ପାଳିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ଜିଲା ସଂଘର ସଭାପତି ମନୋଜ ସୁନାନି, ସଂପାଦକ ସୌମ୍ୟରଞ୍ଜନ ପ୍ରଧାନଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ଅବିଭକ୍ତ କୋରାପୁଟ ଜିଲାର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

# କଣ୍ଟିଆଗଡ଼ ବୋମାମାଡ଼ ଘଟଣା: ୩ ଗିରଫ

ଗଞ୍ଜାମ,୨୨।୮(ଡି.ଏନ.ଏ.)

ରମ୍ଭା ଥାନା ନିକଟସ୍ଥ କଣ୍ଟିଆଗଡ଼ ଗ୍ରାମରେ ଜୁଲାଇ ୨୫ରେ ହୋଇଥିବା ବୋମାମାଡ଼ ଘଟଣାରେ ବୁଧବାର ବିପକ୍ଷ ଗୋଷ୍ଠୀର ୩ଜଣଙ୍କୁ ଗିରଫ କରିଛି ପୋଲିସ। ଗିରଫମାନେ ହେଲେ ଶିବରାମ ପଲାଇ, ଅଖିଳ ସ୍ୱାଇଁ ଓ ରାଜୁ ସାହୁ। ଗିରଫ ବ୍ୟକ୍ତିମାନେ ବିଳମ୍ବିତ ରାତିରେ କଣ୍ଟିଆଗଡ଼ରେ ଝଗଡ଼ା କରିଥିବା ରମ୍ଭା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ଖଟୁଆକୁଦା ଗ୍ରାମରୁ ଏମାନଙ୍କୁ ଗିରଫ କରିଥିବା ବେଳେ କେଶ ନଂ.୧୪୨/୧୮ରେ ମାମଲା ରୁଜୁ କରି ବୁଧବାର କୋର୍ଟଚାଲାଣ କରାଯାଇଥିବା ରମ୍ଭା ଥାନା ପୋଲିସ ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ଏହି ଘଟଣାରେ ପୂର୍ବରୁ ୬ ଜଣ ଗିରଫ ହୋଇ ସାରିଛନ୍ତି।

# ଏଯାଏ ମିଳିଲାନି ପିଲାଙ୍କୁ ପୋଷାକ

ବୋରିଗୁମ୍ମା, ୨୨।୮(ଡି.ଏନ୍,ଏ)

ଆଦିବାସୀ ଅଧୁଷିତ କୋରାପୁଟ ଜିଲାର ବିକାଶ ପାଇଁ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ଡ଼ିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବ ସ୍ଥିତି ଦେଖିଲେ ଉଭୟ ସରକାରଙ୍କ ବିକାଶ କଥା କେବଳ ଭାଷଣ ସର୍ବସ୍ୱ ବୋଲି ଅଭିଯୋଗ ହୋଇଛି। ସମାଜର ବିକାଶ ପାଇଁ ଶିକ୍ଷା ହିଁ ମେରୁଦଣ୍ଡ। ଏଥିପାଇଁ ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ଲାଗି ସରକାର ପୋଷାକ ବଣ୍ଟନଠାରୁ ଆରମ୍ଭ କରି ମଧ୍ୟାହ୍ନଭୋଜନ, ସାଇକେଲ , ବୃତ୍ତି ପ୍ରଦାନ ସହ ଲାପଟପ ଯୋଗାଇଦେବାକୁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ବୋରିଗୁମ୍ମାର କେତେକ ବିଦ୍ୟାଳୟରେ ଏ କ୍ଷେତ୍ରରେ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀର ପିଲାଙ୍କୁ ଦୁଇ ହଳ ପୋଷାକ ମିଳିଥାଏ। ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଅଧୀନରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ୧୬, ୨୦୬ ଏବଂ ଅଷ୍ଟମ ଶ୍ରେଣୀରେ ୮୭୭୬ ଏପରି ମୋଟ ୨୪, ୮୯୪୨ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏଠାରେ ବର୍ତ୍ତମାନ ସୁଦ୍ଧା ପିଲାଙ୍କୁ ପୋଷାକ ମିଳି ନାହିଁ। ଆଗକୁ ଗଣେଶ ପୂଜା ଥିବାରୁ ପୋଷାକ ମିଳିବ ନା ନାହିଁ , ଏନେଇ ସନ୍ଦେହ ଘେରରେ ଛାତ୍ରୀଛାତ୍ର। ପ୍ରତି ଶିକ୍ଷା ବର୍ଷର ଆରମ୍ଭରୁ ଛାତ୍ରୀଛାତ୍ରଙ୍କୁ ପୋଷାକ ପ୍ରଦାନ କରାଯାଇ ବର୍ଷ ଶେଷ ପର୍ଯ୍ୟନ୍ତ ଏହାକୁ ଚାଲୁ ରଖିବା କଥା। ଏବେ କିନ୍ତୁ ବିଦ୍ୟାଳୟରେ ବିଭିନ୍ନ ଉତ୍ସବ ଶେଷ ହୋଇଯାଇଥିଲେ ସୁଦ୍ଧା ପୋଷାକ ମିଳି ନ ଥିବା ଅଭିଯୋଗ ହୋଇଛି। ଗଣେଶ ପୂଜା ପରେ ପରୀକ୍ଷା ଆରମ୍ଭ ହେବ। ହେଲେ ପରୀକ୍ଷା ସମୟରେ ପୋଷାକ ମିଳିବା ଅପେକ୍ଷା ନ ମିଳିବା ଭଲ ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଅନ୍ୟପଟେ ପୋଷାକ ବଣ୍ଟନକୁ ନେଇ ଶିକ୍ଷକ, ଅଭିଭାବକ , ବିଦ୍ୟାଳୟ ପରିଚାଳନା କମିଟି ଏବଂ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଆଲୋଚନା ଜାରି ରହିଛି। ଏହା ଭିତରେ ଛାତ୍ରୀଛାତ୍ରମାନେ ପେଶି ହୋଇପଡୁଛନ୍ତି। ଏପରିକି ବର୍ଷ ସରିଗଲେ ମଧ୍ୟ ପୋଷାକ ନ ମିଳିବା ଆଶଙ୍କାବ୍ୟକ୍ତ କରିଛନ୍ତି ଛାତ୍ରୀଛାତ୍ର। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ହେବାକୁ ଦାବି ହୋଇଛି।

## ଦ୍ୱିତୀୟ ଦିନରେ ବି ଗଡ଼ିଲାନି ବସ୍

### ବନ୍ଦକୁ ସମର୍ଥନ ଦେଲା ସିଟି କୋର୍ଡିନେଶନ କମିଟି

ଜୟପୁର,୨୨।୮(ନି.ପ୍ର.)

ରାଜ୍ୟ ସଡ଼କ ପରିବହନ କର୍ମଚାରୀ ମହାସଂଘର ଆନ୍ଦୋଳନ ଯୋଗୁ ଦ୍ୱିତୀୟ ଦିନରେ ମଧ୍ୟ ବସ୍ ଚଳାଚଳ ବନ୍ଦ ରହିଛି। ବୁଧବାର ଏହି ବନ୍ଦକୁ ଜୟପୁର ସିଟି କୋର୍ଡିନେସନ କମିଟି ସମର୍ଥନ ଦେଇଛି। ୫ ଶହ କର୍ମଚାରୀ ଯେଉଁ ୪ ଦଫା ଦାବି ରଖି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି, ସେମାନଙ୍କ ନ୍ୟାଯ୍ୟ ଦାବି ସରକାର ତୁରନ୍ତ ପୂରଣ କରିବାକୁ କମିଟିର ସଭାପତି ରାମକୃଷ୍ଣ ସାହୁ, ସମ୍ପାଦକ ପ୍ରମୋଦ ମହାନ୍ତି, ସଂଗଠନ ସମ୍ପାଦକ ଯୁଧିଷ୍ଠିର ରାଉଳ, ସହ ସମ୍ପାଦକ ସୋମ ରେଡ୍ଡୀ ଦାବି କରିଛନ୍ତି । ଏନେଇ କମିଟି ତରଫରୁ ଶ୍ରମିକ ଭବନରେ ବୈଠକ କରାଯାଇ ସଂଘକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି । ଜୟପୁର ଜୋନରେ ୬୦ଟି ରୁଟରେ ଶତାଧିକ ବସ୍ ଚଳାଚଳ ବନ୍ଦ ହୋଇଛି ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଭି.ଏସ୍. ବିଦ୍ୟାଳୟରେ ପ୍ରକୃତି ମହୋତ୍ସବ

ସେମିଳିଗୁଡ଼ା, ୨୨।୮(ଡି.ଏନ.ଏ)

କୋରାପୁଟ ଜିଲା ସୁନାବେଡାସ୍ଥିତ ଭି.ଏସ୍. ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ପ୍ରକୃତି ମହୋତ୍ସବ 'ତରବେ ନମଃ' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ସେଠ ଯୋଗଦେଇ ପରିବେଶର ସନ୍ତୁଳନ ରକ୍ଷା ପାଇଁ ଚାରା ରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଉପାଧ୍ୟକ୍ଷ ପି.କେ. ମିଶ୍ର ପ୍ରକୃତି ମହୋତ୍ସବ ପାଳନ ଜରିଆରେ ଚାରା ରୋପଣ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ନିମ୍ବ, କରଞ୍ଜ, ଅର୍ଜୁନ ଆଦି ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ। ଏଥିମଧ୍ୟରୁ ୧୧ଟି ଚାରାକୁ ଭାରତର ୧୧ଜଣ ବୀର ଶହୀଦଙ୍କ ନାମରେ ନାମିତ କରାଯାଇଥିଲା। ଶେଷରେ ଅନ୍ୟତମ ଉପାଧ୍ୟକ୍ଷ ବାବାଜୀ ଚରଣ ଦଳାଇ ଧନ୍ୟବାଦ ଦେଇଥିଲେ। ଶେଖ୍ ଇବ୍ରାହିମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବୈଠକରେ ଭାଜପା ଲିଗାଲ ସେଲ କର୍ମକର୍ତ୍ତା ।

■ ଭାଜପା ଜିଲା ଲିଗାଲ ସେଲ ବୈଠକ

# ହାଇକୋର୍ଟ ବେଞ୍ଚ ଦାବି ଗୃହୀତ

**ଦଳରେ ଯୋଗଦେଲେ ୫୦ ଆଇନଜୀବୀ**

ଜୟପୁର,୨୨।୮(ନି.ପ୍ର.)

ଜୟପୁର ସଂଗମ କଲ୍ୟାଣ ମଣ୍ଡପରେ ଭାଜପାର ଲିଗାଲ ସେଲ ତରଫରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜୟପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ ଦାବି ଏଥିରେ ଗୃହୀତ ହୋଇଛି। ବୈଠକରେ ପ୍ରଥମେ ସ୍ୱର୍ଗତ ବାଜପେୟୀଙ୍କ ସ୍ମୃତିଚାରଣ ସହ ଅମରଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ବୈଠକରେ କୋରାପୁଟ ଜିଲା ଭାଜପା ଲିଗାଲ ସେଲ ସଭାପତି ତ୍ରିନାଥ ସିଂ ଲାଲ ସଭାପତିତ୍ୱ କରିଥିଲେ । ବୈଠକରେ ଏକ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜୟପୁର ଏବଂ ବୋରିଗୁମ୍ମା ଅଞ୍ଚଳର ପ୍ରାୟ ୫୦ରୁ ଅଧିକ ଓକିଲ ଭାଜପାରେ ଯୋଗ ଦେଇଛନ୍ତି।

■ ଆଦିବାସୀଙ୍କ ବନ୍ଦାପଣ ପର୍ବ

# ଫସଲ ସୁରକ୍ଷା ପାଇଁ ପୂଜାର୍ଚ୍ଚନା

କୋରାପୁଟ,୨୨।୮(ସ୍ୱ.ପ୍ର.)

ଭାଦ୍ରବ ମାସ ମାସିବା ମାତ୍ରେ ଆଦିବାସୀ ବହୁଳ କୋରାପୁଟ ଜିଲା ଉତ୍ସବ ମୁଖର ହୋଇଉଠିଛି । ଜିଲାର ପରଜା ସଂପ୍ରଦାୟ ପାଳନ କରିଛନ୍ତି ବନ୍ଦାପଣ ପର୍ବ । ପରିବାର ଲୋକଙ୍କ କୁଶଳ କାମନା ଏବଂ ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ପରଜା ସଂପ୍ରଦାୟ ଏହି ପର୍ବ ପାଳନ କରିଥାନ୍ତି । ବର୍ଷକୁ ବାର ମାସ ନାନା ଉତ୍ସବ ପାଳନ କରୁଥିବା ଆଦିବାସୀ ଭାଦ୍ରବ ଅମାବାସ୍ୟାରେ ପାଳନ କରିଛନ୍ତି ସେମାନଙ୍କ ଚଳିତବର୍ଷର ପ୍ରଥମ ପର୍ବ । ଏହାକୁ ବନ୍ଦାପଣ ପର୍ବ କୁହାଯାଇଥାଏ ।



ଚାଷଜମି ନିକଟରେ ପୂଜାର୍ଚ୍ଚନା କରାଯାଉଛି ।

ବିଶେଷତଃ ଏହି ପର୍ବକୁ କୋରାପୁଟର ଆଦିବାସୀ ସଂପ୍ରଦାୟ ପାଳନ କରିଥାନ୍ତି । ଏହି ପର୍ବ ଜିଲା ସଦର ମହକୁମା ନିକଟରେ ଥିବା କୋରାପୁଟ ବ୍ଲକ ମାଛରା ଗ୍ରାମବାସୀ ପାଳନ କରିଛନ୍ତି। ସକାଳୁ କୃଷକ ପରିବାରର ମୁଖ୍ୟ ହାତରେ ଅର୍ଘ୍ୟଥାଳି ଧରି ଜମିକୁ ଯାଇଥିଲେ । ସେଠାରେ ସେମାନେ ସେମାନଙ୍କର ଇଷ୍ଟଦେବୀ ବେଟରାଣୀ ଚାଷ କନ୍ୟାଙ୍କୁ ବନ୍ଦାପନା କରିଥିଲେ । ପରେ ଚାଷ ଜମିରେ କେନ୍ଦୁ ଓ ବିଭିନ୍ନ ଡାଳ ପୋତିଥିଲେ । ଏହି ପର୍ବ ପାଳନକୁ ନେଇ ସ୍ଥାନୀୟ କୃଷକ ମଦନ କିରସାନି କହିଛନ୍ତି ଯେ କେଉଁ କାଳରୁ ଏହି ପର୍ବ ପରଜା ସଂପ୍ରଦାୟରେ ପାଳନ ହୋଇଆସୁଛି । ପୂର୍ବେ ଏହି ପର୍ବକୁ ୩ ଦିନ ଧରି ପାଳନ କରାଯାଉଥିବା ବେଳେ ବର୍ତ୍ତମାନ ଗୋଟିଏ ଦିନ କରାଯାଉଛି ।

**ସଂକ୍ଷେପରେ**

## ଭାଜପା ପକ୍ଷରୁ ରିଲିଫ୍ ବଣ୍ଟନ



ମାଥିଲି,୨୨।୮ (ଡି.ଏନ.ଏ) - ଗତ ଲଗାଣ ବର୍ଷାରେ ମାଥିଲି ବ୍ଲକରେ ବନ୍ୟା ପରିସ୍ଥିତି ଉପୁଜିଛି । ବର୍ଷା କମିବା ପରେ ଏହି ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି । ୩ ଦିନ ମଧରେ ସମ୍ପୂର୍ଣ୍ଣ କ୍ଷୟକ୍ଷତି ଅଞ୍ଚଳର ରିପୋର୍ଟ ଦେବାକୁ ଜିଲାପାଳ ମନୀଷ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି । ଜଳବନ୍ଦୀ ବିପନ୍ନଙ୍କୁ ଭେଟିବା ସହ ଗ୍ରାମକୁ ଗ୍ରାମ ବୁଲି ଭାଜପା ଲୋକଙ୍କୁ ରିଲିଫ ଦେଉଛି । ବ୍ଲକର କୁଟୁଣିପାଲି, ଧୁଙ୍ଗିଆପୁଟ, ପାତ୍ରପୁଟ, ବିମନପାଲି, ଦଳପତିପୁଟ ଗ୍ରାମରେ ୨୦୩ ଜଣଙ୍କୁ ରିଲିଫ ବଣ୍ଟନ କରାଯାଇଛି। ଏଥିରେ ପୂର୍ବତନ ଉପ ବାଚସ୍ପତି ପ୍ରହଲ୍ଲାଦ ଦୋରା, ନବରଙ୍ଗପୁର ପୂର୍ବତନ ଏମପି ପର୍ଶୁରାମ ମାଝି, ଜଳନ୍ଧର ନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ । ସୂଚନାଯୋଗ୍ୟ ଯେ, ମାଥିଲି ବ୍ଲକ ଲଗାଣ ବର୍ଷାରେ ବନ୍ୟାପ୍ଲାବିତ ହୋଇ ଅଧିକ କ୍ଷତିଗ୍ରସ୍ତ ହୋଇଛି । ବହୁ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। । ଚାଷ ଜମିରେ ବାଲିଚର ମାଡିଯାଇଛି ।

# ଆଶ୍ରମ ବିଦ୍ୟାଳୟ ହଷ୍ଟେଲ ଛାତରୁ ଗଳୁଛି ପାଣି ,ସମସ୍ୟାରେ ଛାତ୍ରୀ

କାଲିମେଲା,୨୨।୮ (ଡି.ଏନ.ଏ)

ମାଲକାନଗିର ଜିଲାରେ ଅନୁସୂଚିତ ଜାତି ଜନଜାତି ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ ଆଶ୍ରମ ବିଦ୍ୟାଳୟର ଶ୍ରେଣୀ ଗୃହ ଓ ହଷ୍ଟେଲ ଗୃହଗୁଡିକରୁ ବର୍ଷା ହେଲେ ପାଣି ଗଳୁଛି। ଫଳରେ ଏଠାରେ ରହୁଥିବା ଅନ୍ତେବାସୀ ଛାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ନିମ୍ନମାନର କାର୍ଯ୍ୟ ସହ ଏହାର ରକ୍ଷଣାବେକ୍ଷଣ ସଠିକ ଭାବରେ ହେଉ ନ ଥିବା ଯୋଗୁ ଏପରି ପରିସ୍ଥିତି ଉପୁଜୁଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଲା ବ୍ଲକ ଦୁର୍ଗମ ବେଜାଙ୍ଗିବାଡା ଆଶ୍ରମ ବିଦ୍ୟାଳୟରେ ।

ବେଜାଙ୍ଗିବାଡାସ୍ଥିତ ଏହି କେବିକେ ଛାତ୍ରୀ ନିବାସରେ ୪୦ ଜଣ ଅନ୍ତେବାସୀ ରହିବା କଥା । ମାତ୍ର ଏଠାରେ ୪୦ ବଦଳରେ ୧୦୦ରୁ ଉର୍ଦ୍ଧ୍ୱ ଛତ୍ରୀ ରହୁଛନ୍ତି । ୪ଟି କୋଠରି ଛାତରୁ ପାଣି ଗଳୁଥିବାରୁ ଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଳ୍ପ ବର୍ଷା ହେଲେ ମଧ ସେମାନେ ସମସ୍ୟାରେ ପଡୁଛନ୍ତି। ଅତ୍ୟଧିକ ବର୍ଷା ହେଲେ କୋଠରି ଭିତରେ ପାଣି ଜମା ହୋଇଯାଉଛି। ବହିଖାତା ସବୁ ଓଦା ହୋଇଯାଉଛି। ବାଧ ହୋଇ ଛାତ୍ରୀମାନେ ବିଦ୍ୟାଳୟ ଶ୍ରେଣୀ ଗୃହ ଭିତରେ ରହୁଛନ୍ତି। ଗତ ୨ ଦିନ ତଳେ ମାଲକାନଗିରି ବିଧାୟକ ମାନସ ମାଡକାମି ଉକ୍ତ ଛାତ୍ରୀନିବାସକୁ ଗସ୍ତ କରି ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ହଷ୍ଟେଲର ବିଭିନ୍ନ ସମସ୍ୟା ନେଇ ଛାତ୍ରୀମାନେ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ । ବିଧାୟକ ମଧ ନିଜେ ଛାତ୍ରୀନିବାସର ସମସ୍ତ କୋଠରି ବୁଲି ଦେଖି ଏହାର ସ୍ଥିତି ସମ୍ପର୍କରେ ପ୍ରଧାନ ଶିକ୍ଷକ ସରୋଜ କୁମାର ସାମନ୍ତରାୟଙ୍କୁ ପଚାରି ବୁଝିଥିଲେ। ଏହି ଛାତ୍ରୀନିବାସ କୋଠରିଗୁଡିକ ବହୁଦିନର ଏବଂ ଏହାର ମରାମତି କରାଯାଉ ନ ଥିବା ଅଭିଯୋଗ ହୋଇଛି । କୋଠରିଗୁଡିକ ସବୁ ସମୟରେ ସନ୍ତସନ୍ତିଆ ରହୁଥିବାରୁ ଅନ୍ତେବାସୀ ମାନେ ଅଧିକାଂଶ ସମୟରେ ଥଣ୍ଡା ଜ୍ୱରରେ ପଡୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି । ବିଧାୟକ ମଧ ଏ ବିଷୟରେ ଜିଲା ଅଧିକାରୀଙ୍କ ସହ କଥା ହୋଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଜିଲା ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକ ମହଲରୁ ଦାବି ହୋଇଛି।



ଛାତ୍ରୀନିବାସକୁ ବିଧାୟକ ମାନସ ମାଡକାମୀ ବୁଲି ଦେଖୁଛନ୍ତି ।

- ୪୦ ଅନ୍ତେବାସୀ ବଦଳରେ ରହୁଛନ୍ତି ଶହେ ଜଣ
- ବର୍ଷା ହେଲେ ଭିଜୁଛି ବହିଖାତା
- ବିଧାୟକଙ୍କ ଗସ୍ତ ବେଳେ ଛାତ୍ରୀ ଜଣାଇଲେ ସମସ୍ୟା

## ବସଷ୍ଟାଣ୍ଡ ପରିସରରୁ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ

କାଲିମେଲା,୨୨।୮ (ଡି.ଏନ.ଏ)– କାଲିମେଲା ବସଷ୍ଟାଣ୍ଡ ନିକଟରୁ ବୁଧବାର ଏକ ଗଞ୍ଜେଇ ଭର୍ତ୍ତି ଏକ ବ୍ୟାଗକୁ କାଲିମେଲା ପୋଲିସ ଜବତ କରିଛି। କାଲିମେଲା ମେଡିକାଲ ସମ୍ମୁଖରେ ଥିବା ବସଷ୍ଟାଣ୍ଡ ପରିସରରେ ଏକ କଳା ରଙ୍ଗର ବ୍ୟାଗ ପଡିରହିଥିବା ଏଠାକାର କିଛି ବ୍ୟବସାୟୀ ଦେଖିବାକୁ ପାଇଥିଲେ । ବ୍ୟାଗଟି ସକାଳୁ ସେଠାରେ ସନ୍ଦେହଜନକ ଅବସ୍ଥାରେ ଥିଲା। ଖବର ପାଇ କାଲିମେଲା ଥାନା ଏସଆଇ ଶମ୍ଭୁନାଥ ନାୟକ ପହଞ୍ଚି ଉକ୍ତ ବ୍ୟାଗକୁ ଜବତ କରିଥିଲେ। ଏହାକୁ ତନଖି କରିବାରୁ ଏଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। କେହି ଅଜଣା ବ୍ୟକ୍ତି ଏହି ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ନେଇଯାଉଥିବା ବେଳେ ଧରା ପଡିଯିବା ଭୟରେ ଏଠାରେ ଛାଡି ଚାଲିଯାଇଥିବା ପୋଲିସ ଅନୁମାନ କରୁଛି । ବ୍ୟାଗ ଭିତରୁ ଜଣେ ପୁରୁଷ ଲୋକର ପ୍ୟାଣ୍ଟସାର୍ଟ ମଧ ମିଳିଛି । ବ୍ୟାଗରେ ଅଢେଇ କେଜି ଗଞ୍ଜେଇ ଥିବା ବେଳେ ଏହାର ମୂଲ୍ୟ ୮ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଜବତ ଗଞ୍ଜେଇକୁ ଥାନା ମାଲଖାନାରେ ରଖାଯିବ ବୋଲି ଏସଆଇ ନାୟକ କହିଛନ୍ତି।

# କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖିଲେ ବିଧାୟକ

ବାଲିମେଳା, ୨୨।୮ (ଡି.ଏନ.ଏ.)

ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୱାର୍ଡକୁ ଯାଇ କ୍ଷତିଗ୍ରସ୍ତ ଲୋକଙ୍କ ପରିବାରକୁ ଭେଟିଛନ୍ତି ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା । ବୁଧବାର ପୂର୍ବାହ୍ନରେ ସେ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଘର ଭାଙ୍ଗିଯାଇଥିବା ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ସମ୍ପୂର୍ଣ୍ଣ ଘର ଭାଙ୍ଗିଥିବା ଲୋକଙ୍କୁ ପ୍ରଶାସନ ତରଫରୁ ପଲିଥିନ ବଣ୍ଟନ କରିଥିଲେ। ବାଲିମେଳା ସହରର ପମ୍ପଲାଇନ, ହନୁମାନମନ୍ଦିର ଲାଇନ, ଝଟିମାଟି ଲାଇନ୍, ଦୁର୍ଗାଗୋଡି ସାହି ନଦୀ ପାଖରେ ଥିବା ଯୋଗୁ ପ୍ରତ୍ୟେକ ବର୍ଷ ବର୍ଷାଦିନେ ଘରଗୁଡିକ ଭାଙ୍ଗିଯାଉଛି ବୋଲି ଲୋକମାନେ ଅଭିଯୋଗ କରିଥିଲେ । କ୍ଷତିଗ୍ରସ୍ତ ପରିବାରଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସେ ମଧ ସହରରେ ନିର୍ମାଣ ହେଉଥିବା ମଡେଲ ସ୍କୁଲ ପରିଦର୍ଶନ କରିଥିଲେ। ପରେ ବାଲିମେଳା ସହରରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀନିବାସରେ ଛାତ୍ରୀମାନଙ୍କୁ ଭେଟି ସେମାନଙ୍କୁ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଛାତ୍ରୀନିବାସ ଛାତରୁ ପାଣି ଗଳୁଥିବାରୁ ଛାତ ତଳେ ପଲିଥିନ ବାନ୍ଧି ରହୁଛନ୍ତି ବୋଲି ଛାତ୍ରୀମାନେ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ନୂତନ ଗୃହ ନିର୍ମାଣ ବ୍ୟବସ୍ଥା କରାଯିବ ବୋଲି ସେମାନଙ୍କୁ କହିଥିଲେ । ଶେଷରେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ବିଧାୟକଙ୍କ ସହ କାର୍ଯ୍ୟନିର୍ବାହୀ ଅଧିକରୀ ବିଷ୍ଣୁ ବିଶୋୟୀ, କନିଷ୍ଠ ଯନ୍ତ୍ରୀ ସୁଶୀଲ କୁମାର ବେହେରା, ରାଜସ୍ୱ ନିରୀକ୍ଷକ ଶ୍ରୀନିବାସ ପଟ୍ଟନାୟକ, କାଶୀନାଥ ମଣ୍ଡଳ, ଉପନଗରପାଳ ଟୁକୁନା ପ୍ରଧାନ,ଜିଲା ସଂଯୋଜକ ରାଜେନ୍ଦ୍ର ପଣ୍ଡା, ସଞ୍ଜୟ ପଟ୍ଟନାୟକ, ମଙ୍ଗଳା ପାଙ୍ଗି, ପୂର୍ଣ୍ଣ ଭଦ୍ରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଗ୍ରାମବାସୀଙ୍କ ସହ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଅସ୍ଥାୟୀ ପୋଲ ନିର୍ମାଣ କରୁଛନ୍ତି ।

# ଗ୍ରାମବାସୀଙ୍କ ସହ ମିଶି ବିଧାୟକ ନିର୍ମାଣ କଲେ ଅସ୍ଥାୟୀ ପୋଲ

ଖଇରପୁଟ,୨୨।୮ (ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ଲଗାଣ ବର୍ଷା ଯୋଗୁ ଆମାକୁଣ୍ଡ ରାସ୍ତାରେ ଥିବା ପୋଲ ଭାଙ୍ଗି ଯାଇଥିଲା । ପ୍ରଶାସନର ସହାୟତାକୁ ଅପେକ୍ଷା ନ ରଖି ମଙ୍ଗଳବାର ଖଇରପୁଟ, ମାଝିଗୁଡା ଗ୍ରାମବାସୀଙ୍କ ସହ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ମିଶି ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ଫଳରେ ଉକ୍ତ ରାସ୍ତା ଦେଇ ଗମନାଗମନ ସ୍ୱାଭାବିକ ହୋଇପାରିଛି। ଗ୍ରାମବାସୀ ପୋଲ ଉପର ଦେଇ ଯାତାୟତ କରିପାରୁଛନ୍ତି। ଛାତ୍ରୀଛାତ୍ରମାନେ ମଧ ସ୍କୁଲ କଲେଜକୁ ପାଠ ପଢି ଯାଉଛନ୍ତି। ସୋମବାର ଜିଲାପାଳ ମନୀଶ ଅଗ୍ରୱାଲ ଉକ୍ତ ଅଞ୍ଚଳକୁ ଗସ୍ତ କରି ଆମାକୁଣ୍ଡ–ଖଇରପୁଟ ରାସ୍ତା ନିର୍ମାଣ କରୁଥିବା ଠିକାଦରଙ୍କୁ ଖୁବ୍‌ଶୀଘ୍ର ଗମନାଗମନ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉକ୍ତ ଅଞ୍ଚଳର ଗ୍ରାମବାସୀ ପ୍ରଶାସନର ସହାୟତାକୁ ଅପେକ୍ଷା ନ କରି ମିଳିତ ଭାବେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ଏଥିରେ ବିଧାୟକ ଶିଶା ସାମିଲ ହୋଇଥିଲେ।

## ପ୍ରଧାନ ସେବକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାଣ୍ଡ୍ରିପାଣି,୨୨।୮– ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ପଞ୍ଚାୟତରେ ଥିବା ଆଶ୍ରମ ବିଦ୍ୟାଳୟର ପୂର୍ବତନ ପ୍ରଧାନସେବକ କାଶୀ ବିଶ୍ୱନାଥ ସୁନାମୁଦିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉତ୍ସବରେ ଅତିଥି ରୂପେ ପାଣ୍ଡ୍ରିପାଣି ସରପଞ୍ଚ ଶିବ ଖେମୁଡୁ ଉପସ୍ଥିତ ରହି ପ୍ରଧାନ ସେବକ ସୁନାମୁଦିଙ୍କ ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ସଭାପତି ବଳଭଦ୍ର ଖିଲ, ପୂର୍ବତନ ସଭାପତି ତ୍ରିଲୋଚନ ପରିଜା ଓ ସମାଜସେବୀ ସୁନ୍ଦର ରାଏ ସେଡା ମଞ୍ଚାସୀନ ଥିଲେ । ଏହି ଅବସରରେ ପ୍ରଧାନ ସେବକ ରୂପେ ଦାୟିତ୍ୱ ଗ୍ରହଣ କରିଥିବା ମୋହନ ପାଙ୍ଗିଙ୍କୁ ସ୍ୱାଗତ କରାଯାଇଥିଲା।


**ଓଡ଼ିଶା ସରକାର** 904/29.6.2018

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

LA Case No-

FIle No. 23/2017 Dated..........

**No.V-38:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–ବୁଢ଼ାବଣ, ଥାନା–ପାଟଣା ନଂ–୨୦୭, ତହସିଲ–ସାହାରପଡ଼ା, ଜିଲ୍ଲା–କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୨.୬୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩( RFCTLAR & R ACT, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧ (୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧– ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ––ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨– ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩– କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪– ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ–......./ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫– ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ–ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬– ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡା | ବୁଢାବଣ | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୬.୨୮ | ଏ.୧୨.୬୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ ଭୂ–ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

**LAND SCHEDULE FOR PERMANENT ACQUISTION OF LAND**

ମୌଜା–ବୁଢାବଣ, ଥାନା–ପାଟଣା, ନମ୍ବର–୨୦୭, ତହସିଲ–ସାହାରପଡା, ଜିଲ୍ଲା–କେନ୍ଦୁଝର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୪ | ୬୨୩ | ୦.୭୧ | ୦.୩୦ | ବାଜେଫ ସଲ ଦୁଇ | ଅର୍ଜୁନ ନାଏକ, ରୂପା ନାଏକ, ପି: ଜୟଦେବ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୨/୮୦୭ | ୦.୨୫ | ୦.୦୭ | ଘରବାରୀ | | |
| ୨. | ୮ | ୫୯୬ | ୦.୨୦ | ୦.୦୧ | ବାଜେଫ ସଲ ଦୁଇ | ଅହିରାମ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୧୯ | ୦.୫୯ | ୦.୦୫ | ଶାରଦ ତିନି | | |
| | | ୬୫୦ | ୦.୬୮ | ୦.୨୩ | ବାଜେଫ ସଲ ଦୁଇ | | |
| | | ୬୬୧ | ୦.୩୯ | ୦.୦୨ | ଶାରଦ ତିନି | | |
| | | ୬୬୫ | ୦.୭୧ | ୦.୧୭ | ବାଜେଫ ସଲ ଦୁଇ | | |
| | | ୬୮୪ | ୦.୨୧ | ୦.୦୧ | ଶାରଦ ତିନି | | |
| | | ୬୯୧ | ୦.୭୮ | ୦.୪୯ | ବାଜେଫ ସଲ ଦୁଇ | | |
| ୩. | ୯ | ୨୩୪ | ୦.୩୦ | ୦.୦୧ | ଶାରଦ ଦୁଇ | ଆନନ୍ଦ ମହାନ୍ତ, ପି: ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା: ସୀତାରାମ୍ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪. | ୧୦ | ୫୧୯ | ୦.୨୭ | ୦.୦୮ | ଶାରଦ ତିନି | ଓକିଲ ପାତ୍ର, ପି: ବଲ ପାତ୍ର, ଜା: ପାଣ, ବା: ସଙ୍ଖୁଆ | |
| | | ୫୧୮/୮୮୯ | ୦.୧୫ | ୦.୦୩ | ଶାରଦ ତିନି | | |
| ୫. | ୧୧ | ୫୦୪ | ୦.୨୪ | ୦.୦୧ | ତଲଲା ଏକ | କଣ୍ଡ ପାତ୍ର, ପି–ଜଗନ୍ନାଥ ପାତ୍ର, ତିର ପାତ୍ର, ପି: ପୁରନ୍ଦର ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୫୧୮ | ୩.୨୫ | ୦.୨୦ | ଶାରଦ ତିନି | | |
| ୬. | ୩୨ | ୬୪୯ | ୦.୮୪ | ୦.୩୫ | ବାଜେଫ ସଲ ଦୁଇ | ଦଲ ଗଞ୍ଜନ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୭୯ | ୦.୩୫ | ୦.୦୧ | ଶାରଦ ତିନି | | |
| | | ୬୮୫ | ୦.୨୨ | ୦.୧୬ | ଶାରଦ ତିନି | | |
| | | ୬୩୫/୭୪୨ | ୦.୧୭ | ୦.୧୪ | ବାଜେଫ ସଲ ଦୁଇ | | |
| ୭. | ୩୦ | ୨୩୨ | ୦.୪୦ | ୦.୨୧ | ଶାରଦ ଦୁଇ | ଜାଉରା ମୁଣ୍ଡା, ମାଧ ମୁଣ୍ଡା, ବୁଟି ମୁଣ୍ଡା, ଘନ ମୁଣ୍ଡା, ପି: ରାଇଁସିଂ ମୁଣ୍ଡା, ବିରିସିଂ ମୁଣ୍ଡା, ମଧୁ ମୁଣ୍ଡା, ପି: କାଉଁରା ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | |
| | | ୩୧୩ | ୦.୨୦ | ୦.୦୧ | ଶାରଦ ଦୁଇ | | |
| | | ୩୧୪ | ୦.୩୩ | ୦.୧୯ | ଶାରଦ ତିନି | | |
| ୮. | ୩୪ | ୬୭୭ | ୧.୦୨ | ୦.୭୯ | ବାଜେ ଫସଲ ଦୁଇ | ଦୀର୍ଘା ମାଝୀ, ଲଚ୍ଛୁ ମାଝୀ, ପି: ଗୋରା ମାଝୀ, ମଙ୍ଗଲା ମାଝୀ, ମାତାଲ ମାଝୀ, ପି: କାନ୍ଦ୍ରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୭୮ | ୦.୮୨ | ୦.୫୭ | ଶାରଦ ତିନି | | |
| | | ୬୯୨ | ୧.୩୫ | ୦.୭୭ | ବାଜେ ଫସଲ ଦୁଇ | | |
| ୯. | ୪୧ | ୬୩୫ | ୧.୮୫ | ୦.୫୦ | ବାଜେ ଫସଲ ଦୁଇ | ଧନୁ ମହାନ୍ତ, ପି: ଆଶାରାମ ମହନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୦. | ୪୬ | ୩୨୬ | ୦.୫୧ | ୦.୦୬ | ଶାରଦ ଦୁଇ | ବଣ୍ଟୁ କୋହ୍ଲ, ପି: ତୁରୀ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୧. | ୪୭ | ୩୨୪ | ୦.୬୧ | ୦.୧୨ | ଶାରଦ ଦୁଇ | ବୁଣ୍ଟୁ କୋହ୍ଲ, ରାଇସିଂ କୋହ୍ଲ, ବସେନ କୋହ୍ଲ, ପି: ମରା ରାମ କୋହ୍ଲ, ଲାଲଦୁ କୋହ୍ଲ, ପି: ମାଙ୍ଗତା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୨. | ୪୯ | ୬୨୬ | ୧.୦୦ | ୦.୨୩ | ବାଜେ ଫସଲ ଦୁଇ | ବହ୍ଲି ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୨୬/୮୧୦ | ୨.୧୮ | ୦.୪୨ | ବାଜେ ଫସଲ ଦୁଇ | | |
| ୧୩ | ୫୧ | ୬୩୬ | ୧.୫୯ | ୦.୫୨ | ବାଜେ ଫସଲ ଦୁଇ | ବାଉଦି ମହାରଣା, ପି: ଚନ୍ଦରୁ ମହାରଣା, ଜା: ମହାରଣା, ବା: ନିଜଗାଁ | |
| | | ୬୭୦ | ୧.୩୯ | ୦.୫୦ | ବାଜେ ଫସଲ ଦୁଇ | | |
| ୧୪. | ୫୨ | ୫୧୮/୮୭୮ | ୦.୨୮ | ୦.୦୮ | ଶାରଦ ତିନି | ବାସୁଦେବ ପାତ୍ର, ବିଦ୍ୟାଧର ପାତ୍ର, ବାମଦେବ ପାତ୍ର, ଦିନବନ୍ଧୁ ପାତ୍ର, ମଧୁସୂଦନ ପାତ୍ର, ପି : ବିଶୁନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୫. | ୫୬ | ୨୩୩ | ୦.୪୫ | ୦.୧୮ | ଶାରଦ ଦୁଇ | ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି: ଶାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୬ | ୫୮ | ୫୯୧ | ୦.୭୨ | ୦.୨୧ | ଘରବାରି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୧ | ୦.୩୪ | ୦.୦୮ | ଶାରଦ ତିନି | | |
| ୧୭ | ୬୪ | ୫୯୫ | ୦.୨୬ | ୦.୦୨ | ବାଜେ ଫସଲ ଦୁଇ | ଭାରତ ଚନ୍ଦ୍ର ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୪୮ | ୦.୨୦ | ୦.୧୦ | ବାଜେ ଫସଲ ଦୁଇ | | |
| | | ୬୬୩ | ୦.୯୬ | ୦.୪୦ | ବାଜେ ଫସଲ ଦୁଇ | | |
| | | ୬୭୧ | ୦.୭୧ | ୦.୦୧ | ବାଜେ ଫସଲ ଦୁଇ | | |
| | | ୬୮୬ | ୧.୦୦ | ୦.୩୯ | ବାଜେ ଫସଲ ଦୁଇ | | |
| | | ୬୮୦ | ୦.୯୨ | ୦.୦୧ | ଜଳଶୟ ଦୁଇ | | |
| ୧୮ | ୫୯ | ୫୯୦ | ୨.୩୨ | ୦.୩୬ | ଦିଆଳି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଫକିରା ନାଏକ, ଦିବାକର ନାଏକ, ଗୋବରା ନାଏକ, ପି: ପଦ୍ମ ଚରଣ ନାଏକ, ଗୁରୁ ଚରଣ ନାଏକ, ପି: ବନମାଳୀ ନାଏକ, ମହେଶ୍ୱର ନାଏକ, ଗଦାଧର ନାଏକ, ପି: ବଳି ନାଏକ, ମହେନ୍ଦ୍ର ନାଏକ, ଅନାଦୀ ନାଏକ, ପି: ଶୁକେବ ନାଏକ, ଗଦା ନାଏକ, ପି: ଫଗୁ ନାଏକ, ଜା: ବାଥୁଡି, ବା: ନିଜଗାଁ | |
| | | ୬୨୦ | ୨.୭୦ | ୦.୪୬ | ବାଜେ ଫସଲ ଦୁଇ | | |
| ୧୯. | ୬୬ | ୩୨୧ | ୦.୮୦ | ୦.୨୦ | ବାଜେ ଫସଲ ଦୁଇ | ଭୀମ ନାଏକ, ପି: ପବିତ୍ର ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୨୦. | ୬୭ | ୨୩୦ | ୦.୧୪ | ୦.୧୦ | ଶାରଦ ଦୁଇ | ଭୁଟୁ ମହାନ୍ତ, ରଜ ମହାନ୍ତ, ଚମ୍ପା ମହାନ୍ତ, ପି: ରଥୁ ମହାନ୍ତ, ଅଲତା ମହାନ୍ତ, ସ୍ୱା: ରଥୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୧. | ୭୫ | ୬୨୪ | ୧.୪୫ | ୦.୧୦ | ଘରବାରି | ମକୁରୁ ମହାନ୍ତ, ଶଙ୍କୁରୁ ମହାନ୍ତ, କାଞ୍ଚନ ମହାନ୍ତ, ପି: ହୀରା ମହାନ୍ତ, ସନୁ ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ବନ୍ଧୁଆ ମହାନ୍ତ, ଦୟା ମହାନ୍ତ, ମୁଟୁ ମହାନ୍ତ, ଚେମୁଟୁ ମହାନ୍ତ, ପି: ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୨. | ୭୭ | ୬୭୬ | ୦.୮୬ | ୦.୨୪ | ବିଆଳି | ମଙ୍ଗଲା ମାଝୀ, ମାତାଲ ମାଝୀ, ପି– କାନ୍ଦ୍ରା ମାଝୀ, ଜା– ସାନ୍ତାଳ, ବା– ନିଜଗାଁ | |
| | | ୬୯୩ | ୧.୧୮ | ୦.୫୧ | ଘରବାରୀ | | |
| | | ୬୯୪ | ୦.୦୮ | ୦.୦୮ | ବାଜେ ଫସଲ ଦୁଇ | | |
| ୨୩. | ୮୦ | ୭୦୮ | ୦.୨୭ | ୦.୦୧ | ରାସ୍ତା | ମଧୁ ମହାନ୍ତ, ପି– ଘାସିଆ ମହାନ୍ତ, ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି– ଶିବ ମହାନ୍ତ, ରଜନୀ ମହାନ୍ତ, ସ୍ୱା– ଶାମ ମହାନ୍ତ, ଆନନ୍ଦ ମହାନ୍ତ, ପି– ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା– ସୀତାରାମ ମହାନ୍ତ, ଜା– କୁଡୁମି, ବା– ନିଜଗାଁ | |
| ୨୪. | ୮୪ | ୩୦୯ | ୧.୨୨ | ୦.୧୬ | ଶାରଦ ଦୁଇ | ମହେଶ୍ୱର ମହାନ୍ତ, ପି– ଶିବ ମହାନ୍ତ, ଲେମ୍ବୁ ମହାନ୍ତ, ପି– ପରମେଶ୍ୱର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି– ବିଶ୍ୱମ୍ବର ମହାନ୍ତ, ଜା– କୁଡୁମି, ବା– ନିଜଗାଁ | |
| ୨୫. | ୮୬ | ୬୩୩ | ୦.୫୩ | ୦.୦୫ | ବାଜେ ଫସଲ ଦୁଇ | ମହେଶ୍ୱର ଦଣ୍ଡପାଟ, ପି– କୃପାସିନ୍ଧୁ ଦଣ୍ଡପାଟ, ଜା– ସାଉନ୍ତି, ବା– ନିଜଗାଁ | |
| ୨୬. | ୮୯ | ୬୬୪ | ୦.୫୦ | ୦.୦୭ | ବାଜେ ଫସଲ ଦୁଇ | ମାନୁଧର ବରଡୁହା, ବୈଶାଖୁ ବରଡୁହା, ପି– ଗୁରୁ ଚରଣ ବରଡୁହା, ଜା– ସାଉଁନ୍ତି, ବା– ନିଜଗାଁ | |
| ୨୭. | ୯୦ | ୩୧୬ | ୦.୭୦ | ୦.୧୬ | ଘରବାରୀ | ମେଞ୍ଚ କୋହ୍ଲ, ପି– ଜେନା କୋହ୍ଲ, ଜା– କୋହ୍ଲ, ବା– ନିଜଗାଁ | |
| ୨୮. | ୯୨ | ୩୦୯/୭୭୮ | ୦.୩୨ | ୦.୦୫ | ଶାରଦ ଦୁଇ | ରଣଜିତ ମହାନ୍ତ, ପି– କର୍ମୁ ମହାନ୍ତ, ଜା– କୁଡୁମି, ବା– ମଣ୍ଡୁଆ, ଜି– ମୟୂରଭଞ୍ଜ | |
| ୨୯. | ୧୦୦ | ୬୨୫ | ୦.୨୭ | ୦.୧୦ | ଘରବାରୀ | ଲକ୍ଷ୍ମୀଧର ବରଡୁହା, ଉପେନ୍ଦ୍ର ବରଡୁହା, ପି– ବୁଧିଆ ବରଡୁହା, ଜା– ସାଉଁନ୍ତି, ବା– ନିଜଗାଁ | |
| ୩୦. | ୧୦୨ | ୬୨୬/୮୦୯ | ୧.୩୨ | ୦.୨୪ | ବାଜେ ଫସଲ ଦୁଇ | ଲାଲ ମୋହନ ନାଏକ, ପି– ଭଗବାନ ନାଏକ, ଜା– ବାଥୁଡି, ବା– ଗୋରାଣ୍ଡିଯୋଡି | |
| ୩୧. | ୧୦୭ | ୨୩୧ | ୦.୧୪ | ୦.୧୪ | ଶାରଦ ଦୁଇ | ସଭା ମହାନ୍ତ, ପି– ରେଙ୍ଗୁ ମହାନ୍ତ, ଜା– କୁଡୁମି, ବା– ନିଜଗାଁ | |
| ୩୨. | ୭୯ | ୬୯୮ | ୦.୪୪ | ୦.୧୩ | ବାଜେ ଫସଲ ଦୁଇ | ମଧୁ ମହାନ୍ତ, ପି– ଘାସିଆ ମହାନ୍ତ, ଜା– କୁଡୁମି, ବା– ନିଜଗାଁ | |
| ୩୩. | ୧୨୪/୧୬ | ୫୧୮/୯୨୩ | ୦.୨୪ | ୦.୦୯ | ଶାରଦ ତିନି | ବାମଦେବ ପାତ୍ର, ପି– ବିଶୁନୁ ପାତ୍ର, ଜା– ପାଣ, ବା– ସଙ୍ଖୁଆ | |
| ୩୪. | ୧୨୪/୨୨ | ୩୨୪/୯୨୦ | ୦.୨୦ | ୦.୧୬ | ଶାରଦ ଦୁଇ | ନାରାୟଣ ଗଡସରା, ପି– ମରା କୋହ୍ଲ, ଜା– କୋହ୍ଲ, ବା– ନିଜଗାଁ | |
| ୩୫. | ୧୨୪/୧୯ | ୮୦୯/୯୦୯ | ୦.୪୦ | ୦.୨୪ | ବାଜେ ଫସଲ ଦୁଇ | ଦେବେନ୍ଦ୍ର ମହାନ୍ତ, ପି– ବିଶମ୍ବର ମହାନ୍ତ, ଜା– କୁଡୁମି, ବା– ନିଜଗାଁ | |
| ୩୬. | ୧୨୪/୧୦ | ୫୧୮/୯୦୦ | ୦.୬୦ | ୦.୧୫ | ଶାରଦ ତିନି | ବାମଦେବ ପାତ୍ର, ପି– ବିଶୁନୁ ପାତ୍ର, ଜା– ପାଣ, ବା– ନିଜଗାଁ | |
| ୩୭. | ୧୨୪/୨୧ | ୫୧୮/୯୧୧ | ୦.୬୦ | ୦.୧୦ | ଶାରଦ ତିନି | ପରମେଶ୍ୱର ପାତ୍ର, ପି– ଦାରୋଗା ପାତ୍ର, ଜା– ପାଣ, ବା– ନିଜଗାଁ | |
| | ମୋଟ | ୬୪ | ୪୬.୨୮ | ୧୨.୬୬ | | | |

24045/14/0031/1819

## ସଂକ୍ଷେପରେ

## ପାଇଲଟଙ୍କ ଭତ୍ତା ମଞ୍ଜୁର କଲା ଏୟାର ଇଣ୍ଡିଆ



ନୂଆଦିଲ୍ଲୀ,୨୨-୮(ପି.ଟି): ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ ଏହାର ପାଇଲଟଙ୍କ ଜୁନ୍ ମାସର ବକେୟା ଭତ୍ତାକୁ ମଞ୍ଜୁର କରିଛି। ଭତ୍ତା ନ ମିଳିଲେ ଉଡାଣ ବନ୍ଦ କରିଦେବାକୁ ପାଇଲଟଙ୍କ କେତେକ ଗୋଷ୍ଠୀ ଗତ ସପ୍ତାହରେ କମ୍ପାନୀକୁ ଚେତାବନୀ ଦେଇଥିଲେ। ଏହା ପରେ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଜୁନ ମାସର ଭତ୍ତା ଅଗଷ୍ଟ ୨୦ ତାରିଖରେ ପ୍ରଦାନ କରାଯାଇଥିବା କମ୍ପାନୀର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଦୁଇ ମାସ ପରେ ଉଡାଣ ଭତ୍ତା କମ୍ପାନୀ ପ୍ରଦାନ କରିଛି। ଜୁନ୍ ମାସର ଭତ୍ତା ଅଗଷ୍ଟ ପହିଲାରେ ମିଳିବାକୁ ନିୟମ ରହିଥିବା ବେଳେ ଏଥିରେ ବିଳମ୍ବ ଘଟିଛି ବୋଲି ଅନ୍ୟ ଜଣେ କର୍ମଚାରୀ କହିଛନ୍ତି।

## କ୍ରିପ୍ଟୋଜ୍ୟାକିଂ ମାଧ୍ୟମ ପାଲଟିଛି ସ୍ମାର୍ଟଫୋନ୍

ପ୍ୟାରିସ୍,୨୨-୮: କ୍ରିପ୍ଟୋ କରେନ୍ସି କାରବାରକୁ ଅଧିକ ସକ୍ରିୟ କରିବା ପାଇଁ ହ୍ୟାକରମାନେ ସ୍ମାର୍ଟଫୋନ୍ ଉପରେ ଆଖି ପକାଇଛନ୍ତି। ବିନା କୌଣସି କାରଣରେ ଯଦି ଆପଣଙ୍କ ସ୍ମାର୍ଟଫୋନ୍ ଫଙ୍କସନିଂରେ ମନ୍ଥର ହେଉଛି ତେବେ ଏହା ହ୍ୟାକରମାନଙ୍କ ନଜରରେ ଥିବା ଆଶଙ୍କା କରାଯାଇ ପାରେ। କ୍ରିପ୍ଟୋ କରେନ୍ସି ଉପାର୍ଜନ ପାଇଁ ହ୍ୟାକରମାନେ ଏଭଳି କରିଥାଇ ପାରନ୍ତି। ହ୍ୟାକରମାନଙ୍କ ଏଭଳି ଚକ୍ରାନ୍ତକୁ ସିକ୍ୟୁରିଟି ଏକ୍ସପର୍ଟମାନେ କ୍ରିପ୍ଟୋଜ୍ୟାକିଂ ନାମ ଦେଇଛନ୍ତି। ଏ ସମ୍ପର୍କରେ ୱେଭ୍‌ଷ୍ଟୋନ୍ ନାମକ ଏକ ଆଇଟି ସର୍ଭିସ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀର ବିଶେଷଜ୍ଞ ଜି. ବିଲୋଇସ୍ କହିଛନ୍ତି, କ୍ରିପ୍ଟୋକରେନ୍ସି କାରବାରକୁ ବଢାଇବା ପାଇଁ ହ୍ୟାକରମାନେ ପର୍ସନାଲ୍ କମ୍ପ୍ୟୁଟର, ସ୍ମାର୍ଟଫୋନ୍ ଭଳି ଡିଭାଇସ୍‌କୁ ଟାର୍ଗେଟ୍ କରିଛନ୍ତି।

## ପ୍ରଭାବିତ ହେବନାହିଁ ଭାରତର ସୋଭରେନ୍ ରେଟିଂ: ଫିଚ୍

ମୁମ୍ବାଇ,୨୨-୮: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ହେବା ଦ୍ୱାରା ଏହା ଦେଶର ସୋଭରେନ୍ ରେଟିଂକୁ ପ୍ରଭାବିତ କରିବ ନାହିଁ। ବିଶ୍ୱର ପ୍ରମୁଖ ରେଟିଂ ଏଜେନ୍ସି ଫିଚ୍ ବୁଧବାର ଏଭଳି କହିଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ଗତ ସପ୍ତାହରେ ୭୦ ଟଙ୍କା ୧୫ ପଇସାକୁ ଖସି ଆସିଥିବା ବେଳେ ଏହା ଭାରତ ପାଇଁ ଏକ ବିରାଟ ବଡ଼ ଚିନ୍ତାର ବିଷୟ ନୁହେଁ ବୋଲି ଫିଚ୍ ଦର୍ଶାଇଛି। କିନ୍ତୁ ଏହା ଦେଶର କର୍ପୋରେଟ ଏବଂ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ପାଇଁ ଚିନ୍ତାର ବିଷୟ ହୋଇ ପାରେ। ଭାରତର ବୈଦେଶିକ ଋଣଭାର ଅଧିକ ନ ଥିବାରୁ ଏ କ୍ଷେତ୍ରରେ ଏହା ସହାୟ ହେବ ବୋଲି ଫିଚ୍ ପ୍ରକାଶ କରିଛି।

> ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ବେଳକୁ ଭାରତରେ ମୋବାଇଲ ଫୋନ ଆମଦାନୀ ପ୍ରାୟ ୫ରୁ ୭% ହ୍ରାସ ପାଇବ।
> – ପଙ୍କଜ ମହିନ୍ଦ୍ରୁ, ଅଧ୍ୟକ୍ଷ, ଆଇସିଇଏ



> ପ୍ରତିଯୋଗିତା, ଏୟାରପୋର୍ଟ ୟୁଜର ଚାର୍ଜେସ୍ ଏବଂ ସୁଧ ହାର ବୃଦ୍ଧି ଇତ୍ୟାଦି ଏୟାର ଇଣ୍ଡିଆ କ୍ଷତିର ପ୍ରମୁଖ କାରଣ।
> – ସୁରେଶ ପ୍ରଭୁ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ



# ଅଡୁଆରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓ

ନୂଆଦିଲ୍ଲୀ,୨୨-୮(ପିଟି)

ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସିଇଓ (ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)ମାନଙ୍କୁ ଅର୍ଥମନ୍ତ୍ରଣାଳୟ କଡ଼ା ନିର୍ଦ୍ଦେଶ ଜାରି କରିଛି। ଯେଉଁ କମ୍ପାନୀ, ସଂସ୍ଥା ବା ବ୍ୟକ୍ତିବିଶେଷ ବ୍ୟାଙ୍କରୁ ୫୦ କୋଟି ଟଙ୍କାରୁ ଅଧିକ ଋଣ ନେଇ ପରିଶୋଧ କରୁ ନାହାନ୍ତି ସେମାନଙ୍କୁ ଯେନତେନ ପ୍ରକାରେ ଧରିବା ପାଇଁ ମନ୍ତ୍ରଣାଳୟ ଶୁଣାଇ ଦେଇଛି। କିନ୍ତୁ ଏତେ ମାତ୍ରାରେ ଋଣ ନେଇ ଯେଉଁମାନେ ଜାଲିଆତି କରିଛନ୍ତି ସେମାନଙ୍କୁ କାବୁ କରିବାରେ ବ୍ୟାଙ୍କ ଯଦି ସଫଳ ନ ହୁଏ ତେବେ ବ୍ୟାଙ୍କ ଅଧିକାରୀମାନେ ହିଁ ହରଡ଼ ଘଣାରେ ପଡ଼ିବେ। ଏଭଳି କ୍ଷେତ୍ରରେ ବ୍ୟାଙ୍କ ଅଧିକାରୀମାନଙ୍କ ନାମରେ ଆପରାଧିକ ଷଡ଼ଯନ୍ତ୍ର ମାମଲା ରୁଜୁହୋଇ ପାରେ। ଅର୍ଥମନ୍ତ୍ରଣାଳୟର ଏଭଳି ନିଷ୍ପତ୍ତି ସମ୍ପର୍କରେ ଖବର ରଖିଥିବା ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି।

- ହେବ କଡ଼ା କାର୍ଯ୍ୟାନୁଷ୍ଠାନ
- ୧୨ କମ୍ପାନୀକୁ ମଗାଯାଇଛି ୫ ବର୍ଷର କାରବାର ରେକର୍ଡ
- ନଜରରେ ୫୦ କୋଟିରୁ ଅଧିକ ଋଣକ୍ରେତା




ଖବର ଅନୁସାରେ ଭାରତୀୟ ପିଙ୍ଗଳ କୋଡ(ଆଇପିସି) ଧାରା ୧୨୦ବି ଆଧାରରେ ବ୍ୟାଙ୍କ ଅଧିକାରୀଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବ୍ୟାଙ୍କ ଅଧିକାରୀ ଯଦି ଜାଲିଆତି ସମ୍ପର୍କରେ ଆଗୁଆ ଖବର ନ ଦିଅନ୍ତି ଏବଂ ତାହା ତଦନ୍ତକାରୀ ସଂସ୍ଥାଦ୍ୱାରା ଖୋଳତାଡ଼ ପରେ ଜଣାପଡେ ତେବେ ବ୍ୟାଙ୍କ ଅଧିକାରୀ ହିଁ ଅଡୁଆରେ ପଡିବେ।

ବର୍ତ୍ତମାନ ଏକାଧିକ କମ୍ପାନୀ ଏହିଭଳି ଋଣ ଜାଲିଆତି କରିଥିବା ଖବର ସାମ୍ନାକୁ ଆସିଛି। ବିଶେଷ କରି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ହୀରାଗହଣା ବ୍ୟବସାୟୀ ନୀରବ ମୋଦି ଏବଂ ତାଙ୍କ ମାମୁ ମେହୁଲ ଚୋକ୍‌ସୀ ବେଆଇନ ଭାବେ ପ୍ରାୟ ୧୪୦୦୦ କୋଟି ଟଙ୍କା ଋଣ ନେଇ ଫେରାର୍ ହେବା ଘଟଣା ପଦାକୁ ଆସିବା ପରେ ଗୋଟେ ପରେ ଗୋଟେ ଏଭଳି ଘଟଣା ସାମ୍ନାକୁ ଆସୁଛି।

ଏନପିଏ ସମସ୍ୟା ବଢିଚାଲିଥିବା ବେଳେ ସାରା ଦେଶରେ କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏନ୍‌ପିଏ ପରିମାଣ ୮ ଲକ୍ଷ କୋଟି ଟଙ୍କା ଅତିକ୍ରମ କରି ସାରିଲାଣି। ଅଧିକାରୀ ଜଣଙ୍କ ଆହୁରି ମଧ୍ୟ କହିଛନ୍ତି ଯେ, ଇସ୍ପାତ ଏବଂ ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଜଡ଼ିତ ଥିବା ପ୍ରାୟ ୧୦ରୁ ୧୨ କମ୍ପାନୀ ଏଭଳି ଜାଲିଆତି କରିଥିବା ଖବର ସରକାର ଜାଣିବାକୁ ପାଇଛନ୍ତି।

ଖାଲି ସେତିକି ନୁହେଁ କେତୋଟି ନିର୍ଦ୍ଦିଷ୍ଟ କମ୍ପାନୀକୁ ସେମାନଙ୍କର ଗତ ୫ ବର୍ଷର କାରବାର ରେକର୍ଡ ସମ୍ପର୍କିତ ତଥ୍ୟ ମଗାଯାଇଛି। ସୂଚନାଯୋଗ୍ୟ ୨୦୧୭ ଜୁନ୍‌ରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୧୨ଟି ବୃହତ ଏନ୍‌ପିଏ ଆକାଉଣ୍ଟ ସମ୍ପର୍କରେ ସୂଚନା ଦେଇଥିଲା। ଏମାନଙ୍କ ଉପରେ ଜଣେକା ୫ ହଜାର କୋଟିରୁ ଅଧିକ ଋଣ ଥିବାବେଳେ ମୋଟ ଏନ୍‌ପିଏର ୨୫% ଏମାନେ ଅକ୍ତିଆର କରିଥିଲେ।

## ବନ୍ୟା ବିପନ୍ନଙ୍କୁ ପତଞ୍ଜଳିର ସହାୟତା

ନୂଆଦିଲ୍ଲୀ,୨୨-୮

ପ୍ରମୁଖ ଆୟୁର୍ବେଦ ତଥା ଏଫ୍‌ଏମ୍‌ସିଜି କମ୍ପାନୀ ପତଞ୍ଜଳି କେରଳ ଓ କର୍ଣାଟକର ବନ୍ୟା ବିପନ୍ନଙ୍କୁ ସହାୟତାର ହାତ ବଢାଇଛି। କମ୍ପାନୀ କେରଳର ବନ୍ୟା ପ୍ରଭାବିତ ଅଞ୍ଚଳକୁ ୫୦ ଲକ୍ଷ ଟଙ୍କାର ରିଲିଫ୍ ସାମଗ୍ରୀ ପଠାଇଥିବା ଜଣାପଡ଼ିଛି। ସେହିଭଳି ଅଧିକ ୧.୫ କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି କମ୍ପାନୀ ସୂଚନା ଦେଇଛି। ଅସୁବିଧାରେ ରହିଥିବା ଲୋକଙ୍କ ଉଦ୍ଧାରକାର୍ଯ୍ୟ ପାଇଁ ସୁରକ୍ଷା ବଳର କାର୍ଯ୍ୟକୁ ପତଞ୍ଜଳି ପ୍ରତିଷ୍ଠାତା ଯୋଗ ଗୁରୁ ବାବା ରାମଦେବଙ୍କ ପ୍ରଶଂସା କରିଛନ୍ତି। ବନ୍ୟା ବିପନ୍ନଙ୍କୁ ସହାୟତା କରିବା ଲାଗି ଦେଶବାସୀ ଆଗେଇ ଆସିବା ଦରକାର ବୋଲି କମ୍ପାନୀ ଆହ୍ୱାନ ଜଣାଇଛି। ସମଗ୍ର ଦେଶକୁ ଏକ ପରିବାର ମାନି ଲୋକଙ୍କୁ ସହାୟତା ଲାଗି କମ୍ପାନୀ ଆଗେଇ ଆସିଛି ବୋଲି ପତଞ୍ଜଳିର ସିଇଓ ଆଚାର୍ଯ୍ୟ ବାଲକ୍ରିଷ୍ଣ ସୂଚନା ଦେଇଛନ୍ତି। ପତଞ୍ଜଳି ପକ୍ଷରୁ ଶତାଧିକ କାର୍ଯ୍ୟକର୍ତ୍ତା କେରଳର ବନ୍ୟା ଅଞ୍ଚଳରେ ଉଦ୍ଧାର ସମେତ ଅନ୍ୟାନ୍ୟ କାର୍ଯ୍ୟରେ ସାମିଲ ହୋଇ ଥିବା ବାଲକ୍ରିଷ୍ଣ କହିଛନ୍ତି। କମ୍ପାନୀ ପକ୍ଷରୁ ପାନୀୟ ଜଳ, ଟୁଥପେଷ୍ଟ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିବା ସୂଚନା ରହିଛି।



ସୁରକ୍ଷା ବଳର କାର୍ଯ୍ୟକୁ ପତଞ୍ଜଳି ପ୍ରତିଷ୍ଠାତା ଯୋଗ ଗୁରୁ ବାବା ରାମଦେବଙ୍କ ପ୍ରଶଂସା

## ଅର୍ଥର ଅର୍ଥ

# ଋଣ କରିବା ଅପେକ୍ଷା ସଞ୍ଚୟ ଯଥେଷ୍ଟ ଭଲ



Rupkumar Pradhan

CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ପ୍ର: ମୋର ବୟସ ୨୯ ବର୍ଷ ଏବଂ ମୁଁ ବିବାହିତ । ମୋର ୧ ବର୍ଷର ଝିଅଟିଏ ଅଛି। ଏଯାଏଁ ବିଶେଷ କିଛି ସଞ୍ଚୟ କରି ନାହିଁ। ଅନ୍ୟ ପକ୍ଷରେ ମୋର ସୀମିତ ଆୟରେ ଘର ଖର୍ଚ୍ଚ ବାଦ୍ ସଞ୍ଚୟ କରିବା ସମ୍ଭବ ହେଉ ନାହିଁ। ଆଜିକାଲି ବ୍ୟାଙ୍କ ଋଣ ସହଜରେ ମିଳୁଛି ବୋଲି ମୋର ଧାରଣା। ତେଣୁ ମୋ ଝିଅର ପାଠପଢ଼ା ଖର୍ଚ୍ଚ ତୁଲାଇବା ପାଇଁ ଭବିଷ୍ୟତରେ ଋଣ ଉପରେ ନିର୍ଭର କରିବି ବୋଲି ଭାବୁଛି। ଋଣକରି ଝିଅକୁ ପାଠ ପଢ଼ାଇବା ଠିକ୍ ହେବ ନା ଏବେଠାରୁ ଯଥାସାଧ ସଞ୍ଚୟ କରିବା ଠିକ୍ ହେବ? ଏ ବିଷୟରେ ଆପଣଙ୍କ ପରାମର୍ଶ ଦେବା ପାଇଁ ଅନୁରୋଧ।**

**– ସୁବ୍ରତ ମାଝୀ, ବାଲେଶ୍ୱର**

ଉ: ପ୍ରଥମତଃ ସଞ୍ଚୟ କାହିଁକି କରିବା ? ଏହି ପ୍ରଶ୍ନର ମୁଖ୍ୟ ଉତ୍ତର ହେଉଛି ଭବିଷ୍ୟତ ସମ୍ପର୍କରେ ଆମେ କେହି ଜାଣିନେ। ଆଗକୁ କ'ଣ ହେବ ବା କ'ଣ ଘଟିବ କେହି ବି ଠିକ୍ ରେ କହିପାରିବେ ନାହିଁ। ତେଣୁ ଭବିଷ୍ୟତର ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ଯଦି ଆପଣଙ୍କ ମାସିକ ଆୟର କିଛି ଟଙ୍କା ସଞ୍ଚୟ କରିଥିବେ ତେବେ ଆପଣଙ୍କୁ ଏହା ସୁରକ୍ଷା ପ୍ରଦାନ କରିବ। ଏହା ସହିତ ଯଦି କୌଣସି ପ୍ରକାର ଆକସ୍ମିକ ଖର୍ଚ୍ଚ ଆବଶ୍ୟକ ପଡେ ଯାହାକି ଆପଣଙ୍କ କଳ୍ପନା ବାହାରେ ସେ ସମୟରେ ଏହି ସଞ୍ଚିତ ସମ୍ବଳ ହିଁ ଆପଣଙ୍କୁ ସାହାଯ୍ୟ କରିବ।

ଆପଣ ନିଜକୁ ପ୍ରଶ୍ନ ପଚାରି ପାରନ୍ତି ଯେ ସଞ୍ଚୟ କରିବା ପାଇଁ ଏତେ ଚାପ କାହିଁକି? ଯଦି ଆପଣଙ୍କ ପାଖରେ ଯଥେଷ୍ଟ ଅର୍ଥ ଅଛି ହୁଏତ ସଞ୍ଚୟ କରିବାର ଆବଶ୍ୟକତା ନ ଆସିପାରେ। ଜୀବନରେ ଭବିଷ୍ୟତ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା ପାଇଁ ସଞ୍ଚୟ କରିବା ଉଚିତ୍। ଯଦି ଋଣ କରି ସବୁ କିଛି କରିବେ ଋଣ ପରିଶୋଧ କରିବାରେ ଆପଣଙ୍କୁ ସୁଧ ପଇଠ କରିବାକୁ ପଡିବ। ଉଦାହରଣ ସ୍ୱରୂପ ଯଦି ଆପଣ ୬୦ ଲକ୍ଷ ଟଙ୍କାର ଏକ ଗୃହଋଣ କରିଛନ୍ତି ଏବଂ ଏଥିରେ ବାର୍ଷିକ ୮.୩୫% ସୁଧ ହାର ହିସାବରେ ୨୦ ବର୍ଷ ପାଇଁ ପରିଶୋଧ କରିବେ ତେବେ ଆପଣଙ୍କୁ ମାସିକ କିସ୍ତି ଆକାରରେ ୫୧,୫୦୧ ଟଙ୍କା ବହନ କରିବାକୁ ପଡିବ। ଆସନ୍ତା ୨୦ ବର୍ଷରେ ସମୁଦାୟ ୧,୨୩,୬୦,୨୮୩ ଟଙ୍କା (୫୧୫୦୧ ମାସିକ କିସ୍ତି x ୨୪୦ ମାସ) ପଇଠ କରିବେ। ଏଥି ମଧ୍ୟରୁ ୬୩,୬୦,୨୮୩ ଟଙ୍କା କେବଳ ସୁଧ ଗଣିବେ। ଆମର ଆଶା ଆପଣ ଏବେ ବୁଝି ପାରୁ ଥିବେ ଯେ, ଋଣ କରି ଆର୍ଥିକ ଲକ୍ଷ୍ୟ ହାସଲ କରିବା ଅପେକ୍ଷା ସଞ୍ଚୟ କରିବା ଶ୍ରେୟସ୍କର ଏବଂ ବୁଦ୍ଧିମାନର କର୍ତ୍ତବ୍ୟ।

### ସଞ୍ଚୟ କରିବାର ୧୦ ପ୍ରମୁଖ କାରଣ

୧. ସଞ୍ଚୟ ଦ୍ୱାରା ଆପଣ ନିଜର ଆର୍ଥିକ ସ୍ୱାଧୀନତା ହାସଲ କରିପାରିବେ।
୨. ଅବସରକାଳୀନ ପାଣ୍ଠି ଗଠନ କରିପାରିବେ।
୩. ସୁନ୍ଦର ଘରଟିଏ ନିର୍ମାଣ କରିପାରିବେ।
୪. ଆମୋଦ ପ୍ରମୋଦ ପାଇଁ ବିଦେଶ ଭ୍ରମଣ କରିପାରିବେ।
୫. ଝିଅପୁଅଙ୍କ ପାଠ ପଢା ଖର୍ଚ୍ଚ ତଥା ବିବାହ ଖର୍ଚ୍ଚ ଉଠାଇ ପାରିବେ।
୬. ସଞ୍ଚୟ କରିଥିଲେ ଜରୁରିକାଳୀନ ସମୟରେ କାହାପାଖରେ ହାତ ପାତିବେନି।
୭. କିଛି ଅର୍ଥ ସଞ୍ଚୟ କରିଥିଲେ ପରେ ଅଧିକ ଉପାର୍ଜନ ପାଇଁ ଏହାକୁ ନିବେଶ କରିପାରିବେ। ବୃହତ୍ ପରିମାଣର ସମ୍ପତ୍ତି ସୃଷ୍ଟି କରିପାରିବେ।
୮. ଆର୍ଥିକ ସଙ୍କଟ ସମୟରେ ନିଜକୁ ସୁରକ୍ଷିତ ରଖିପାରିବେ।
୯. ସଞ୍ଚୟ କଲେ ସଞ୍ଚୟ କରିବାର ଭଲ ଅଭ୍ୟାସ ଫାସରେ ପଡ଼ିବେ।
୧୦. ମାନସିକ ଶାନ୍ତି ଲାଭ କରିବେ।

**ପ୍ର: ମୁଁ ଗତ ଆର୍ଥିକ ବର୍ଷରେ ଏକ ଫ୍ଲାଟ୍ ବିକ୍ରି କରିଛି। ମୋର ଆୟକର ସ୍ତର ହେଉଛି ୩୦%। ଏହି ଟଙ୍କା ଉପରେ କ'ଣ ଆୟକର ଦେବାକୁ ପଡିବ କି ?**

**– ମୋହନ ସାହୁ, ସମ୍ବଲପୁର**

ଉ: ଆପଣଙ୍କ ଏହି ଫ୍ଲାଟ୍ ବିକ୍ରି ଉପରେ ଯେଉଁ ଅର୍ଥ ପାଇଛନ୍ତି ସେଥିରେ କ୍ୟାପିଟାଲ ଗେନ୍ ଟ୍ୟାକ୍ସ ଲାଗୁ ହେବ। ଆମର ପରାମର୍ଶ ଏ ବିଷୟରେ ଭଲ ଭାବରେ ବୁଝି ନିଜର ଆୟକର ରିଟର୍ନ ଦାଖଲ କରନ୍ତୁ ।

**ପ୍ର: ଯଦି ମାସିକ ୫୦୦୦ଟଙ୍କା ମ୍ୟୁଚୁଆଲ ଫଣ୍ଡରେ ଏସ୍‌ଆଇପି ମାଧ୍ୟମରେ ୨୫ ବର୍ଷ ସଞ୍ଚୟ କରାଯାଏ ତେବେ କେତେ ଟଙ୍କା ହେବ? ଏହା ମୋ ଅବସରକାଳୀନ ପାଣ୍ଠି ପାଇଁ ଯଥେଷ୍ଟ ହେବ କି? ପରାମର୍ଶ ଲେଖିବା ପାଇଁ ଅନୁରୋଧ।**

**–ସାଗରିକା ସ୍ୱାଇଁ, ବ୍ରହ୍ମପୁର**

ଉ: ଆସନ୍ତା ୨୫ ବର୍ଷ ପାଇଁ ମାସିକ ୫୦୦୦ଟଙ୍କା ଲେଖାଏଁ ଆପଣ ଯଦି ସଞ୍ଚୟ କରିବେ ତେବେ- ବାର୍ଷିକ ୧୨% ସୁଧହାର ହିସାବରେ ୫୬,୯୨,୯୦୫ ଟଙ୍କାର ଏକ ପାଣ୍ଠି ଗଠନ କରି ପାରିବେ। ଯଦି ବାର୍ଷିକ ୧୩% ସୁଧ ଧରିନିଆଯାଏ ତେବେ ୬୮,୧୪,୩୦୫ ଟଙ୍କାର ପାଣ୍ଠି ଗଠନ କରି ପାରିବେ।

*ଆପଣଙ୍କ ପରବର୍ତ୍ତୀ ପ୍ରଶ୍ନ ହେଲା ଏହି ପାଣ୍ଠି ମୋର ଅବସରକାଳୀନ ଖର୍ଚ୍ଚ ପାଇଁ ଯଥେଷ୍ଟ ହୋଇପାରିବ କି?*

ଆପଣଙ୍କୁ ଜାଣି ରଖିବାକୁ ହେବ ଯେ, ଅବସରକାଳୀନ ପାଣ୍ଠି ଗଠନ ଯୋଜନା ଏକ ବିବିଧ ବିଷୟ। ଏହା ବିଭିନ୍ନ ଦିଗକୁ ଦୃଷ୍ଟି ଦେଇ ହିସାବ କରାଯାଇଥାଏ। ଆପଣ ଅବସର ପରେ ମାସିକ କେତେ ଟଙ୍କା ହେଲେ ଆପଣଙ୍କ ଷ୍ଟାଣ୍ଡାର୍ଡ ଅଫ୍ ଲିଭିଂ ପୂରଣ କରିପାରିବେ ତାହା ଆପଣଙ୍କ ଉପରେ ନିର୍ଭର କରେ। ଆମର ପରାମର୍ଶ ଜଣେ ସାର୍ଟିଫାଏଡ୍ ଫାଇନାନସିଆଲ ପ୍ଲାନର (ସିଏଫ୍‌ପି)ଙ୍କ ପରାମର୍ଶ ନେଇ ନିଜ ପାଇଁ ସ୍ୱତନ୍ତ୍ର ଅବସରକାଳୀନ ପାଣ୍ଠି ଗଠନ ଯୋଜନା ପ୍ରସ୍ତୁତ କରନ୍ତୁ।

**ପ୍ର: ମୁଁ ବାର୍ଷିକ ପାଖାପାଖି ୫ ଲକ୍ଷ ଟଙ୍କା ପେନସନ ପାଉଛି। ମୋର ମାସିକ ପେନସନ ରାଶି କ'ଣ ଆୟକର ଅନ୍ତର୍ଭୁକ୍ତ ହେବ?**

**– ସମରେନ୍ଦ୍ର ମାଝି, ସମ୍ବଲପୁର**

ଉ- ହଁ, ଆପଣ ବାର୍ଷିକ ପେନସନ ରାଶି ଆୟକର ଅନ୍ତର୍ଭୁକ୍ତ ହେବ। ଆମର ପରାମର୍ଶ ଆୟକର ଛାଡ଼ ସୁବିଧା ପାଇଁ ଏବେ ଠାରୁ ଆୟକର ଯୋଜନା ପ୍ରସ୍ତୁତ କରି ନିବେଶ କରନ୍ତୁ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ
ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦

# ବଜାରରେ ସାମ୍‌ସଙ୍ଗର ଗାଲାକ୍ସି ନୋଟ୍ ୯

ନୂଆଦିଲ୍ଲୀ,୨୨-୮

ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ବଜାରକୁ ଆସିଛି ନୂଆ ନୋଟ୍ ୯ ମଡେଲ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସର ଆଇଟି ଓ ମୋବାଇଲ୍ ଯୋଗାଯୋଗ ଡିଭିଜନ୍ ସଭାପତି ତଥା ସିଇଓ ଡି.ଜେ. କୋହ ନୂଆ ମଡେଲକୁ ବଜାର ପ୍ରବେଶ କରାଇଛନ୍ତି। ସାରା ଦେଶରୁ ଚୟନ କରାଯାଇଥିବା କିଛି ନୋଟ୍ ପ୍ରେମୀଙ୍କୁ କୋହ ନୂଆ ମଡେଲ ହସ୍ତାନ୍ତର କରିଥିଲେ। ରିମୋଟ କଣ୍ଟ୍ରୋଲ ଥିବା ନୂଆ ଏସ୍ ପେନ୍ ସୁବିଧା ଏଥିରେ ଦିଆଯାଇଛି। ଏହା ଫୋନ୍‌କୁ ସହଜରେ ପରିଚାଳନା କରିବାକୁ ସୁବିଧା ଦେବ। ସେଲ୍ଫି ପାଇଁ ଏଥିରେ ଉନ୍ନତ ସୁବିଧା ରହିଛି। ଅପରପକ୍ଷରେ ଅତ୍ୟାଧୁନିକ କ୍ୟାମେରା, ସାମ୍‌ସଙ୍ଗ ଡେକ୍ସ, ଏଚ୍‌ଡିଏମ୍‌ଆଇ କେବୁଲ ସହ ଏହା ପିସି ଭଳି ଅନୁଭୂତି ପ୍ରଦାନ କରିବାକୁ ସକ୍ଷମ ହେବ। ୧୯୯୫ରେ ଘରୋଇ ବଜାରରେ ସାମ୍‌ସଙ୍ଗ ପ୍ରବେଶ କରିବା ପରଠାରୁ ଭାରତ ସହ ଏକତ୍ରିତ ହୋଇ ଆଗକୁ ବଢି ଚାଲିଛୁ ବୋଲି କୋହ ସୂଚନା ଦେଇଛନ୍ତି। ଏଥିରେ ଲାପ୍‌ଟପର ଶକ୍ତି, ମିଡିଆ ଷ୍ଟ୍ରିମିଂ ଉପକରଣ, ପାୱାର ବ୍ୟାଙ୍କ, ବାହ୍ୟ ହାର୍ଡ ଡ୍ରାଇଭ, ଗେମିଂ କନ୍‌ସୋଲ୍, ଡିଏସ୍‌ଏଲ୍‌ଆର୍ କ୍ୟାମେରା ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଥିବା ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ବ୍ୟବସାୟ ବରିଷ୍ଠ ଉପସଭାପତି ଅସିମ ୱାରସୀ ସୂଚନା ଦେଇଛନ୍ତି। ଅଗଷ୍ଟ ୨୪ ପରଠାରୁ ଏହା ଭାରତରେ ଉପଲବ୍ଧ ହେବ। ୧୨୮ ଜିବି ମଡେଲର ମୂଲ୍ୟ ୬୭,୯୦୦ ଟଙ୍କା ରହିଥିବା ବେଳେ ୫୧୨ ଜିବି ମଡେଲର ମୂଲ୍ୟ ୮୪,୯୦୦ ଟଙ୍କା ରହିଛି। ଏହା ମିଡ୍ ନାଇଟ ବ୍ଲାକ୍ ଏବଂ ମେଟାଲିକ୍ କପର ରଙ୍ଗରେ ଉପଲବ୍ଧ। ଭୋଡାଫୋନ୍, ଆଇଡିଆ ଏବଂ ଜିଓ ଗ୍ରାହକଙ୍କ ପାଇଁ ଗାଲାକ୍ସି ନୋଟ୍ ୯ ସ୍ୱତନ୍ତ୍ର ଅଫରରେ ଉପଲବ୍ଧ ଥିବା ଜଣାଯାଉଛି।




**ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଭଦ୍ରକ**
**ଟେଣ୍ଡର ଆହ୍ୱାନ ନୋଟିସ**

ଆଗାମୀ ସାଧାରଣ ନିର୍ବାଚନ-2019 ପାଇଁ ବିଭିନ୍ନ ସାମଗ୍ରୀ ସହ ମୁଦ୍ରଣ/ ଭିଡିଓ ରେକର୍ଡିଙ୍ଗ/ ୱେବ୍ କାଷ୍ଟିଙ୍ଗ୍ ଏବଂ ସି.ସି. କ୍ୟାମେରା ଇତ୍ୟାଦି ଯୋଗାଇଦେବା ପାଇଁ ଜିଲ୍ଲାପାଳ, ଭଦ୍ରକ ଜଉମୁଦ ଟେଣ୍ଡର ଆହ୍ୱାନ କରୁଅଛନ୍ତି। ସବିଶେଷ ତଥ୍ୟ ୱେବସାଇଟ www.bhadrak.nic.in ରେ ଉପଲବ୍ଧ।

ସ୍ୱା./- ଜିଲ୍ଲା ନିର୍ବାଚନ ଅଧିକାରୀ-
ତଥା-ଜିଲ୍ଲାପାଳ, ଭଦ୍ରକ

**OFFICE OF THE ASSISTANT COMMISSIONER,**
**CENTRAL GST & CENTRAL EXCISE, ANGUL DIVISION**
1st Lane, Similipada, Near Nigamananda Matha,
Angul- 759122

Sl. No. 02/2018-2019 Date : 21.08.2018

**TENDER CALL NOTICE**

Sealed tender duly suprescribed "Quotation for supply of Security Personnel" as per Annexure-A, Annexure-B, Annexure-C & Annexure-D are invited from the Security Agency having valid GSTIN. The quotation should reach to the undersigned on or before 17.09.2018 at 16.00 hrs in the prescribed format. The quotation will be opened on 18.09.2018 at 16.00 hrs in the office of the Assistant Commissioner, Central GST & Central Excise, Similipada, Angul in presence of the applicants or their authorized agents. For details please visit the CBIC website i.e. www.cbic.gov.in (Tender & Quotations)

**Sd./- Assistant Commissioner**
**CGST & Central Excise, Angul Division, Angul**

**Government of Odisha**
**Higher Education Department**
**4th Phase Admission in Degree/ Autonomous Colleges for the Session 2018-19**

**No.31-N:-** Government of Odisha in the Higher Education Department have been pleased to increase 7.5 % of seats over and above the sanctioned strength of seats in Honours as well as General (Pass) subjects, where 100% seats have been filled up by the end of 3rd Phase of admission into +3 1st Year Classes of Degree/Autonomous Colleges. The admission in to this 4th phase shall be held as per the following guidelines for Academic Session 2018-19 and all the processes should be completed by 31-08-2018 in offline mode.

**Eligibility:**
(1) This increase of seats shall not be applicable where there is vacancy.
(2) The vacant seats in the subjects of the Colleges (if any), may also be filled up during this phase.
(3) There will be no increase of seats in Self-Financing Colleges/Courses even if NIL vacancy exits.
(4) There will be reservation as per the rules in this phase. If there are no applicants, then the seats can be allotted to others.

| SL# | Items | Timeline |
|---|---|---|
| 1 | Availability of CAF in the college level | 25th-Aug-2018 |
| 2 | Last date of applying CAF offline | 28th-Aug-2018 (05:00 PM) |
| 3 | Publication of 4th Phase selection merit list in the College Notice Board. | 29th-Aug-2018 (05:00 PM) |
| 4 | Admission of 4th Phase Selected Applicants | 30th-Aug-2018 |
| 5 | 4th Phase admission data Updation in e-Space by colleges | 31st-Aug-2018 (05:00 PM) |

**For more details please contact**
**e-Admission Helpdesk @ (Toll Free) Number 155335, 1800-345-6770**

11001/11/0024/1819 Sd./- Joint Secretary to Government

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**KALAHANDI RWS&S DIVISION, BHAWANIPATNA**
e-mail: eerwss_kld@nic.in, eerwsskld@gmail.com, Phone No: 06670-230784
INVITATION OF BID THROUGH e-TENDERING

No.616-O:- Bid Identification No-09/EE/RWSS/2018-19/Bpt Dated. 16.08.2018
01. Name of the work : Annexure - A - Attached.

| Procurement Oficer | Bid identification No | Availability of tener online for bidding on office hour only. | | Last date for submission of bid security and bid cost in original | Last date and time of seeking tender clarifiatino | Date of opening (technical Bid) | Date of opening financial bid |
|---|---|---|---|---|---|---|---|
| | | From | To | | | | |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Kalahandi RWS&S Division, Bhawanipatna | 09/EE/ RWSS/2018-19/ Bpt Dated-16.08.2018 | 24.08.2018 | 07.09.2018 | Up to 11.09.2018 at 11.00 A.M. | 05.09.2018 | 11.09.2018 at 11.30 A.M. | 15.09.2018 at 11.30 A.M. |

Cost of tender paper & payment of EMD to be made online payment system.
Further details can be seen from the e-procurement portal http://tenderodisha.gov.in.
25005/11/0017/1819 Sd./- Executive Engineer, Kalahandi RWS&S Division, Bhawanipatna

GOVERNMENT OF ODISHA
OFFICE OF THE MUNICIPAL COUNCIL, SUNDARGARH
**SUNDARGARH MUNICIPALITY**
e-mail: sngmunicipality@gmail.com
COMPETITIVE BIDDING THROUGH e-Procurement
Government of Odisha 'e' Procurement Notice
Bid Identification No.

| | | | |
|---|---|---|---|
| 1. | Name of the work. | : | "SUPPLY OF SKID STEER LOADER BOBCAT MACHINE FOR GARBAGE LIFTING, DRAIN CLEANING & ROAD SWEEPING" |
| 2. | Period of Supply | : | One Month |
| 3. | Date & time of availability of bid document in the portal | : | 23.08.2018 at 11.00 A.M. |
| 4. | Last date and time of receipt of bid in the portal | | 01.09.2018 upto 5.00 P.M. |
| 5. | Date of Opening of Bid | : | 04.09.2018 at 11.30 A.M. |
| 6. | Name and address of the Officer Inviting Bid | : | Executive Officer, Sundargarh Municipality, Sundargarh |

Further details can be seen from the e-procurement portal "http://tendersodisha.gov.in.
Sd./- Executive Officer, Sundargarh Municipality

## ସଂକ୍ଷେପରେ

### ଉଷ୍ଣୁରେ ଭାରତକୁ ୪ ପଦକ

ଜାକର୍ତ୍ତା,୨୨।୮(ପି.ଟି.): ଏସିଆନ୍ ଗେମ୍ସରେ ଭାରତ ଉଷ୍ଣୁରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରି ୪ଟି ପଦକ ହାସଲ କରିଛି। ଭାରତର ୪ଜଣ ଖେଳାଳି ସେମିଫାଇନାଲରେ ପ୍ରବେଶ କରି ପରାସ୍ତ ହୋଇଥିଲେ ମଧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ନାଓରେମ ରୋଶିବିନି ଦେବୀ, ସନ୍ତୋଷ କୁମାର, ସୂର୍ଯ୍ୟ ଭାନୁ ପ୍ରତାପ ସିଂ ଓ ନରେନ୍ଦର ଗ୍ରିୱାଲ ସାଣ୍ଡା ଇଭେଣ୍ଟ ସେମିଫାଇନାଲ ବାଉଟ୍‌ରେ ପରାସ୍ତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଛନ୍ତି। ଏହାପୂର୍ବରୁ ଭାରତ ୨୦୦୬, ୨୦୧୦ ଓ ୨୦୧୪ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିଥିଲେ ମଧ ୪ଟି ପଦକ ହାସଲ କରି ନ ଥିଲା। ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ଭାରତ ଦୁଇଟି ବ୍ରୋଞ୍ଜ୍ ଜିତିଥିଲା। ସେତେବେଳେ ଗ୍ରିୱାଲ ପୁରୁଷ ସାଣ୍ଡା ୬୦ କେ.ଜି.ରେ ବ୍ରୋଞ୍ଜ୍ ଜିତିଥିଲେ। ଏଥିସହ ଗ୍ରିୱାଲ ଏସିଆନ ଗେମ୍ସରେ ତାଙ୍କର ଦ୍ୱିତୀୟ ପଦକ ହାସଲ କରିଛନ୍ତି। ୨୦୦୬ ଓ ୨୦୧୦ ଏସିଆନ ଗେମ୍ସରେ ଭାରତ ଯଥାକ୍ରମେ ଗୋଟିଏ ବ୍ରୋଞ୍ଜ୍ ଓ ଦୁଇଟି ପଦକ (ଗୋଟିଏ ରୌପ୍ୟ, ଗୋଟିଏ ବ୍ରୋଞ୍ଜ୍) ଜିତିଥିଲା। ରୋଶିବିନି ଦେବୀ ମହିଳା ସାଣ୍ଡା ୬୦ କେ.ଜି ସେମିଫାଇନାଲ୍ସରେ ଚାଇନାର କାଇ ୟିଙ୍ଗ୍‌ୟିଙ୍ଗଙ୍କଠାରୁ ୦-୧ରେ ପରାସ୍ତ ହୋଇଥିଲେ। ସେହିପରି ସନ୍ତୋଷ କୁମାର ପୁରୁଷ ସାଣ୍ଡା ୫୯ କେ.ଜି. ବର୍ଗରେ ଭିଏତନାମର ଟ୍ରୁଙ୍ଗ୍ ଜିଆଙ୍ଗ୍ ବୁଇଙ୍କଠାରୁ ୦-୨ରେ ସେମିଫାଇନାଲ ବାଉଟ୍‌ରେ ହାରିଥିଲେ। ଏହାପରେ ପର୍ତାପ ସିଂ ପୁରୁଷ ସାଣ୍ଡା ୬୦ କେ.ଜି.ରେ ଓ ଗ୍ରିୱାଲ ୬୫ କେ.ଜି. ବର୍ଗରେ ସେମିଫାଇନାଲ ବାଉଟ୍ ହାରିଥିଲେ। ପର୍ତାପ ଇର୍ଫାନ ଆହାଙ୍ଗାରିଆନଙ୍କଠାରୁ ୦-୨ ଓ ଗ୍ରିୱାଲ ଉଜବେକିସ୍ତାନର ଆକମଲ ରାଖିମୋଭଙ୍କଠାରୁ ସମାନ ବ୍ୟବଧାନରେ ପରାସ୍ତ ହୋଇଥିଲେ।

### ଜିମ୍ନାଷ୍ଟିକ୍: ଟିମ୍ ଇଭେଣ୍ଟରେ ଭାରତ ସପ୍ତମ

ଜାକର୍ତ୍ତା,୨୨।୮(ପି.ଟି.): ଏସିଆନ ଗେମ୍ସ ଜିମ୍ନାଷ୍ଟିକ ପ୍ରତିଯୋଗିତାରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବୁଧବାର ଏସିଆନ୍ ଗେମ୍ସ ଟିମ୍ ଇଭେଣ୍ଟ ଫାଇନାଲରେ ଭାରତୀୟ ମହିଳା ଦଳ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଦୀପା କର୍ମକାରଙ୍କ ଅନୁପସ୍ଥିତିରେ ଭାରତୀୟ ଦଳ ପ୍ରଭାବହୀନ ପ୍ରଦର୍ଶନ କରିଥିଲା। ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ଦୀପା ଟିମ ଇଭେଣ୍ଟ ଫାଇନାଲରୁ ଓହରିବାକୁ ବାଧ ହୋଇଥିଲେ ଓ ଏହାର ପ୍ରଭାବ ପ୍ରଦର୍ଶନରେ ପଡିଥିଲା। ଫାଇନାଲରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଭାରତ ୧୩୮.୦୫୦ ସ୍କୋର କରି ଆୟୋଜକ ଇଣ୍ଡୋନେସିଆ ଉପରକୁ ରହି ସପ୍ତମ ସ୍ଥାନରେ ରହିଥିଲା। ପ୍ରତ୍ୟେକ ଦଳରେ ୩ଜଣ ଜିମ୍ନାଷ୍ଟ ସାମିଲ ଥିଲେ ଓ ୪ଟି ଆପାରଟସ୍ ଯଥା ଭଲ୍ଟ, ଅନଇଭିନ୍ ବାର୍ସ, ବାଲାନ୍ସ ବିମ ଓ ଫ୍ଲୋର୍ସରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥାନ୍ତି। ଭାରତ ପାଇଁ ଅରୁଣା ବୁଦ୍ଧା ରେଡ୍ଡୀ ଓ ପ୍ରଣତି ଦାସ ୪ଟି ଯାକ ଆପାରଟସ୍‌ରେ ଅଂଶଗ୍ରହଣ କରିଥିବାବେଳେ ପ୍ରଣତି ନାୟକ ୩ଟି ରେ ଭାଗ ନେଇଥିଲେ। ମନ୍ଦିରା ଚୌଧୁରୀ ବାଲାନ୍ସ ବିମ୍‌ରେ ଅଂଶଗ୍ରହଣ କରିଥିଲେ। ଗୁରୁବାର ପ୍ରଣତି ନାୟକ ଓ ଅରୁଣା ବୁଦ୍ଧା ଭଲ୍ଟ ବ୍ୟକ୍ତିଗତ ଫାଇନାଲରେ ଅବତୀର୍ଣ୍ଣ ହେବେ। ସେହିପରି ଦୀପା ୨୪ ତାରିଖରେ ବାଲାନ୍ସ ବିମ୍ ବ୍ୟକ୍ତିଗତ ଫାଇନାଲରେ ଅଂଶଗ୍ରହଣ କରିବା ଆଶା କରାଯାଉଛି। ଦୀପା ପୂର୍ବରୁ ପେଟ୍ ଭଲ୍ଟ ଇଭେଣ୍ଟ ଫାଇନାଲରେ କ୍ୱାଲିଫାଏ କରିବାରେ ବିଫଳ ହୋଇଥିଲେ।

### ପୁରୁଷ ଭଲିବଲ: କାତାରଠାରୁ ହାରିଲା ଭାରତ

ଜାକର୍ତ୍ତା, ୨୨।୮(ପି.ଟି.): ଏସିଆନ୍ ଗେମ୍ସ ପୁରୁଷ ଭଲିବଲ ପ୍ରତିଯୋଗିତାରେ ଭାରତ କାତାରଠାରୁ ପରାସ୍ତ ହୋଇଛି। ବୁଧବାର ଅନୁଷ୍ଠିତ ପୁଲ ଏଫ୍' ମ୍ୟାଚରେ ଭାରତ ୧୫- ୨୫, ୨୦- ୨୫, ୨୦- ୨୫ରେ କାତାରଠାରୁ ମାତ୍ର ୭୭ ମିନିଟରେ ହାରିଛି। ତେବେ ଏହାପୂର୍ବରୁ ପ୍ରଥମ ପୁଲ ମ୍ୟାଚରେ ହଂକଂ ଚାଇନାକୁ ୩-୦ (୨୭- ୨୫, ୨୫- ୨୨, ୨୫- ୧୯)ରେ ହରାଇଥିଲା। ଭାରତ ତା'ର ପରବର୍ତ୍ତୀ ତଥା ଅନ୍ତିମ ପୁଲ ମ୍ୟାଚ୍‌ରେ ମାଲଦ୍ୱୀପକୁ ଭେଟିବ।

# ଶୁଟିଂରେ ସର୍ନୋବତଙ୍କୁ ସ୍ୱର୍ଣ୍ଣ

ପାଲେମବାଙ୍ଗ, ୨୨।୮(ପି.ଟି.)

ମହାରାଷ୍ଟ୍ର କୋହ୍ଲାପୁରର ରାହି ସର୍ନୋବତ ପ୍ରଥମ ଭାରତୀୟ ମହିଳା ଶୁଟର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ବୁଧବାର ଅନୁଷ୍ଠିତ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ୨୭ ବର୍ଷୀୟ ରାହି ଏହି ସଫଳତା ଅର୍ଜନ କରିଛନ୍ତି। ଫାଇନାଲରେ ଦୁଇଟି ଶୁଟ୍- ଅଫ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିବା ସ୍ପଷ୍ଟ ହୋଇଥିଲା।



୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ରାହି ସର୍ନୋବତ୍ ।

କୋହ୍ଲାପୁରର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିବା ରାହି ସଂଘର୍ଷପୂର୍ଣ୍ଣ ଫାଇନାଲରେ ଥାଇଲାଣ୍ଡର ନାଫାସୱାନ ୟାଙ୍ଗପାଇବୁନଙ୍କୁ ପଛରେ ପକାଇ ଶେଷରେ ବାଜି ମାରିଥିଲେ। ୫ ଶଟ୍ ବିଶିଷ୍ଟ ୧୦ଟି ସିରିଜ ଶେଷ ହେବ ପରେ ଉଭୟେ ସମାନ ୩୪ ପଏଣ୍ଟ ପାଇ ସମାନ ସ୍ଥିତିରେ ଥିଲେ। ଯାହା ଫଳରେ ଶୁଟ- ଅଫ୍‌ର ସହାୟତା ନିଆଯାଇଥିଲା। ପ୍ରଥମ ଶଟ୍- ଅଫ୍‌ରେ ଉଭୟେ ଟାର୍ଗେଟକୁ ସଫଳ ଭାବେ ଲକ୍ଷ୍ୟ ଭେଦ କରିଥିଲେ। ଏହାପରେ ଅନ୍ୟ ଶଟ୍- ଅଫ୍‌ରେ ରାହି ୩ଥର ସଫଳତାର ସହ ଶୁଟ୍ କରିଥିଲେ। କିନ୍ତୁ ନାଫାସୱାନ ଦୁଇଥର ଶଟ୍ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଶେଷରେ ରାହି ବାଜି ମାରି ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ।

ଫାଇନାଲରେ ଅଧିକାଂଶ ସମୟରେ ରହି ଅଗ୍ରଣୀ ରହିଥିଲେ। ପ୍ରଥମ ୧୦ଟି ଶଟ୍‌ରେ ସେ ସମସ୍ତଙ୍କଠାରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏପରିକି ଷଷ୍ଠ ସିରିଜ୍‌ରେ ସେ ୫ରୁ ୫ ପଏଣ୍ଟ ହାସଲ କରିଥିଲେ।

ଏଥି ସହ ରାହି ଶୁଟିଂରେ ଭାରତ ପାଇଁ ଦ୍ୱିତୀୟ ଖେଳାଳିଭାବେ ସ୍ୱର୍ଣ୍ଣ ଜିତିଛନ୍ତି। ମଙ୍ଗଳବାର ଅନ୍ୟତମ ଭାରତୀୟ ଶୁଟର ୧୬ ବର୍ଷୀୟ ସୌରଭ ଚୌଧୁରୀ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ମୋଟ ଉପରେ ଦେଖିବାକୁ ଗଲେ ରାହି ଷଷ୍ଠ ଭାରତୀୟ ଭାବେ ଏହି କ୍ରୀଡ଼ା ମହାକୁମ୍ଭରେ ଶୁଟିଂରେ ସ୍ୱର୍ଣ୍ଣ ଜିତିଛନ୍ତି। ଏହା ପୂର୍ବରୁ ଚୌଧୁରୀ, ଜସପାଲ ରାଣା, ରନ୍ଧୀର ସିଂ, ଜିତୁ ରାଏ ଓ ରଞ୍ଜନ ସୋଧୀ ଶୁଟିଂରେ ଏସିଆଡ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି। ଫାଇନାଲରେ ରାହି ୩୪ ସ୍କୋର କରିଥିଲେ ଓ ଏହା ଏସିଆନ୍ ଗେମ୍ସରେ ଯୁଗ୍ମ ରେକର୍ଡ ସାବ୍ୟସ୍ତ ହୋଇଛି।

ତେବେ ୧୬ ବର୍ଷୀୟା ପ୍ରତିଭା ସମ୍ପନ୍ନ ମନୁ ଭାକର ଚାପର ସମ୍ମୁଖୀନ ହୋଇ ନ ପାରି ଫାଇନାଲ୍ସରେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ମନୁ ୫୯୩ ଶଟ କରି ଏସିଆଡ ରେକର୍ଡ ସମକକ୍ଷ ହେବା ସହ ଫାଇନାଲ୍ସକୁ ଉଠିଥିଲେ। ଅପରପକ୍ଷରେ ଯୋଗ୍ୟତାପର୍ଯ୍ୟାୟରେ ରହି ୫୮୦ ସ୍କୋର କରି ସପ୍ତମ ସ୍ଥାନରେ ରହିବା ସହ ଫାଇନାଲକୁ ଉଠିଥିଲେ।

ପୂର୍ବରୁ ରାହି ପ୍ରଥମ ଭାରତୀୟ ପିସ୍ତଲ ଶୁଟର ଭାବେ ୨୦୧୩ରେ ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବାର ପରେ ରାହି କୌଣସି ମେଜର ମେଡାଲ ହାସଲ କରି ନ ଥିଲେ। ଏଲ୍‌ବୋ ଇଞ୍ଜୁରି କାରଣରୁ ସେ ପାଖାପାଖି ଦୁଇ ବର୍ଷ ଶୁଟିଂରୁ ଦୂରେଇ ରହିଥିଲେ। ଟେକ୍‌ନିକ୍‌ରେ ସୁଧାର ଆଣିବା ପାଇଁ ରାହି ଦୁଇଥର ବିଶ୍ୱ ଚାମ୍ପିୟନ ଓ ଅଲିମ୍ପିକ୍ ମେଡାଲିଷ୍ଟ ଜର୍ମାନୀର ମୁଙ୍ଖବାୟାର ଡୋର୍ଜସୁରେନଙ୍କଠାରୁ ପ୍ରଶିକ୍ଷଣ ନେଇଥିଲେ। ରାହି ମଧ ପୂର୍ବରୁ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ଦିଲ୍ଲୀ ଏସିଆଡରେ ୨୫ ମିଟର ପିସ୍ତଲ ପେୟାର୍ସ ଓ ୨୫ ମିଟର ପିସ୍ତଲରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ୨୦୧୪ ଇଞ୍ଚିଅନ୍ ଏସିଆନ ଗେମ୍ସରେ ମଧ ସେ ୨୫ ମିଟର ପିସ୍ତଲ ପେୟାର୍ସ ଇଭେଣ୍ଟରେ ବ୍ରୋଞ୍ଜ୍ ଜିତିଥିଲେ।

ଅନ୍ୟପଟେ ଫାଇନାଲ୍ସରେ ବିଫଳ ହୋଇଥିବା ଭାକର ଏବେ କେବଳ ଗୋଟିଏ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେ ତାଙ୍କ ଫେଭରାଇଟ୍ ୧୦ ମିଟର ପିସ୍ତଲ ଇଭେଣ୍ଟରେ ପଦକ ଜିତିବା ଆଶା କରାଯାଉଛି। ମହିଳା ରାଇଫଲ ୩ ପୋଜିଶନ ଇଭେଣ୍ଟରେ ଭାରତର ଅଞ୍ଜୁମ୍ ମୋଡଗିଲ ଓ ଗାୟତ୍ରୀ ନିତ୍ୟନନ୍ଦମ ଫାଇନାଲ ପାଇଁ କ୍ୱାଲିଫାଏ କରିବାରେ ବିଫଳ ହୋଇଛନ୍ତି।

## ରେସଲିଂ: ଭାରତ ୩ ପଦକରେ ସନ୍ତୁଷ୍ଟ

ଜାକର୍ତ୍ତା, ୨୨।୮(ପି.ଟି.)

ଏସିଆନ୍ ଗେମ୍ସ ରେସଲିଂ ଇଭେଣ୍ଟରେ ଭାରତ ଅନ୍ତିମ ଦିବସରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି ଓ ଗୋଟିଏ ହେଲେ ବି ପଦକ ହାସଲ କରିପାରି ନାହିଁ। ଫ୍ରିଷ୍ଟାଇଲ ପ୍ରତିଯୋଗିତାରେ ଭାରତ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ପାଇଥିଲା। ତେବେ ଏହା ପରେ ଭାରତୀୟ ଖେଳାଳିମାନେ ପଦକ ହାସଲ କରିବାରେ ବିଫଳ ହୋଇଛନ୍ତି। ବୁଧବାର ଗ୍ରିକୋ-ରୋମାନ ଗ୍ରାପଲର ହାରପ୍ରୀତ୍ ସିଂ ବ୍ରୋଞ୍ଜ୍ ପଦକ ବାଉଟ୍‌ରେ ପରାସ୍ତ ହୋଇଛନ୍ତି।

୮୭ କେ.ଜି. ବର୍ଗରେ ହରପ୍ରୀତ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ତେବେ ସେ କାଜାଖସ୍ତାନର ଅଜମାଟ କୁସ୍ତୁବାୟେଭଙ୍କଠାରୁ ୩-୬ରେ ପରାସ୍ତ ହୋଇ ବ୍ରୋଞ୍ଜ୍ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ଏହା ପୂର୍ବରୁ ନବୀନ ୧୩୦ କେ.ଜି. ଓ ହରଦୀପ ୯୭ କେ.ଜି.ରେ ପଦକ ରାଉଣ୍ଡକୁ ଉଠିବାରେ ବିଫଳ ହୋଇଥିଲେ। ଗତ ସଂସ୍କରଣରେ ଭାରତ ରେସଲିଂରେ ଗୋଟିଏ ସ୍ୱର୍ଣ୍ଣ ଜିତିଥିଲା। କିନ୍ତୁ ଏଥର ଭାରତ ୨ଟି ସ୍ୱର୍ଣ୍ଣ ଜିତିଛି। ପୂର୍ବରୁ ବଜରଙ୍ଗ ପୁନିଆ ଓ ମହିଳା ରେସଲର ଭିନେଶ ଫୋଗତ ସେମାନଙ୍କ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ଦିବ୍ୟା କକ୍ରାନ ୬୮ କେ.ଜି. ବର୍ଗରେ ମଙ୍ଗଳବାର ବ୍ରୋଞ୍ଜ୍ ଜିତିଥିଲେ।

## ବୋପାନ୍ନା- ଶରନ, ଅଙ୍କିତା ପଦକ ନିଶ୍ଚିତ କଲେ

ପାଲେମବାଙ୍ଗ,୨୨।୮(ପି.ଟି.)

ଟେନିସ୍‌ରେ ଭାରତକୁ ଅତିକମ୍‌ରେ ଦୁଇଟି ପଦକ ମିଳିବା ନିଶ୍ଚିତ ହୋଇଛି। ଅଙ୍କିତା ରାଇନା ଓ ଟପ୍ ସିଡ୍ ମାନ୍ୟତା ପାଇଥିବା ପୁରୁଷ ଡବଲ୍ସ ଯୋଡି ରୋହନ୍ ବୋପାନ୍ନା ଓ ଦିଭିଜ ଶରଣ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତକୁ ଅତିକମ୍‌ରେ ଦୁଇଟି ବ୍ରୋଞ୍ଜ୍ ମିଳିବା ପକ୍କା ହୋଇଛି।

ବିଶ୍ୱର ୧୮୯ ନମ୍ବର ମହିଳା ଖେଳାଳି ଅଙ୍କିତା ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ତାଙ୍କଠାରୁ ୪୦୦ଟି ସ୍ଥାନ ତଳେ ଥିବା ହଂକଂର ଇୟୁଡାଇସ୍ ଚୋଙ୍ଗଙ୍କୁ ୬-୪,୬-୧ ସେଟରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସବୁ ୫ଟି ଯାକ ଇଭେଣ୍ଟରେ ସେମିଫାଇନାଲରେ ପରାସ୍ତ ହେବାକୁ ଥିବା ଖେଳାଳିଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥାଏ। ଏହାପୂର୍ବରୁ ଭାରତର ସାନିଆ ମିର୍ଜା ୨୦୦୬ ଓ ୨୦୧୦ ଏସିଆନ ଗେମ୍ସରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ଜିତିଥିଲେ।



କ୍ୱାର୍ଟର ଫାଇନାଲ ମ୍ୟାଚ ଅବସରରେ ରୋହନ୍ ବୋପନ୍ନା ଓ ଦିଭିଜ ଶରନ ।

ପୁରୁଷ ଡବଲ୍ସରେ ଅଭିଜ୍ଞ ଭାରତୀୟ ଯୋଡି ବୋପାନ୍ନା ଓ ଶରଣ ବୁଧବାର କ୍ୱାର୍ଟର ଫାଇନାଲରେ ଚାଇନିଜ ତାଇପେ ଯୋଡି ସିଏ ଚେଙ୍ଗପେଙ୍ଗ୍ ଓ ୟାଙ୍ଗ୍ ସୁଙ୍ଗ ହୁଆଙ୍କୁ ୬-୩,୫-୭,୧୦-୧ ସେଟରେ ହରାଇ ସେମିକୁ ଉଠିଛନ୍ତି। ସେମିରେ ଏହି ଭାରତୀୟ ଯୋଡି ଜାପାନର କେ. ଉଇସୁଗି ଓ ଏସ. ଶିମାବୁକୁରୋଙ୍କୁ ଭେଟିବେ।

## ଟାଏକୋଣ୍ଡୋ: ପ୍ରି- କ୍ୱାର୍ଟରରେ ହାରିଲେ ମାନ୍

ଜାକର୍ତ୍ତା, ୨୨।୮(ପି.ଟି.)

ଏସିଆନ ଗେମ୍ସ ଟାଏକୋଣ୍ଡୋରେ ଭାରତୀୟ ଅଭିଯାନ ଶେଷ ହୋଇଛି। ୮୦ କେ.ଜି. ଟାଏକୋଣ୍ଡୋ ଇଭେଣ୍ଟର ପ୍ରି- କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭାରତର ନଭଜିତ୍ ମାନ୍ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ୨୪ ବର୍ଷୀୟ ମାନ ଚାଇନାର ଲିଙ୍ଗଲଙ୍ଗ ଚେନ୍‌ଙ୍କଠାରୁ ୬-୨୦ରେ ପରାସ୍ତ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ମାନ ୦-୬ରେ ପଛରେ ପଡିଥିଲେ। ତେବେ ଦ୍ୱିତୀୟ ରାଉଣ୍ଡରେ ମାନ ଖାତା ଖୋଲିଥିଲେ। ଏହା ପରେ ଚେନ୍ ଦୃଢ ପ୍ରତ୍ୟାବର୍ତ୍ତନ କରି ୮ ପଏଣ୍ଟ ସ୍କୋର କରି ୧୫- ୫ରେ ଓଭରଅଲ ଲିଡ୍ ନେଇଥିଲେ। ଏହା ପରେ ତୃତୀୟ ରାଉଣ୍ଡରେ ମାନ୍ ୫-୧ରେ ବିଜୟୀ ହୋଇଥିଲେ। ମାନ ପୂର୍ବରୁ ପ୍ରଥମ ମ୍ୟାଚରେ ଲାଓସ୍‌ର ସୋମସାନୌକ ଫୋମ୍ମାଭାନ୍‌ହଙ୍କୁ ୩୨- ୧୮ରେ ହରାଇ ପ୍ରି- କ୍ୱାର୍ଟରକୁ ଉଠିଥିଲେ।

## ୩ ରୋଇଂ ଇଭେଣ୍ଟ ଫାଇନାଲରେ ଭାରତୀୟ

ପାଲେମବାଙ୍ଗ, ୨୨।୮(ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ ରୋୟରମାନେ ବେଶ୍ ଦମ୍‌ଦାର ପ୍ରଦର୍ଶନ କରି ୩ଟି ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ରୋହିତ କୁମାର ଓ ଭଗୱାନ ସିଂ ପୁରୁଷ ଲାଇଟ୍‌ୱେଟ୍ ଡବଲ ସ୍କଲ୍ସ ରିପ୍‌ଚେଜ୍ ରାଉଣ୍ଡରେ ୭:୧୪.୨୩ ସେକେଣ୍ଡ ସମୟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଫାଇନାଲ ଖେଳାଯିବ। ସେହିପରି ମହିଳା ଫୋର ରିପିଚେଜ୍ ରାଉଣ୍ଡରେ ସଞ୍ଜିତା ଡଙ୍ଗ ଡଙ୍ଗ, ଅନ୍ଜୁ,ନଭନୀତ କୌର ଓ ୟାମିନି ସିଂଙ୍କୁ ନେଇ ଗଠିତ ଭାରତୀୟ ଦଳ ୭: ୫୩.୨୯ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ତେବେ ଏହା ସତ୍ତ୍ୱେ ଏହି ଭାରତୀୟ ଦଳ ଶୁକ୍ରବାର ଖେଳାଯିବାକୁ ଥିବା ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ପୁରୁଷ ଲାଇଟ୍‌ୱେଟ ୮ ଟିମ୍ ଶେଷରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ଏଥିରେ ମଧ ଭାରତୀୟ ଦଳ ୬:୧୫.୬୨ ସେକେଣ୍ଡ ସମୟ ନେଇ ଫାଇନାଲକୁ ଉଠିଛନ୍ତି। ଏହାର ଫାଇନାଲ ମୁକାବିଲା ମଧ ଶୁକ୍ରବାର ଆୟୋଜନ ହେବ। ମଙ୍ଗଳବାର ଦତ୍ତୁ ବାବନ ଭୋକାନାଲ ପୁରୁଷ ସିଙ୍ଗଲ ସ୍କଲ୍ସ ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ହାସଲ କରିଥିଲେ। ସେହିପରି ପୁରୁଷ ଲାଇଟ୍‌ୱେଟ୍ ଫୋର ଟିମ୍ ମଧ ଟାଇଟଲ ରେସ୍‌କୁ ଉତୀର୍ଣ୍ଣ ହୋଇଥଲା। ମହିଳା ପେୟାର ଇଭେଣ୍ଟରେ ସଞ୍ଜୁକ୍ତା ଡଙ୍ଗ ଡଙ୍ଗ୍ ମଧ ଫାଇନାଲ ରାଉଣ୍ଡକୁ କ୍ୱାଲିଫାଏ କରିଥିଲେ।

### ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୮ | ୩୦ | ୧୫ | ୮୩ |
| ଜାପାନ | ୨୦ | ୨୩ | ୨୫ | ୬୮ |
| କୋରିଆ | ୧୧ | ୧୫ | ୨୩ | ୪୯ |
| ଇରାନ | ୭ | ୩ | ୬ | ୧୬ |
| ଇଣ୍ଡୋନେସିଆ | ୬ | ୪ | ୭ | ୧୭ |
| ଉତ୍ତର କୋରିଆ | ୫ | ୨ | ୩ | ୧୦ |
| ଭାରତ | ୪ | ୩ | ୮ | ୧୫ |
| ଥାଇଲାଣ୍ଡ | ୪ | ୨ | ୧୦ | ୧୬ |
| ଉଜବେକିସ୍ତାନ | ୩ | ୫ | ୬ | ୧୪ |
| ଚାଇନିଜ୍ ତାଇପେ | ୩ | ୩ | ୮ | ୧୪ |

## ଗୁରୁବାର ଭାରତର କାର୍ଯ୍ୟସୂଚୀ

**ଆର୍ଚେରୀ:** ପୁରୁଷ ବ୍ୟକ୍ତିଗତ ରିକର୍ଭ ଓ ମହିଳା ବ୍ୟକ୍ତିଗତ ରିକର୍ଭ(ସକାଳ ୮ଟା ୩୦)।

**ଜିମ୍ନାଷ୍ଟ:** ମହିଳା ଭଲ୍ଟ ଇଭେଣ୍ଟ, ଅପରାହ୍ନ ୩ଟା।

**ବ୍ୟାଡ୍‌ମିଣ୍ଟନ:** ମହିଳା ସିଙ୍ଗଲ୍ସ, ମହିଳା ଡବଲ୍ସ, ମିକ୍ସଡ ଡବଲ୍ସ, ପୁରୁଷ ଡବଲ୍ସ (୧୦ଟା ୩୦ରୁ ଆରମ୍ଭ)।

**ବାସ୍କେଟବଲ:** ମହିଳା ୫ ଗୁଣା ୫, ଭାରତ ବନାମ ଇଣ୍ଡୋନେସିଆ(ସନ୍ଧ୍ୟା ୫ଟା)।

**କାନୋଇଂ/କାୟାକିଂ ସ୍ଲାଲୋମ:** ମହିଳା ସିଙ୍ଗଲ୍ସ ସେମିଫାଇନାଲ (ସକାଳ ୮ଟା)।

**ଗଲ୍ଫ:** ପୁରୁଷ ବ୍ୟକ୍ତିଗତ, ମହିଳା ବ୍ୟକ୍ତିଗତ (ଭୋର ୪ଟା ୩୦)।

**ରୋଇଂ:** ପୁରୁଷ ସିଙ୍ଗଲ୍ସ ସ୍କଲ୍ସ ଫାଇନାଲ, ପୁରୁଷ ଡବଲ୍ସ ସ୍କଲ୍ସ ଫାଇନାଲ, ମହିଳା ପେୟାର ଫାଇନାଲ୍, ମହିଳା ଡବଲ୍ସ ସ୍କଲ୍ସ ଫାଇନାଲ, ପୁରୁଷ ପେୟାର ଫାଇନାଲ, ପୁରୁଷ ଲାଇଟ୍‌ୱେଟ୍ ଫୋର୍ ଫାଇନାଲ (ସକାଳ ୭ଟା ୩୦ରୁ)।

**ଶୁଟିଂ:** ପୁରୁଷ ଡବଲ୍ସ ଟ୍ରାପ୍ ଯୋଗ୍ୟତା ପର୍ଯ୍ୟାୟ, ମହିଳା ଡବଲ୍ସ ଟ୍ରାପ୍ ଫାଇନାଲ୍ସ (ସକାଳ ୯ଟା ୧୫ରୁ)।

**ସ୍କ୍ୱାଶ:** ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୩୨, ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ (ସକାଳ ୮ଟା ୩୦ରୁ)।

**ସୁଇମିଂ:** ପୁରୁଷ ୫୦ ମି. ବଟରଫ୍ଲାଏ ହିଟ୍ସ (ସକାଳ ୭ଟା ୩୦), ପୁରୁଷ ୧୦୦ମି. ଫ୍ରିଷ୍ଟାଇଲ ହିଟ୍ସ (ସକାଳ ୭ଟା ୫୦), ପୁରୁଷ ୨୦୦ମି. ବ୍ୟାକଷ୍ଟ୍ରୋକ୍ ହିଟ୍ସ (ସକାଳ ୮ଟା)।

**ଟେନିସ:** ମହିଳା ସିଙ୍ଗଲ୍ସ ସେମିଫାଇନାଲ, ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲ, ପୁରୁଷ ଡବଲ୍ସ ସେମିଫାଇନାଲ, ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ (ସକାଳ ୮ଟା ୩୦ରୁ)।

**ଭଲିବଲ:** ଭାରତ ବନାମ କାଜାକସ୍ତାନ, ମହିଳା ପୁଲ-ବି ମ୍ୟାଚ୍ (ସକାଳ ୮ଟା ୩୦)।

**ଭାରୋତ୍ତୋଳନ:** ପୁରୁଷ ୭୭ କିଗ୍ରା (ସକାଳ ୯ଟା ୩୦ରୁ)।




ବୁଧବାର: ପୋଡ଼ିୟମରେ ପଦକ ହାସଲ ଅବସରରେ ଭାରତୀୟ ସିପକ୍ଟାକ୍ର ଦଳ ।

ଧରିତ୍ରୀ DHARITRI
ରାୟଗଡା, ଗୁରୁବାର, ୨୩ ଅଗଷ୍ଟ, ୨୦୧୮





“ଇଂଲଣ୍ଡ ପରିବେଶରେ କିପରି ଖେଳିବାକୁ ହୁଏ ବିରାଟ କୋହଲି ତା’ର ଉପାୟ ପାଇ ଯାଇଛନ୍ତି। ତାଙ୍କୁ ରୋକିବାକୁ ଆମ ବୋଲରମାନେ ବାଟ ବାହାର କରିପାରିବେ।
—ଜୋ ରୁଟ୍, ଇଂଲଣ୍ଡ ଅଧିନାୟକ



“ଇଂଲଣ୍ଡ ବିପକ୍ଷ ଟେଷ୍ଟ ବିଜୟକୁ ଆମେ କେରଳ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛୁ ।
—ବିରାଟ କୋହଲି, ଟିମ୍ ଇଣ୍ଡିଆ ଅଧିନାୟକ

# ଭାରତ ୨୦୩ ରନରେ ବିଜୟୀ



ରବିଚନ୍ଦ୍ରନ ଅଶ୍ୱିନଙ୍କ ବୋଲିଂରେ ବୁଧବାର ଜେମ୍ସ ଆଣ୍ଡରସନ୍‌ଙ୍କ କ୍ୟାଚ ନେଉଛନ୍ତି ଅଜିଙ୍କ୍ୟ ରାହାନେ।

## ତୃତୀୟ ଟେଷ୍ଟ

ନଟିଂହାମ, ୨୨।୮(ପି.ଟି.)

ଅଲରାଉଣ୍ଡ ପ୍ରଦର୍ଶନ ସହ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ମାଟିରେ ଟେଷ୍ଟ ବିଜୟର ସ୍ୱାଦ ଚାଖିଛି। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଆକର୍ଷଣୀୟ ପ୍ରଦର୍ଶନ କରି ଟିମ୍ ଇଣ୍ଡିଆ ଏଠାରେ ଅନୁଷ୍ଠିତ ତୃତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡକୁ ୨୦୩ ରନରେ ପରାସ୍ତ କରିଛି। କୋହଲି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ଇଂଲଣ୍ଡ ପ୍ରଥମ ଦୁଇ ଟେଷ୍ଟ ଜିତିଥିବାବେଳେ ଭାରତ ଏବେ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୨ରେ ପହଞ୍ଚାଇବାରେ ସକ୍ଷମ ହୋଇଛି।

ମ୍ୟାଚ ଜିତିବା ପାଇଁ ଭାରତୀୟ ଦଳ ବୁଧବାର ଅନ୍ତିମ ଦିବସରେ ଗୋଟିଏ ଉଇକେଟ ଆବଶ୍ୟକ କରୁଥିଲା। ସକାଳେ ମାତ୍ର ୧୭ଟି ବୋଲିଂ କରି ଭାରତ ଏହି ସଫଳତା ପାଇଥିଲା। ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଏକ ଲେଗ୍‌ବ୍ରେକ୍‌କୁ ବୁଝି ନ ପାରି ଜେମ୍ସ ଆଣ୍ଡରସନ ସ୍ଲିପ୍ ଉପରେ ଶଟ୍ ମାରିବାକୁ ଯାଇ ପ୍ରଥମ ସ୍ଲିପ୍‌ର ଟିକେ ପଛରେ ଥିବା ଅଜିଙ୍କ୍ୟ ରାହାନେଙ୍କୁ ସହଜ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଆଣ୍ଡରସନ ୧୧ ରନ କରି ଆଉଟ ହୋଇଥିବାବେଳେ ଆଡିଲ ରଶିଦ ୩୩ ରନରେ ଅପରାଜିତ ରହିଥିଲେ। ୫୨୧ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଇଂଲଣ୍ଡର ଦ୍ୱିତୀୟ ଇନିଂସ ୩୧୭ ରନରେ ଶେଷ ହୋଇ ଯାଇଥିଲା। ଏହି ଟେଷ୍ଟରେ ଦୁଇ ଓପନର ଲୋକେଶ ରାହୁଲ ଓ ଶିଖର ଧାୱନ ନୂଆ ବଲ ନେଇ ଆସିଥିବା ବୋଲରଙ୍କୁ ସଫଳ ମୁକାବିଲା କରିଥିବାବେଳେ ଈଶାନ୍ତ ଶର୍ମା(୨/୩୨, ୨/୭୦), ଯଶପ୍ରୀତ ବୁମ୍‌ରା(୨/୩୭, ୫/୮୫) ଓ ମହମ୍ମଦ ସାମି(୧/୫୬, ୧/୭୮)ଙ୍କ ବୋଲିଂ ବେଶ୍ ଶାଣିତ ରହିଥିଲା। ଉପଅଧିନାୟକ ଅଜିଙ୍କ୍ୟ ରାହାନେ ପ୍ରଥମ ଇନିଂସରେ ୮୧ ରନ କରିଥିବାବେଳେ ଚେତେଶ୍ୱର ପୂଜାରା ଦ୍ୱିତୀୟ ଇନିଂସରେ ୭୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୫ ଉଇକେଟ ସଫଳତା ସହ ଅର୍ଦ୍ଧଶତକ ହାସଲ କରି ଦଳରେ ନିଜ ଚୟନର ଯଥାର୍ଥତା ପ୍ରତିପାଦନ କରିଥିଲେ। ସମସ୍ତଙ୍କଠାରୁ ଆଗରେ ରହିଥିଲେ ଅଧିନାୟକ ବିରାଟ। ସେ ୨ଟି ଇନିଂସରେ ଯଥାକ୍ରମେ ୯୭ ଓ ୧୦୩ ରନ ସ୍କୋର କରି ଚଳିତ ସିରିଜରେ ନିଜର ମୋଟ ରନ ସଂଖ୍ୟାକୁ ୪୪୦ରେ ପହଞ୍ଚାଇଛନ୍ତି। ସେ ପ୍ରଥମ ଓ ତୃତୀୟ ଟେଷ୍ଟରେ ୨୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୨ଟି ଶତକ ଓ ୨ଟି ଅର୍ଦ୍ଧଶତକ ସାମିଲ। କୋହଲି ଏବେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡରେ ଟେଷ୍ଟ ଶତକ ହାସଲ କରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏଠାରେ ସ୍ଲିପ୍ କ୍ୟାଚିଂରେ ମଧ୍ୟ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ବଢ଼ିଆ ରହିଥିଲା। ଏକା ଲୋକେଶ ରାହୁଲ ୭ଟି କ୍ୟାଚ ନେଇ ଅନ୍ୟମାନଙ୍କଠାରୁ ଆଗରେ ରହିଥିଲେ।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ: ୩୨୯/ଅଲଆଉଟ ।
- ଇଂଲଣ୍ଡ ପ୍ରଥମ ଇନିଂସ: ୧୬୧/ଅଲଆଉଟ ।
- ଭାରତ ଦ୍ୱିତୀୟ ଇନିଂସ: ୩୫୨/୭(ଘୋଷଣା) ।
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୧୭/ଅଲଆଉଟ(ଜୋସ ବଟଲର-୧୦୬), ବେନ୍ ଷ୍ଟୋକ୍ସ-୬୨, ଆଡିଲ ରଶିଦ-୩୩*, ବୁମ୍‌ରା-୫/୮୫, ଈଶାନ୍ତ-୨/୭୦, ଅଶ୍ୱିନ-୧/୪୪, ସାମି-୧/୭୮, ପାଣ୍ଡ୍ୟା-୧/୨୨) ।

### ବ୍ରଡ ଦଣ୍ଡିତ

ଇଂଲଣ୍ଡର ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ ଦଣ୍ଡିତ ହୋଇଛନ୍ତି। ଏଠାରେ ଚାଲିଥିବା ଭାରତ ବିପକ୍ଷ ୩ୟ ତଥା ଟ୍ରେଣ୍ଟ ବ୍ରିଜ ଟେଷ୍ଟର ଦ୍ୱିତୀୟ ଦିନରେ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ସେ ଭଙ୍ଗ କରିଛନ୍ତି। ଏଣୁ ତାଙ୍କ ମ୍ୟାଚ୍ ଫି’ର ୧୫ ପ୍ରତିଶତ କାଟ କରାଯିବ। ଭାରତୀୟ ଦଳର ପ୍ରଥମ ଇନିଂସ୍ ବ୍ୟାଟିଂ ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଶବ ପନ୍ତଙ୍କୁ ଆଉଟ୍ କରିବା ପରେ ବ୍ରଡ ତାଙ୍କ ନିକଟକୁ ଯାଇ ଖରାପ ବ୍ୟବହାର କରିଥିଲେ। ଏହି ଦୋଷକୁ ବ୍ରଡ ସ୍ୱୀକାର କରି ନେଇଛନ୍ତି। ଏଣୁ ଏହି ଘଟଣାରେ କୌଣସି ଶୁଣାଣି ହେବ ନାହିଁ। ତାଙ୍କ ମ୍ୟାଚ୍ ଫି’ କାଟ କରାଯିବା ସହ ଏକ ଡିମେରିଟ ପଏଣ୍ଟ ମଧ୍ୟ ପ୍ରଦାନ କରାଯାଇଛି।

### ଅଧିନାୟକ ଭାବେ ୩୮ଟି ଟେଷ୍ଟରେ ସର୍ବାଧିକ ବିଜୟ

ରିକି ପଣ୍ଟିଂ– ୩୦ ମ୍ୟାଚ୍
ଷ୍ଟିଭ୍ ୱ– ୨୭ ମ୍ୟାଚ୍
ମାଇକେଲ ଭନ୍/ବିରାଟ କୋହଲି–୨୨
ଭିଭିଆନ୍ ରିଚାର୍ଡ୍ସ/ମାର୍କ ଟେଲର– ୨୧
ଆଣ୍ଡ୍ରୁ ଷ୍ଟ୍ରସ– ୨୦

### ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ବିଜୟ

୨୭– ମହେନ୍ଦ୍ର ସିଂ ଧୋନି (୬୦ ମ୍ୟାଚ୍)
୨୨– ବିରାଟ କୋହଲି (୩୮ ମ୍ୟାଚ୍)
୨୧– ସୌରଭ ଗାଙ୍ଗୁଲି (୪୯ ଟେଷ୍ଟ)
୧୪– ମହମ୍ମଦ ଆଝାରୁଦ୍ଦିନ (୪୭ ଟେଷ୍ଟ)

### ଗୋଟିଏ ବର୍ଷରେ ଏସିଆ ବାହାରେ ଭାରତର ଦୁଇ ବା ତତୋଽଧିକ ବିଜୟ

୧୯୬୮ରେ ୩ଟି ବନାମ ନ୍ୟୁଜିଲାଣ୍ଡ
୨ଟି ଲେଖାଏ– ୧୯୭୧(ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ), ୧୯୭୬ (ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ), ୧୯୮୬ (ଇଂଲଣ୍ଡ), ୨୦୦୨ (ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ), ୨୦୦୫ (ଜିମ୍ବାୱେ), ୨୦୦୬ (ୱେଷ୍ଟଇଣ୍ଡିଜ ଓ ଦ.ଆଫ୍ରିକା), ୨୦୧୬ (ୱେଷ୍ଟଇଣ୍ଡିଜ), ୨୦୧୮ (ଦ.ଆଫ୍ରିକା ଓ ଇଂଲଣ୍ଡ)।

### ଇଂଲଣ୍ଡ ବିପକ୍ଷରେ ଭାରତର ବୃହତ ବିଜୟ (ରନ ବ୍ୟବଧାନ)

୨୭୯ ଲିଡ୍ସ, ୧୯୮୬
୨୪୬ ଭାଇଜାଗ, ୨୦୧୬
୨୦୩ ଟ୍ରେଣ୍ଟବ୍ରିଜ, ୨୦୧୮
୧୮୭ କୋଲକାତା, ୧୯୬୧–୬୨

## ସଂକ୍ଷେପରେ

### ଜାତୀୟ ସିନିୟର ଆକ୍ୱାଟିକ୍ସ
## ଓଡ଼ିଶାରୁ ଭାଗନେବେ ୫ ପ୍ରତିଯୋଗୀ

ଭୁବନେଶ୍ୱର, ୨୨।୮(କ୍ରୀଡ଼ା ପ୍ରତିନିଧି): ତ୍ରିଭେନ୍ଦ୍ରମର ପିରାପାନ୍‌କୋଡେସ୍ଥିତ ଡ.ବି.ଆର. ଆମ୍ବେଦକର ଇଣ୍ଟରନ୍ୟାଶନାଲ ଆକ୍ୱାଟିକ୍ କମ୍ପ୍ଲେକ୍ସରେ ୭୨ତମ ଗ୍ଲେନ୍‌ମାର୍କ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ସେପ୍ଟେମ୍ବର ୧୯ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କେରଳ ଆକ୍ୱାଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩ ମହିଳାଙ୍କ ସମେତ ମୋଟ ୫ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିରେ ଭାଗ ନେବାକୁ ଯାଉଥିବା ମହିଳା ପ୍ରତିଯୋଗୀମାନେ ହେଲେ ଭୁବନେଶ୍ୱରର ପ୍ରତ୍ୟାଶା ରୟ, ସୋନିଆ ପଟେଲ ଓ ତୁଳସୀ କିଶାନ। ପୁରୁଷ ବିଭାଗରେ ସମ୍ବଲପୁର କ୍ରୀଡ଼ା ଛାତ୍ରାବାସର ବିକାଶ ହରିପାଲ ଓ ଭୁବନେଶ୍ୱରର ଯଦୁ ବିଡେକ ଅଂଶଗ୍ରହଣ କରିବେ। ଗତ ମେ’ରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟ ସନ୍ତରଣ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ପ୍ରତିଯୋଗୀଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି। ଭୁବନେଶ୍ୱର ସନ୍ତରଣକାରୀମାନେ କୋଚ୍ ସୁରେନ୍ଦ୍ର ନାଏକ ଓ ସମ୍ବଲପୁର ସନ୍ତରଣକାରୀମାନେ ଆଶୁତୋଷ ନାଏକଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ଏନଆଇଏସ ସନ୍ତରଣ କୋଚ୍ ତଥା ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ସାଧାରଣ ସମ୍ପାଦକ ଦିଲାୱର ହୋସେନ, ଜୟ କ୍ରିଷ୍ଣ ପଟେଲ ଓ ଗଙ୍ଗାଧର ଓରାମଙ୍କୁ ନେଇ ଗଠିତ ଚୟନ କମିଟି ଓଡ଼ିଶା ଖେଳାଳିଙ୍କୁ ମନୋନୀତ କରିଥିଲେ।

## ବିଶ୍ୱ ଯୁଥ୍ ବକ୍ସିଂ ୨ୟ ରାଉଣ୍ଡରେ ଦୁଇ ଭାରତୀୟ

ବୁଦାପେଷ୍ଟ, ୨୨।୮(ପି.ଟି.): ଏସିଆନ ବ୍ରୋଞ୍ଜ ପଦକ ବିଜୟୀ ଭବେଶ କାଟ୍ଟିମାନି (୫୨ କିଗ୍ରା) ଏଠାରେ ଚାଲିଥିବା ବିଶ୍ୱ ଯୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ର ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ଭବେଶ ୟୁକ୍ରେନର ୟୁରି ତୋମିଉକଙ୍କୁ ୫-୦ରେ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ଭବେଶଙ୍କ ମୁକାବିଲା ଇରାନର ମୋବିନ ଅଲାଇଙ୍କ ସହ ହେବ। ସେହିଭଳି ମହିଳା ୬୯ କିଗ୍ରା ବର୍ଗରେ ଥାଇଲାଣ୍ଡର ବୈଶନ ମାନିକନ ଅନୁପସ୍ଥିତ ରହିବାରୁ ଲଳିତାଙ୍କୁ ୱାକଓଭର ମିଳିଛି। ପୂର୍ବରୁ ଭାରତର ଦୁଇ ମହିଳା ବକ୍ସର ସାକ୍ଷୀ ଗୈଧାନି (୮୧ କିଗ୍ରା) ଓ ନେହା ଯାଦବ (+୮୧ କିଗ୍ରା) ବିନା କୌଣସି ଲଢ଼େଇରେ ସେମିଫାଇନାଲରେ ପ୍ରବେଶ କରିବା ସହିତ ଦେଶ ପାଇଁ ପଦକ ନିଶ୍ଚିତ କରିଛନ୍ତି।

## ଗ୍ରାଣ୍ଟ ଇଲିଅଟଙ୍କ ଅବସର



**ଅକ୍‌ଲାଣ୍ଡ,୨୨।୮:** ନ୍ୟୁଜିଲାଣ୍ଡ ଦଳ ଲାଗି ୨୦୧୫ ବିଶ୍ୱକପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଗ୍ରାଣ୍ଟ ଇଲିଅଟ କ୍ରିକେଟରୁ ଅବସର ନେଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲରେ ତାଙ୍କ ଦୁର୍ଦ୍ଧର୍ଷ ୮୪ ରନ୍‌ର ଇନିଂସ୍ ସର୍ବଦା ମନେରହିବେ। ତାଙ୍କ ଯୋଗୁ ନ୍ୟୁଜିଲାଣ୍ଡ ଦଳ ପ୍ରଥମ ଥର ଲାଗି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। ଦ. ଆଫ୍ରିକାର ଜୋହାନ୍ସବର୍ଗରେ ଜନ୍ମିତ ଏହି କ୍ରିକେଟର ୧୯୯୭ରେ ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୨ରେ ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ କେନ ରଥରଫୋର୍ଡଙ୍କ ପରାମର୍ଶ କ୍ରମେ ଇଲିଅଟ୍ ନ୍ୟୁଜିଲାଣ୍ଡ ଯାଇଥିଲେ। କାରଣ ଦ. ଆଫ୍ରିକାରେ ପ୍ରଚଳିତ କୋଟା ସିଷ୍ଟମ ଯୋଗୁ ଇଲିଅଟ ଜାତୀୟ ଦଳରେ ସ୍ଥାନ ପାଉ ନ ଥିଲେ। ନ୍ୟୁଜିଲାଣ୍ଡ ନାଗରିକତ୍ୱ ଗ୍ରହଣ କରିବାର ୬ ବର୍ଷ ମଧ୍ୟରେ ଟେଷ୍ଟ ଫର୍ମାଟରେ ପଦାର୍ପଣ କରିଥିଲେ। ଏହାପରେ ସେ ଆଉ ମାତ୍ର ୪ ଟେଷ୍ଟ ଖେଳିବାକୁ ସୁଯୋଗ ପାଇଥିଲେ। ଏଥିସହିତ ସେ ଜାତୀୟ ଦଳ ପକ୍ଷରୁ ୮୩ ଦିନିକିଆ ଓ ୧୭ ଟି୨୦ ଖେଳିଥିଲେ। ଇଂଲଣ୍ଡ ଟି୨୦ ପ୍ରତିଯୋଗିତାର ବର୍ମିଂହାମ ଦଳ ପକ୍ଷରୁ ସେ ଅନ୍ତିମ ମ୍ୟାଚ୍ ଖେଳିଥିଲେ। ‘‘ଜୋହାନ୍ସବର୍ଗରୁ ଆରମ୍ଭ ହୋଇଥିବା ଯାତ୍ରା ବର୍ମିଂହାମରେ ଶେଷ ହେଲା। ଅନ୍ତର୍ଜାତୀୟ କ୍ରିକେଟ ଓ ବିଶ୍ୱକପ୍ ଖେଳିବା ଲାଗି ଯେଉଁ ଲକ୍ଷ୍ୟ ରଖିଥିଲି, ସେ ପୂରା ହୋଇ ସାରିଛି। ମୋ କ୍ୟାରିୟରରେ ମୋତେ ସମର୍ଥନ କରିଥିବା ଦଳୀୟ ସଦସ୍ୟ, ପରିବାରବର୍ଗଙ୍କୁ ଧନ୍ୟବାଦ’’ ବୋଲି ୩୯ ବର୍ଷୀୟ ଇଲିଅଟ କହିଛନ୍ତି।

## ଜାତୀୟ ଗ୍ରାପ୍ଲିଂରେ ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୧ ପଦକ

ଭୁବନେଶ୍ୱର, ୨୨।୮ (କ୍ରୀଡ଼ା ପ୍ରତିନିଧି)

ହରିୟାଣାର ଏମ.ଡି. ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଗତ ୧୮ରୁ ୨୦ ପର୍ଯ୍ୟନ୍ତ ୧୧ତମ ଜାତୀୟ ସିନିୟର ଗ୍ରାପ୍ଲିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଗ୍ରାପ୍ଲରମାନେ ୫ ସ୍ୱର୍ଣ୍ଣ, ୪ ରୌପ୍ୟ, ୨ ବ୍ରୋଞ୍ଜ ସହ ମୋଟ ୧୧ଟି ପଦକ ହାସଲ କରିଛନ୍ତି। ମମତା ସାହୁ ୪୨ କେଜି ମହିଳା ବିଭାଗ ଗି’ରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ନୋ–ଗି’ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସୋନମ ସାହୁ ୫୭ କେଜି ଗି’ ବିଭାଗରେ ସ୍ୱର୍ଣ୍ଣ ଓ ନୋ–ଗି’ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି।

ପୁରୁଷ ବିଭାଗରେ ୱାଲ୍ଟର ଡାନି ୮୨ କେଜି ବର୍ଗର ଗି’ ବିଭାଗରେ ରୌପ୍ୟ, ଅଭିଷେକ ମିଶ୍ର ୮୦ କେଜି ନୋ–ଗି’ରେ ବ୍ରୋଞ୍ଜ, ଶୈଳଶ୍ରୀ ମହାନ୍ତି ୬୬ କେଜି ବିଭାଗ ଗି’ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଶ୍ରୀକାନ୍ତ ଶେଖର ୭୭ କେଜି ଗି’ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସଫଳ ପ୍ରତିଯୋଗୀଙ୍କୁ ଓଡ଼ିଶା ଗ୍ରାପ୍ଲିଂ ଆସୋସିଏଶନ ସମ୍ପାଦକ ଡ.ହରିପ୍ରସାଦ ପଟ୍ଟନାୟକ ଓ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।



ଜାତୀୟ ସିନିୟର ଗ୍ରାପ୍ଲିଂରେ ପଦକ ଜିତିଥିବା ଓଡ଼ିଶା ପ୍ରତିଯୋଗୀ ।

## ଉତ୍କଳ ସ୍ପୋର୍ଟ୍ସ ମିଟ୍ ଆରମ୍ଭ

ଭୁବନେଶ୍ୱର, ୨୨।୮(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ୨୯ ତାରିଖରେ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଉତ୍କଳ ସ୍ପୋର୍ଟ୍ସ ମିଟ୍ ଆରମ୍ଭ ହୋଇଛି। ଏହାର ଅଂଶବିଶେଷ ସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ଫିଟ୍‌ନେସ ପରୀକ୍ଷାରେ ବହୁ ଛାତ୍ରୀଛାତ୍ର ଭାଗନେଇ ନିଜ ଦକ୍ଷତା ଦେଖାଇଥିଲେ। ଏଥିରେ ଷ୍ଟ୍ରେଙ୍ଗ୍ଥ, ଷ୍ଟାମିନା, ଏଣ୍ଡୁରାନ୍ସ, ସ୍ପିଡ୍, କୋ–ଅର୍ଡିନେଶନ ପ୍ରଭୃତିକୁ ମାନଦଣ୍ଡ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୯ ତାରିଖରେ ପୁରସ୍କୃତ କରାଯିବ। ଉତ୍କଳ ସ୍ପୋର୍ଟ୍ସ ମିଟ୍ ପର୍ଯ୍ୟାୟରେ ଆଗକୁ ଷ୍ଟ୍ରଙ୍ଗ ମ୍ୟାନ ଓ ଷ୍ଟ୍ରଙ୍ଗ ଓମେନ ପ୍ରତିଯୋଗିତା ହେବ ବୋଲି ଉତ୍କଳ କରାଟେ ସ୍କୁଲ ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଉତ୍କଳ ସ୍ପୋର୍ଟ୍ସ ମିଟ୍‌ର ପ୍ରଥମ ଦିବସରେ ଅଂଶଗ୍ରହଣକାରୀ ପ୍ରତିଯୋଗୀ ।

## ଯାଦବ, ରାୟୁଡୁଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୨୨।୮(ପି.ଟି.)

ୟୋ ୟୋ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା କେଦାର ଯାଦବ ଓ ଅମ୍ବାଟି ରାୟୁଡୁ ଆଗାମୀ ଚତୁଃରାଷ୍ଟ୍ରୀୟ ଦିନିକିଆ ସିରିଜ ଲାଗି ଯଥାକ୍ରମେ ଇଣ୍ଡିଆ ‘ଏ’ ଓ ଇଣ୍ଡିଆ ‘ବି’ ଦଳରେ ସାମିଲ ହୋଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବୁଧବାର ପ୍ରକାଶିକ ଏକ ବିଜ୍ଞପ୍ତିରେ କୁହାଯାଇଛି। ଇଣ୍ଡିଆ ‘ଏ’ ଦଳରୁ ସିଦ୍ଧାର୍ଥ ଲାଡ୍‌ଙ୍କୁ ବାହାର କରାଯାଇ ତାଙ୍କ ସ୍ଥାନରେ କେଦାରଙ୍କୁ ନିଆଯାଇଛି। ସେହିଭଳି ରିକି ଭୁଇଙ୍କ ସ୍ଥାନରେ ରାୟୁଡୁ ଇଣ୍ଡିଆ ‘ବି’ ଦଳରେ ସାମିଲ ହୋଇଛନ୍ତି। ଚଳିତ ଦୁଲୀପ୍ ଟ୍ରଫିରେ ଲାଡ୍ ଓ ଭୁଇଙ୍କୁ ଯଥାକ୍ରମେ ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ ଦଳରେ ଖେଳିବା ପାଇଁ ରିଲିଜ୍ କରାଯାଇଛି। ଇଣ୍ଡିଆ ‘ଏ’ ଓ ‘ବି’ ଦଳ ବ୍ୟତୀତ ଅଷ୍ଟ୍ରେଲିଆ ‘ଏ’ ଓ ଦକ୍ଷିଣ ଆଫ୍ରିକା ‘ଏ’ ଚତୁଃରାଷ୍ଟ୍ରୀୟ ସିରିଜରେ ଅଂଶଗ୍ରହଣ କରୁଛନ୍ତି। ଗୁରୁବାରଠାରୁ ଏହା ଆଲୁରରେ ଆରମ୍ଭ ହେବ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

DSPL - 132



"After the successful organisation of Make in Odisha Conclave 2016, our focus has been on converting intents into investments through our mantra of 3Ts – Transparency, Technology and Teamwork."

# Grounding New Opportunities for Broad-based Industrial Growth

**Following up on the 2nd phase ground-breaking/inauguration of 19 Industrial units on May 28 2018, Invest Odisha is pleased to announce ...**

## 3rd Phase of Ground-breaking/ Inauguration of 15 New Industrial Projects* Spanning 10 Sectors

*by*

**Hon'ble Chief Minister**

## Shri Naveen Patnaik

**at 12:30 pm on August 23, 2018**

**INAUGURATION**

- Grasim Industries, Ganjam
- Jyoti Solar Solutions, Bolangir

**GROUND-BREAKING**

- OCL India, Rajganagpur
- IFFCO, Paradip
- Jajpur Cement, Kalinga Nagar
- Indo Nissin Foods, Khurdha
- Shree Malani Foams, Khurdha
- Suguna Foods, Balasore
- MK Plast, Ramdaspur
- SAIZAR Enterprise, Kalinga Nagar
- Aradhana Plastics, Paradip
- Tidal Trading, Paradip
- Weaverbird Engineering & Technology, Infocity
- Utkal Speciality, Khurdha
- Hindustan Urban Infrastructure, Khurdha

***Investment of Rs. 2,901 crore with potential employment for 3,091**

Govt. of Odisha

MAKE IN ODISHA Conclave

BHUBANESWAR, 11-15 NOVEMBER, 2018

**Register your participation in the "Make in Odisha Conclave" at http://mio.investodisha.gov.in/**

14005/13/0022/1819

Download our mobile app **"Make in Odisha"** from

Follow us on @investInOdisha /investOdisha

**ସଂକ୍ଷେପରେ**

## ନଦୀରେ ଭାସିଯାଇ ଯୁବତୀ ମୃତ

ଗୁଣପୁର,୨୨।୮(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀ ପଞ୍ଚାୟତ ମେରିଙ୍ଗି ଗ୍ରାମରେ ନଦୀରେ ଗାଧୋଉ ଥିବାବେଳେ ଭାସିଯାଇ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲ ଉକ୍ତ ଗ୍ରାମର କଳ୍ପନା କୁମାରୀ ବେହେରା। ପ୍ରକାଶ ଯେ, ବୁଧବାର କଳ୍ପନା ନଦୀରେ ଗାଧୋଉଥିବା ବେଳେ ଭାସିଯାଇଥିଲେ। କିଛି ଦୂରରେ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ କିନ୍ତୁ କଳ୍ପନାଙ୍କ ମୃତ୍ୟୁ ହୋଇସାରିଥିଲା। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି।

## ଜିଆଇଇଟିରେ ରକ୍ତଦାନ ଶିବିର

ଗୁଣପୁର,୨୨।୮(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ଜିଆଇଇଟିରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗୃହୀତ ୧୮ ୟୁନିଟ ରକ୍ତକୁ ଗୁଣପୁର ରକ୍ତଭଣ୍ଡାରକୁ ଦିଆଯାଇଛି। ଜିଆଇଇଟି ସମ୍ପାଦକ ଡ.ଚନ୍ଦ୍ରଧ୍ୱଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ଡ.ସେନ୍ଥିଲ କୁମାର, ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ କେ.ମୁରଲୀ ଗୋପାଳ, ସୋମ୍ୟା ସୁଚରିତା ପଟ୍ଟନାୟକ, ପେଦିନା ଶିବକ୍ରିଷ୍ଣା, ଆବାହକ ପ୍ରେମାଂଶୁ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରକ୍ତଭଣ୍ଡାର ଡାକ୍ତର ଲକ୍ଷ୍ମଣ ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

## ଉଦ୍ୟୋଗ ବିକାଶ ତାଲିମ ଉଦ୍‌ଘାଟିତ




ରାୟଗଡା ଅଫିସ୍, ୨୨।୮: ଆଞ୍ଚଳିକ ଶିଳ୍ପ କେନ୍ଦ୍ର(ଆର୍ଆଇସି) ରାୟଗଡା ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ୧୨ଦିନିଆ ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ପରିଡା ଯୋଗଦେଇ ତାଲିମାର୍ଥୀମାନଙ୍କୁ ସଫଳ ଉଦ୍ୟୋଗୀ ହେବା ନିମିତ୍ତ ବିଭିନ୍ନ ଉପଦେଶ ଦେଇଥିଲେ। ଏହା ସହିତ କହିଥିଲେ ଯେ, ଆମେ ଯଦି ଉଦ୍ୟୋଗୀ ହୋଇପାରିବା ତେବେ ଆମେ ଅନ୍ୟକୁ ମଧ୍ୟ ରୋଜଗାର ଦେଇପାରିବା। ଅନୁଷ୍ଠାନର ନିର୍ଦ୍ଦେଶକ ରାଧାକାନ୍ତ ରାଉତରାଏ ତାଲିମାର୍ଥୀମାନଙ୍କୁ ବ୍ୟାଙ୍କର ବିଭିନ୍ନ ନୀତି ନିୟମ ତଥା ଋଣ ମଞ୍ଜୁରୀ ହେବା ନିମିତ୍ତ କ'ଣ ସବୁ କାଗଜପତ୍ର ଆବଶ୍ୟକ ସେ ସମ୍ବନ୍ଧରେ ଜଣାଇଥିଲେ। ଅନୁଷ୍ଠାନର ପ୍ରଶିକ୍ଷକ ତରଣୀସେନ ମେହେର କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

■ନାଇଡୁପେଟା, ଭାଟିପଡା ଗୋଷ୍ଠୀ ସଂଘର୍ଷ ଘଟଣା

# ଆଲୋଚନା ପରେ ପରିସ୍ଥିତି ଶାନ୍ତ

ରାୟଗଡା ଅଫିସ୍, ୨୨।୮

ରାୟଗଡା ଜିଲା ଚାନ୍ଦିଲି ଥାନା ଅଧୀନ ଜେକେପୁରରେ ନାଇଡୁପେଟା ଓ ଭାଟପଡା ଗ୍ରାମ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ଘଟିଥିଲା। ବୁଧବାର ପୋଲିସ ତରଫରୁ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଉଭୟ ପକ୍ଷ ଏବଂ ଉକ୍ତ ଅଞ୍ଚଳରୁ କିଛି ଭଦ୍ର ବ୍ୟକ୍ତିଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ ହୋଇଥିଲା। ଶାନ୍ତି କମିଟିର ଆଲୋଚନା ପରେ ପରିସ୍ଥିତି ଏବେ ଶାନ୍ତ ପଡିଛି। ଉଭୟପକ୍ଷ ନିଜ ନିଜ ଭୁଲ ବୁଝିବା ପରେ ଥାନାରେ ବୁଝାମଣା ହୋଇଥିଲା। ଆଗାମୀ ଦିନରେ ଏଭଳି କୌଣସି ପ୍ରକାର ଗଣ୍ଡଗୋଳ କରିବେ ନାହିଁ ବୋଲି ଉଭୟ ପକ୍ଷ ଏକ ରାଜିନାମା ପତ୍ରରେ ଦସ୍ତଖତକରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଉକ୍ତ ରାଜିନାମା ପତ୍ରରେ ଶାନ୍ତିକମିଟିରେ ଉପସ୍ଥିତ ଥିବା ଜେକେପୁର ଅଞ୍ଚଳର ଭଦ୍ରବ୍ୟକ୍ତିଙ୍କ ଦସ୍ତଖତ ରହିଛି। ଦୀର୍ଘ ସମୟଧରି ଉଭୟ ପକ୍ଷକୁ ନେଇ ପୋଲିସ ଆଲୋଚନା କରିଥିଲା।

**ଉଭୟପକ୍ଷ ପୋଲିସକୁ ହସ୍ତାନ୍ତର କଲେ ରାଜିନାମାପତ୍ର**




ପୋଲିସକୁ ଉଭୟ ପକ୍ଷରୁ ସ୍ୱାକ୍ଷରିତ ରାଜିନାମ ଦିଆଯାଉଛି।

ଆଲୋଚନା ପରେ ଭାଟିପଡା ଗ୍ରାମବାସୀ ନାଇଡୁପେଟାକୁ ଓ ନାଇଡୁପେଟା ଗ୍ରାମବାସୀ ଭାଟିପଡାକୁ ଯିବେ ନାହିଁ ଏବଂ କେହି କାହା ସହିତ ଗଣ୍ଡଗୋଳ କିମ୍ବା ପାଟିତୁଣ୍ଡ କରିବେ ନାହିଁ ବୋଲି ସହମତି ପ୍ରକାଶ କରିଥିଲେ। ସେହିଭଳି ଉଭୟ ପକ୍ଷ ପରସ୍ପରକୁ ଆକ୍ଷେପ ନ କରି ଯଦି କିଛି ଗଣ୍ଡଗୋଳ ଘଟେ ତୁରନ୍ତ ପୋଲିସକୁ ଜଣାଇବା ପାଇଁ ଏସ୍‌ଡିପିଓ ରାଜକିଶୋର ଦାସ କହିଥିଲେ। ଯଦି ପୁନର୍ବାର ଗଣ୍ଡଗୋଳ ଘଟେ ତେବେ ଆଉ କୌଣସି ଆଲୋଚନା କରାନଯାଇ ପୂର୍ବରୁ ଏହି ଘଟଣାକୁ ନେଇ ଯେଉଁ ୨ଟି ମାମଲା ପୋଲିସ ପକ୍ଷରୁ ରୁଜୁ କରାଯାଇଛି ଏଥିରେ ସମସ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରାଯିବ ବୋଲି ପୋଲିସ କଡା ଚେତାବନୀ ଦେଇଛି। ଏ ସମ୍ପର୍କରେ ଚାନ୍ଦିଲି ଥାନାଧିକାରୀ ମନୋଜ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହି ଘଟଣାକୁ ନେଇ ଉଭୟପକ୍ଷରୁ ଦିଆଯାଇଥିବା ୨ଟି ଏତଲାକୁ ଭିତ୍ତିକରି ପୋଲିସ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି । ଏହି ମାମଲା ବଳବତ୍ତର ରହିବ । ଉଭୟ ଗ୍ରାମର ଲୋକଙ୍କ ଚାଲି ଚଳଣକୁ ଦେଖି ପୋଲିସ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଥିଲେ । ଆଲୋଚନାରେ ପୋଲିସ ପକ୍ଷରୁ ଅତିରିକ୍ତ ଏସ୍‌ପି ୱାଇ. ଜଗନ୍ନାଥ ରାଓ, ଚାନ୍ଦିଲି ଆଇଆଇସି ମନୋଜ କୁମାର ବେହେରା ଉପସ୍ଥିତ ଥିଲେ। ଭାଟିପଡା ଗ୍ରାମ ପକ୍ଷରୁ ଚୈତନ୍ୟ କୁମାର, କେ. ରାଜେଶ, ରଞ୍ଜନ ବାଗ, ବି. କ୍ରିଷ୍ଟା ଏବଂ ନାଇଡୁପେଟା ଗ୍ରାମ ପକ୍ଷରୁ ଜି. କିରଣ କୁମାର, ବି. ମୌଳି, ରାଜକୁମାର ଦାସ, କେ. ସୁରେଶ, ସି.ଏଚ୍ ଶିବ କୁମାର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଚାନ୍ଦିଲି ଓ କୁମୁଟିପେଣ୍ଟ ପଞ୍ଚାୟତର ଜି. ଶ୍ରୀନିବାସ, କେ. ଆଦିବି, ହଳଧର ମିଶ୍ର, କୃଷ୍ଣ ବାଗ, ସଞ୍ଜୟ ନାୟକ, ଚନ୍ଦନା ହରେନ୍ଦ୍ରନାଥ ପ୍ରମୁଖ ଭଦ୍ରମଣ୍ଡଳୀରେ ଉପସ୍ଥିତ ଥିଲେ।



ସାମୂହିକ ନମାଜ ପାଠ କରାଯାଉଛି।

## ଇଦ୍-ଉଲ୍-ଜୁହା ପାଳିତ

ମୁନିଗୁଡା, ୨୨।୮(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡାରେ ମୁସ୍‌ଲିମ୍ ସଂପ୍ରଦାୟ ପକ୍ଷରୁ ପବିତ୍ର ବକ୍‌ରି ଇଦ୍ ପାଳିତ ହୋଇଯାଇଛି। ଏହି ଅବସରରେ ମୁସ୍‌ଲିମ୍ ସଂଘ ସଭାପତି ମହମ୍ମଦ ଆୟୁବ ଓ ଶେଖ୍ ହବିବ୍‌ଙ୍କ ମିଳିତ ସଂଯୋଜନାରେ ମସ୍‌ଜିଦ୍ ନିକଟସ୍ଥ କବରସ୍ଥାନ ସଫେଇ କରାଯାଇଥିଲା। ମସ୍‌ଜିଦ୍ ମୁଖ୍ୟ ହାଫିଁ ସାହାବ ମହମ୍ମଦ ଜାକାଉଲ୍ଲାଙ୍କ ସଭାପତିତ୍ୱରେ ସାମୂହିକ ନମାଜ ପାଠ କରାଯାଇଥିଲା। ପରେ ସେ ବକ୍‌ରି ଇଦ୍ ପାଳନର ମୂଳ ଉଦ୍ଦେଶ୍ୟ ସମ୍ବନ୍ଧରେ ବୁଝାଇଥିଲେ। ସେହିପରି ମହିଳାମାନେ ନିଜ ଘରେ ନମାଜ ପାଠ କରିଥିଲେ। ସନ୍ଧ୍ୟାରେ ସଂଘ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଘର ଏମ୍‌ଡି.ୟ୍ୟାସିନ୍, କାରାମତ୍ ହୁସେନ, ଶେଖ୍ ନବାବ, ଅବଦୁଲ୍ ରେହେମାନ, ଶେଖ୍ ସାତାର, ଏମ୍‌ଡି.ଇମ୍ମୁ, ଏମ୍‌ଡି.ଇମ୍‌ରାନ ଓ ଶେଖ୍ ସାହାରୁଖ୍‌ଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।




ଗୁଡାରୀରେ ସିପିଆଇ(ଏମ୍ଏଲ୍) ପକ୍ଷରୁ ଅର୍ଥ ସଂଗ୍ରହ କରାଯାଉଛି।




କାଶୀପୁରଠାରେ ୟୁଏସ୍‌ସିଏ ଇନ୍‌ଷ୍ଟିଚ୍ୟୁଟ ଛାତ୍ରୀଛାତ୍ରମାନେ ଅର୍ଥ ସଂଗ୍ରହ କରୁଛନ୍ତି।

## କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ଅର୍ଥ ସଂଗ୍ରହ

ଗୁଡାରି/କାଶୀପୁର, ୨୨।୮(ଡି.ଏନ୍.ଏ)

କେରଳ ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଆର୍ଥିକ ସାହାଯ୍ୟ ଦେବା ନିମନ୍ତେ ସିପିଆଇ(ଏମ୍ଏଲ୍) ଲିବରେସନ ଦଳ ଗୁଡାରି ଶାଖା ପକ୍ଷରୁ ଅର୍ଥ ସଂଗ୍ରହ କରାଯାଇଛି। ବୁଧବାର ତ୍ରିପତି ଗମାଙ୍ଗ, ବୃନ୍ଦାବନ ବିଡିକା, ନାରାୟଣ ଶବରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସହରରେ ବୁଲି ଅର୍ଥ ସଂଗ୍ରହ କରିଥିଲେ। ଜିଲା ଶାଖା ମାଧମରେ ସଂଗୃହୀତ ଅର୍ଥ ପଠାଯିବ ବୋଲି ତ୍ରିପତି ଗମାଙ୍ଗ କହିଛନ୍ତି। ସେହିଭଳି କାଶୀପୁର ବ୍ଲକ ୟୁଏସ୍‌ସିଏ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ(ଆର୍ଏସ୍ଏସ୍) ପକ୍ଷରୁ ମଧ୍ୟ ସହରର ବିଭିନ୍ନ ସ୍ଥାନରେ କେରଳ ବନ୍ୟା ବିପନ୍ନଙ୍କ ପାଇଁ ସାହାର୍ଯ୍ୟ ମଗାଯାଇଥିଲା। ଆଦାୟ ହୋଇଥିବା ଟଙ୍କା ରାୟଗଡା ଜିଲାପାଳଙ୍କ ଜରିଆରେ କେରଳ ପଠାଯିବ ବୋଲି ୟୁଏସ୍‌ସିଏ ଇନ୍‌ଷ୍ଟିଚ୍ୟୁଟ୍ ମୁଖ୍ୟ ମନୋଜ କୁମାର ଖରା କହିଛନ୍ତି। ଏଥିରେ ଇନ୍‌ଷ୍ଟିଚ୍ୟୁଟ୍ ଛାତ୍ରୀଛାତ୍ରମାନେ ସାହର୍ଯ୍ୟ କରିଥିଲେ।

## ଜେକେ କାଗଜକଳ ବିରୋଧରେ ଆନ୍ଦୋଳନ ଆଶଙ୍କା

ରାୟଗଡା ଅଫିସ୍, ୨୨।୮

ରାୟଗଡ଼ା ଜିଲା ଜେକେପୁରସ୍ଥିତ ଜେକେ କାଗଜକଳ ବିରୋଧରେ ଆନ୍ଦୋଳନ ପାଇଁ ସିଟୁ(ଶ୍ରମିକ ସଙ୍ଗଠନ) ସଜବାଜ ହେଉଛି। ଠିକା ଶ୍ରମିକଙ୍କ ଦାବିକୁ ନେଇ ଗୁରୁବାରରୁ ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି। କିଛିଦିନ ହେବ କାଗଜକଳ କର୍ତ୍ତୃପକ୍ଷ ଏବଂ ଠିକା ଶ୍ରମିକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଠିକା ଶ୍ରମିକ ସଙ୍ଗଠନ ଏବଂ କାଗଜକଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଯେଉଁ ଚୁକ୍ତିନାମା ହୋଇଛି ତାହା ବେଆଇନ୍ ବୋଲି ଶ୍ରମିକମାନେ ଦାବି କରୁଛନ୍ତି। ତେଣୁ ୨୩ରୁ ଆନ୍ଦୋଳନ କରାଯିବ ବୋଲି ସିଟୁ ଚରମବାଣୀ ଶୁଣାଇଥିଲା । ଆନ୍ଦୋଳନ ନେଇ ବୁଧବାର ପୋଲିସ ଓ ଶ୍ରମ ବିଭାଗକୁ ଜଣାଇବା ନିମନ୍ତେ ସିଟୁର କର୍ମକର୍ତ୍ତାମାନେ ରାୟଗଡ଼ା ଆସିଥିଲେ। ଶ୍ରମ କାର୍ଯ୍ୟାଳୟକୁ ଯିବାବେଳେ ସେଠାରେ ବାହାରପଟୁ ତାଲା ପକାଇ ଭିତରେ ଜେକେ କାଗଜକଳକୁ ସୁହାଇଲା ଭଳି



ସିଟୁ ଶ୍ରମିକ ସଂଘ ପକ୍ଷରୁ ରାୟଗଡା ଥାନାଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଉଛି।

**ସଜବାଜ ହେଉଛି ସିଟୁ**

କାର୍ଯ୍ୟ ଚାଲୁଥିବା ଅଭିଯୋଗ ହୋଇଛି। ଏ ନେଇ ସିଟୁ ନେତା ଚନ୍ଦନା ନରେନ୍ଦ୍ର ନାଥ ସଂଘ କର୍ମକର୍ତ୍ତାଙ୍କୁ ନେଇ ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କୁ ସାକ୍ଷାତକରି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ, ବୁଧବାର ଇଦ୍-ଉଲ୍-ଜୁହା ପର୍ବ ପାଳନ ନିମନ୍ତେ ଓଡ଼ିଶାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ଥିବାବେଳେ ରାୟଗଡ଼ା ଜିଲା ଶ୍ରମ କାର୍ଯ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଦିନରେ କାର୍ଯ୍ୟାଳୟ ବାହାରପଟୁ ତାଲା ପଡ଼ିଥିବାବେଳେ ଭିତରେ ଯୁଗ୍ମ ଶ୍ରମ କମିଶନର ଆର୍.ଏନ୍ ଦାସ ଜେକେ କାଗଜକଳ କର୍ମକର୍ତ୍ତା ଏବଂ ଅନ୍ୟ କେତେ ଜଣ ବ୍ୟକ୍ତିଙ୍କ ସହି ଆଲୋଚନା କରିଛନ୍ତି। ଏହା ବେଆଇନ୍। ଏହା ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବା ଦରକାର।

## କାନ୍ଥ ଭୁଶୁଡ଼ି ନାବାଳିକା ଗୁରୁତର

ରାୟଗଡା ଅଫିସ୍, ୨୨।୮

ଲଗାଣ ବର୍ଷା ଯୋଗୁ ବୁଧବାର ରାୟଗଡା ଜିଲା କୋଲନରା ବ୍ଲକ ଥେରୁବାଲି ଅଞ୍ଚଳର ଗେରାପୁଟ ଗ୍ରାମର ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ଘର କାନ୍ଥ ଭୁଷୁଡି ପଡିଛି। ଏଥିରେ ତାଙ୍କ ଝିଅ ଗୌତମୀ (୧୩) ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଗୌତମୀ ବୁଧବାର ସନ୍ଧ୍ୟାରେ ଘରେ ଶୋଇଥିବା ବେଳେ ହଠାତ୍ କାନ୍ଥ ଭୁଷୁଡି ତାଙ୍କ ଉପରେ ପଡିଥିଲା। ପଡୋଶୀ ଲୋକଙ୍କ ସହାୟତାରେ ତାଙ୍କୁ କାନ୍ଥ ତଳୁ ଉଦ୍ଧାର କରାଯାଇ ପ୍ରଥମେ ସ୍ଥାନୀୟ ଇମ୍ପା ମେଡିକାଲ୍‌ରେ ଭର୍ତ୍ତି କରାଯାଇ ଥିଲା। ସେ ଗୁରୁତର ଥିବାରୁ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଡାକ୍ତର ଶକ୍ତିବ୍ରତ ମହାନ୍ତିଙ୍କ ସୂଚନା ଅନୁଯାୟୀ, କାନ୍ଥ ପଡିଯିବା ଯୋଗୁ ଗୌତମୀଙ୍କ ଅଣ୍ଟା ହାଡ ଭାଙ୍ଗିଯାଇଛି।

## ଶିଶୁ ମନ୍ଦିରରେ ବିଜ୍ଞାନମେଳା



ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ରାୟଗଡା ଅଫିସ୍, ୨୨।୮

ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଏଏସ୍‌ପି ୱାଇ.ଜଗନ୍ନାଥ, ଏଡିଇଓ ଆନାସ୍ତେସିଆ କେରକେଟା, ସ୍କୁଲ ପରିଚାଳନା କମିଟି ସଭାପତି ହୃଦୟାନନ୍ଦ ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ୩୫୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜୁନିୟର ବିଭାଗରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରମାନେ ୮୦ଟି ଏବଂ ସିନିୟର ବିଭାଗରେ ଚତୁର୍ଥରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ୬୫ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିସହ କଣ୍ଢେଇ ମେଳା, ପରିବା ମେଳା, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରୟୋଗ ଓ ପତ୍ରବାଚନ କର୍ମଶାଳା ମେଳାର ଅନ୍ୟ ଆକର୍ଷଣ ଥିଲା। ପ୍ରଧାନାଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁ ଅତିଥି ପରିଚୟ ଓ ଶେଷରେ ସମ୍ପାଦକ ସୁନିଲ ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମାଙ୍ଗାନିଜ୍ ବୋଝେଇ ଟ୍ରକ ଜବତ

ରାୟଗଡା ଅଫିସ, ୨୨।୮



ଜବତ ଟ୍ରକ୍ ସହ ଅଟକ ଡ୍ରାଇଭର।

କାଶୀପୁର ବ୍ଲକ ଅଞ୍ଚଳରୁ ବୁଧବାର ଭୋରରୁ ଏକ ଟ୍ରକ୍ ଯୋଗେ ଆନ୍ଧ୍ରକୁ ମାଙ୍ଗାନିଜ ଚୋରା ଚାଲାଣ ହେଉଥିବା ରାୟଗଡା ବନାଞ୍ଚଳ ଅଧିକାରୀ ପ୍ରଭାକର ସେନାପତି ବିଶେଷ ସୂତ୍ରରୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ କେରେଡା ଫରେଷ୍ଟର ଅନିଲ କୁମାର ପାଣିଗ୍ରାହୀ, ରାୟଗଡା ଫରେଷ୍ଟର ଉମ୍ବରୁଧର ନାୟକ, ଫରେଷ୍ଟ ଗାର୍ଡ ବଳରାମ ସ୍ୱାଇଁ, ଏମ୍.ଡି ରାଉତ, ପୂର୍ଣ୍ଣଚନ୍ଦ୍ର ପାତ୍ର, ରବିଚନ୍ଦ୍ର ପାତ୍ର ଓ ଅନ୍ୟ ବନ କର୍ମଚାରୀମାନେ କେରେଡା ଅଞ୍ଚଳର ମୁଖ୍ୟରାସ୍ତାରୁ ଟ୍ରକଟିକୁ ଜବତ କରିଥିଲେ।

ପ୍ରକାଶ ଯେ, ମାଙ୍ଗାନିଜ ବୋଝେଇ କରି ଏକ ଟ୍ରକ୍ (ଏପି-୩୧ଟିଟି-୧୫୪୫) ଆନ୍ଧ୍ର ବବୁଲି ଅଭିମୁଖେ ଯାଉଥିଲା। ଏହି ସମୟରେ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଟ୍ରକଟିକୁ ଅଟକାଇ ତଲାସି କରିଥିଲେ। ପରେ ସେଥିରୁ ମାଙ୍ଗାନିଜ ଉଦ୍ଧାର କରିବା ସହ ଟ୍ରକ୍‌କୁ ଜବତ କରି ଡ୍ରାଇଭର କେ.ନାଗରାଜୁଙ୍କୁ ଅଟକ ରଖିଛନ୍ତି। ଗାଡିଟିକୁ ଘଟଣାସ୍ଥଳରୁ ଜବତ କରାଯାଇ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଉକ୍ତ ଟ୍ରକ୍‌ରେ ପ୍ରାୟ ୧୬ଟନ୍ ମାଙ୍ଗାନିଜ ଥିବା ସୂଚନା ମିଳିଛି। ଉକ୍ତ ଟ୍ରକ୍‌ଟି ଆନ୍ଧ୍ର ବବୁଲି ଅଞ୍ଚଳ ନିବାସୀ ବି.ନାଗରାଜୁଙ୍କର ବୋଲି ଡ୍ରାଇଭର ସୂଚନା ଦେଇଛନ୍ତି। ଜବତ ଟ୍ରକ୍ ଏବଂ ଅଟକ ଥିବା ଡ୍ରାଇଭର ସମ୍ପର୍କରେ ଡିଏଫ୍‌ଓଙ୍କୁ ଅବଗତ କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାଛଡା କୋରାପୁଟସ୍ଥିତ ଖଣିଜ ବିଭାଗ ଡେପୁଟି ଡାଇରେକ୍ଟରଙ୍କୁ ମଧ୍ୟ ଏ ନେଇ ଅବଗତ କରାଯାଇଛି। କେଉଁଠାରୁ ମାଙ୍ଗାନିଜ ଲୋଡ କରାଯାଇଥିଲା ତାହା ଜାଣିବା ପାଇଁ ବନ ବିଭାଗ ଅଧିକାରୀମାନେ ଅଟକ ଡ୍ରାଇଭରଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ରେଞ୍ଜର ପ୍ରଭାକର ସେନାପତି କହିଛନ୍ତି ଯେ, ଏହି ଘଟଣାର ତଦନ୍ତ ଜାରି ରହିଛି। ଗାଡିରେ ଥିବା ଖଣିଜ ପଦାର୍ଥ ଯଦି ରାଜସ୍ୱ ଅଞ୍ଚଳରୁ ଲୋଡ ହୋଇଥିବ ତେବେ ଖଣିଜ ପଦାର୍ଥ ବିଭାଗକୁ ହସ୍ତାନ୍ତର କରାଯିବ। ଯଦି ବନ ବିଭାଗ ଅଧୀନରୁ ଅଣାଯାଇଥିବ ତେବେ ଫରେଷ୍ଟ ଆକ୍ଟ ଧାରା ୫୬ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନୀଳକଣ୍ଠଙ୍କ ଘଟଣା ତେଜିପାରେ ଝୋଡିଆ ଆନ୍ଦୋଳନ

ରାୟଗଡା ଅଫିସ୍, ୨୨।୮

ଭୁଲ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିଥିବା ନେଇ ମଙ୍ଗଳବାର ସଭ୍ୟପଦ ହରାଇଥିବା କାଶୀପୁର 'ଗ' ଜୋନ ଜିଲା ପରିଷଦ ସଭ୍ୟ ନିଳକଣ୍ଠ ଝୋଡିଆ ବୁଧବାର ମୁହଁ ଖୋଲିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ, ମଙ୍ଗଳବାର ଜିଲାପାଳଙ୍କ ଅଦାଲତରେ ଯେଉଁ ରାୟ ପ୍ରକାଶ ପାଇଛି ତାହା ମୋ ବିରୁଦ୍ଧରେ ଏକ ଷଡଯନ୍ତ୍ର। ସଭ୍ୟ ପଦ ରଦ୍ଦ କରିବା ନେଇ ଜିଲାପାଳଙ୍କ ରାୟ ଦେବାର କୌଣସି କ୍ଷମତା ନାହିଁ । ତେଣୁ ମୁଁ ଉଚ୍ଚ ଅଦାଲତର ଦ୍ୱାରସ୍ଥ ହେବି। ୧୯୯୨ରେ ମୋତେ ପରଜା ଜାତିର ବୋଲି ପ୍ରମାଣପତ୍ର ମିଳିବା ବେଳେ ତତ୍କାଳୀନ କାଶୀପୁର ତହସିଲଦାର ବିନା ତଦନ୍ତରେ ଏହା ଦେଇ ଥିଲେକି ବୋଲି ନୀଳକଣ୍ଠ ପ୍ରଶ୍ନ କରିଛନ୍ତି। ୨୬ ବର୍ଷ ପରେ ଏହା କିପରି ରଦ୍ଦ ହୋଇପାରିବ। ମୋ ବାପା ଓ ମା'ଙ୍କ ଜାତିଗତ ପ୍ରମାଣପତ୍ର ଆଧାରରେ ମୋତେ ପରଜା ବୋଲି ପ୍ରମାଣପତ୍ର ମିଳିଛି। ବର୍ତ୍ତମାନ ରାଜସ୍ୱ ପରିଦର୍ଶକ ଓ ରାଜସ୍ୱ ନିରୀକ୍ଷକ ଯେଉଁ ଯୁଗ୍ମ ତଦନ୍ତ କରିଛନ୍ତି ସେଥିରେ ଅନେକ ତ୍ରୁଟି ରହିଥିବା ନେଇ ସେ ଅଭିଯୋଗ କରିଛନ୍ତି ।

ଅପରପକ୍ଷରେ ନିଳକଣ୍ଠଙ୍କ ଏହି ମାମଲା ପରେ ଝୋଡିଆ ସମ୍ପ୍ରଦାୟର ଆନ୍ଦୋଳନ ପୁଣି ଜୋର ଧରିବାର ଆଶଙ୍କା ଅମୂଳକ ନୁହେଁ। ଝୋଡିଆ ସମ୍ପ୍ରଦାୟ ଆଦିବାସୀ ମାନ୍ୟତା ଦାବିକରି ୨୫ବର୍ଷ ହେବ ନିଜର ସଂଗ୍ରାମ ଚଳାଇଛନ୍ତି। ୧୯୯୦ ପର୍ଯ୍ୟନ୍ତ ଝୋଡିଆ ସମ୍ପ୍ରଦାୟଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରାଯାଉଥିଲା। କିନ୍ତୁ ତାହା ପରେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଝୋଡିଆମାନେ ଆଦିବାସୀ ମାନ୍ୟତା ପାଇବାରୁ ବଞ୍ଚିତ ହେଲେ। ଫଳରେ ଏହି ବିରାଟ ଜନସଂଖ୍ୟା ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ମାତ୍ର ହାତଗଣତି କିଛି ଲୋକ ଝୋଡିଆ ପରଜା ବୋଲି ଆଦିବାସୀ ମାନ୍ୟତା ପାଇଛନ୍ତି। ନୀଳକଣ୍ଠ ପରଜା ନୁହେଁ ଝୋଡିଆ ସମ୍ପ୍ରଦାୟର ବୋଲି ଯୁଗ୍ମ ତଦନ୍ତରେ ରିପୋର୍ଟ ପ୍ରକାଶ ପାଇଥିବା ଯୋଗୁ ସେ ନିଜ ପଦ ହରାଇଛନ୍ତି। ୨୦୦୯ସାଧାରଣ ନିର୍ବାଚନ ପୂର୍ବରୁ ଏବଂ ୨୦୧୨ ପଞ୍ଚାୟତ ନିର୍ବାଚନ ବେଳେ ଝୋଡିଆ ସମ୍ପ୍ରଦାୟ ପକ୍ଷରୁ ବିରାଟ ଆନ୍ଦୋଳନ କରାଯାଇଥିଲା । ଏଭଳିକି ୨୦୧୨ ପଞ୍ଚାୟତ ନିର୍ବାଚନ ବେଳେ ଝୋଡିଆ ସମ୍ପ୍ରଦାୟର ଅନୁରୋଧ କ୍ରମେ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ନିଆଯାଇ କାଶୀପୁର ବ୍ଲକ୍‌ରେ କେହି ମଧ୍ୟ ନିର୍ବାଚନରେ ଭାଗ ନେଇନଥିଲେ । ଜିଲା ପରିଷଦ ସଭ୍ୟ ଠାରୁ ଆରମ୍ଭକରି ସରପଞ୍ଚ, ସମିତି ସଭ୍ୟ ଭଳି ସମସ୍ତ ପଦବୀ ୫ବର୍ଷ ଧରି ଖାଲି ପଡିଥିଲା । ଆଉ ସେହି ଘଟଣାର ପୁନରାବୃତ୍ତି ପୁଣି ୨୦୧୯ନିର୍ବାଚନ ପୂର୍ବରୁ ହୋଇପାରେ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ମଧ୍ୟାହ୍ନଭୋଜନ ଅନିୟମିତତା ଘଟଣା: ସିଆର୍‌ସିସିଙ୍କ ତଦନ୍ତ

ପାରଳାଖେମୁଣ୍ଡି, ୨୨।୮(ସ୍ୱ.ପ୍ର.)- ଗଜପତି ଜିଲା ରାୟଗଡ ବ୍ଲକ କୁମୁଳାସିଂ ପଞ୍ଚାୟତର ଅବାସିଂ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଅନିୟମିତତା ନେଇ ଅଭିଯୋଗ ଆସିବା ପରେ ଏହାର ତଦନ୍ତ କରିଛନ୍ତି ମାର୍ଲବା ଆଞ୍ଚଳିକ ସମ୍ବଳ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) କେ.ମଧୁ। ଏହାପରେ ସେ ନିଜ ତଦନ୍ତ ରିପୋର୍ଟ ସହକାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି।

ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୧ଜଣ ପିଲା ପଢୁଛନ୍ତି। ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ ଏଠାରେ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉ ନାହିଁ। ଅଧିକାଂଶ ଦିନ ଭାତ ଓ ଚାରୁପାଣି ଦିଆଯାଉଥିବା ଅଭିଯୋଗ ହୋଇଛି। କେବଳ ଛାତ୍ରୀଛାତ୍ର କିମ୍ବା ସେମାନଙ୍କ ଅଭିଭାବକ ନୁହଁନ୍ତି ଖୋଦ ସରପଞ୍ଚ ଏଭଳି ଅଭିଯୋଗ ଆଣି ନୋଡାଲ ବୈଠକରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ଜଣାଇବା ସତ୍ତ୍ୱେ ପ୍ରଶାସନ ନୀରବ ବସିଥିଲା। ତେବେ ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭାଗ ଚେତିଛି। ସିଆର୍‌ସିସି କେ. ମଧୁ ତଦନ୍ତ କରି ଏବିଇଓଙ୍କୁ ରିପୋର୍ଟ ଦେଇଛନ୍ତି। ମଧୁ କହିଛନ୍ତି ଯେ, ଗ୍ରାମରେ ସେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା ବେଳେ ବିଦ୍ୟାଳୟରେ ବ୍ୟାପକ ଅନିୟମିତତା କଥା ସାମ୍ନାକୁ ଆସିଛି। ସବୁ କିଛି ରିପୋର୍ଟରେ ରହିଛି। ସେହିପରି ଏବିଇଓ ରବିନ୍ଦ୍ର ମୁଦିଆଲୁ କହିଛନ୍ତି ଯେ, ମୁଁ ରିପୋର୍ଟ ପାଇଛି। ଅତିଶୀଘ୍ର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଏହାପରେ ଅନ୍ୟ ପଦକ୍ଷେପ ନିଆଯିବ।

### ୧୦ ଆଦର୍ଶ ଚାଷୀ ପୁରସ୍କୃତ

ଆର.ଉଦୟଗିରି, ୨୨।୮ (ଡି.ଏନ.ଏ.)- ଆର.ଉଦୟଗିରି ସମବାୟ ସମିତି କାର୍ଯ୍ୟାଳୟରେ ବ୍ଲକର ୧୦ ଜଣ ଆଦର୍ଶ ଚାଷୀଙ୍କୁ ପୁରସ୍କୃତ କରାଯାଇଛି। ସେମାନେ ହେଲେ ଚନ୍ଦ୍ରମା ରଇତ, ରାହାସ ପାଇକ, ହିରା ପ୍ରଧାନ, ଗୁମୁନା ରଇତ, ରାଲିସିଆ ଲିମା, ସୌରି ମଣ୍ଡଳ, ଏଯୁବା ଗମାଙ୍ଗ ଏବଂ ବରୁଣବତି ମହାଙ୍କୁଡ଼। ବ୍ୟାଙ୍କ ପରିଚାଳକ ଭୂଷଣ ରାଓ ଉପସ୍ଥିତ ଥିଲେ।

# ଜ୍ଞାନ ବିଜ୍ଞାନ ମେଳାରେ ୧୧୦ ପ୍ରକଳ୍ପ

ପାରଳାଖେମୁଣ୍ଡି, ୨୨।୮(ସ୍ୱ.ପ୍ର.)

ଗଜପତିଜିଲା ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଦ୍ୟାଳୟର ସଭାପତି ବିନୋଦ ଚନ୍ଦ୍ର ଜେନା ଓ ପରାମର୍ଶଦାତା ମହନ୍ତ ମହାରାଜ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ଏହି ମେଳାକୁ ତାଙ୍କ ନାମରେ ଉତ୍ସର୍ଗ କରାଯାଇଥିଲା। ବିଜ୍ଞାନ ମେଳା ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ରହିଥିବା ବୈଜ୍ଞାନିକ ଜ୍ଞାନ କୌଶଳ ପରିସ୍ଫୁଟିତ



ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏଥିରେ ମୋଟ ୧୧୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ସେହିପରି ପ୍ରଶ୍ନ ମଞ୍ଚ, ଆଲୋଚନା ଚକ୍ର, କର୍ମଶାଳା ଆଦି କାର୍ଯ୍ୟକ୍ରମରେ ପ୍ରାୟ ୫୦ ଛାତ୍ରୀଛାତ୍ର ଭାଗନେଇ ନିଜ ବୈଜ୍ଞାନିକ ଚିନ୍ତାଧାରା ତଥା ମତ ଉପସ୍ଥାପନ କରିଥିଲେ । ମେଳାକୁ ୪ଟି ବିଭାଗରେ ବିଭକ୍ତ କରାଯାଇଥିଲା । କନିଷ୍ଠ ବିଭାଗରେ ପ୍ରଥମରୁ ୩ୟ ଶ୍ରେଣୀ, ଶିଶୁ ବିଭାଗରେ ୪ର୍ଥରୁ ୫ମ ଶ୍ରେଣୀ, ବାଲ୍ ବିଭାଗରେ ୬ଷ୍ଠରୁ ୮ମ ଶ୍ରେଣୀ ଓ କିଶୋର ବିଭାଗରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ଭାଗନେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ରମେଶ ଚନ୍ଦ୍ର ସାହୁକାର, ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଓ ଶିକ୍ଷା ବିକାଶ ସମିତି ସଦସ୍ୟ ଲକ୍ଷ୍ମୀଧର ସ୍ୱାଇଁଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।



ମୁସଲିମ ସଂପ୍ରଦାୟ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ଇଦ୍-ଉଲ୍-ଜୁହା ପାଳିତ

ପାରଳାଖେମୁଣ୍ଡି, ୨୨।୮(ସ୍ୱ.ପ୍ର.)- ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ବୁଧବାର ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ପବିତ୍ର ଇଦ୍ ଉଲ୍ ଜୁହା ପର୍ବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ବିଭିନ୍ନ ମସ୍‌ଜିଦ୍‌ରେ ନମାଜ ପାଠ କରାଯାଇଥିଲା। ପୁରୁଷମାନେ ମସ୍‌ଜିଦ୍‌ରେ ଓ ମହିଳାମାନେ ନିଜ ନିଜ ଘରେ ନମାଜ ପାଠ କରିଥିଲେ। ଏହାପରେ ସେମାନେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ଏହି ସମ୍ପ୍ରଦାୟ ପକ୍ଷରୁ ଶାନ୍ତି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମିଷ୍ଟାନ୍ନ, ବିରିଆନି, ସିମେଇ ଇତ୍ୟାଦି ପ୍ରସ୍ତୁତ କରି ବନ୍ଧୁବାନ୍ଧବଙ୍କୁ ବଣ୍ଟାଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ସିଙ୍ଗିପୁର ଗସ୍ତରେ ଆସିଥିବା ଜିଲା ଭାଜପା କର୍ମକର୍ତ୍ତାମାନେ ।

## ଡେଙ୍ଗୁ ପ୍ରଭାବିତ ଗାଁ ବୁଲିଲା ଭାଜପା ଟିମ୍

ପାରଳାଖେମୁଣ୍ଡି, ୨୨।୮(ସ୍ୱ.ପ୍ର.)

ଗଜପତି ଜିଲା ଭାଜପାର ଏକ ଟିମ୍ କାଶୀନଗର ବ୍ଲକ ଅନ୍ତର୍ଗତ ଡେଙ୍ଗୁ ପ୍ରଭାବିତ ସିଙ୍ଗିପୁର ଗାଁ ଗସ୍ତ କରିଥିଲା। ଏହି ଟିମ୍‌ର ସଦସ୍ୟମାନେ ଡେଙ୍ଗୁ ଆକ୍ରାନ୍ତ ପରିବାରଙ୍କୁ ଭେଟି କିଭଳି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ପଚାରି ବୁଝିଥିଲେ। ସେଠାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀଙ୍କ ସହ ସ୍ୱାସ୍ଥ୍ୟସେବା ବିଷୟରେ ଆଲୋଚନା କରିଥିଲେ । ଉକ୍ତ ଗ୍ରାମରେ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ପହଞ୍ଚି ପାରିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଥିବା ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ କହିଛନ୍ତି । ବହୁ ରୋଗୀ ନିଜ ଖର୍ଚ୍ଚରେ ବ୍ରହ୍ମପୁର, ଭୁବନେଶ୍ୱର, ଶ୍ରୀକାକୁଲମ୍, ବିଶାଖାପାଟଣା ପ୍ରଭୃତି ସ୍ଥାନକୁ ଯାଉଥିବା ସେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁଧାରିବା ପାଇଁ ଜିଲା ଭାଜପା ପଦକ୍ଷେପ ନେବ ବୋଲି ସେ ସୂଚନା ଦେଇଛନ୍ତି। ପାଳଙ୍କ ସମେତ ଜିଲା ଭାଜପା ସାଧାରଣ ସମ୍ପାଦକ ଜଗନ୍ନାଥ ପ୍ରସାଦ ମହାପାତ୍ର, ପୂର୍ବତନ ସଭାପତି ସିଦ୍ଧେଶ୍ୱର ମିଶ୍ର, ଗୁମ୍ମା ମଣ୍ଡଳ ସଭାପତି ରାମକୃଷ୍ଣ ପାଇକ ପ୍ରମୁଖ ଏହି ଗସ୍ତରେ ସାମିଲ ଥିଲେ।

## ଅଞ୍ଚଳବାସୀଙ୍କୁ ଅଣଦେଖା ଅଭିଯୋଗ

ପାରଳାଖେମୁଣ୍ଡି, ୨୨।୮(ସ୍ୱ.ପ୍ର.)- ବିଶାଖାପାଟଣା ରେଳମଣ୍ଡଳର ବରିଷ୍ଠ ଯନ୍ତ୍ରୀମାନଙ୍କ ଏକ ଟିମ୍ ପାରଳାଖେମୁଣ୍ଡି ଷ୍ଟେଶନ ଅନୁଧ୍ୟାନ ପାଇଁ ଆସିଥିବା ବେଳେ ଅଞ୍ଚଳବାସୀଙ୍କ ପ୍ରତି ଅଣଦେଖା ମନୋଭାବ ପୋଷଣ କରିଥିବା ଅଭିଯୋଗ ହୋଇଛି। ନୌପଡା-ଗୁଣୁପୁର ଭାୟା ପାରଳାଖେମୁଣ୍ଡି ୯୦କି.ମି. ରେଳପଥ ଅନୁଧ୍ୟାନ ପାଇଁ ପୂର୍ବତଟ ରେଳପଥ ବିଶାଖାପାଟଣା ମଣ୍ଡଳର ବରିଷ୍ଠ ଯନ୍ତ୍ରୀ କେ.ଭି. ଭି. ନରସିହ୍ମାଙ୍କ ନେତୃତ୍ୱରେ ଏକ ବୈଷୟିକ ଯନ୍ତ୍ରୀ ଦଳ ଆସି ରେଳପଥ ଓ ଜଗୁଆଳି ବିହୀନ ରେଳୱେ କ୍ରସିଂ ତଦାରଖ କରିଥିଲେ । ସ୍ଥାନୀୟ ଜନସାଧାରଣ କିମ୍ବା ଖବରଦାତାମାନଙ୍କ ସହ କୌଣସି ଆଲୋଚନା କରିନଥିଲେ। ଖବରଦାତାମାନେ ନରସିହ୍ମାଙ୍କୁ ଏକ ଦାବିପତ୍ର ଦେବା ପାଇଁ ଅନ୍ୟ ସଦସ୍ୟମାନଙ୍କୁ ଅନୁରୋଧ ଜଣାଇଥିଲେ ମଧ୍ୟ ସେମାନେ ଶୁଣିନଥିଲେ। ଏ ନେଇ ଜିଲାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ପୂର୍ବତଟ ରେଳପଥ ଉଚ୍ଚ କର୍ତ୍ତୃପକ୍ଷ ଓ ରେଳ ମନ୍ତ୍ରଣାଳୟ ଦୃଷ୍ଟିକୁ ଅଣାଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି, ୨୨।୮(ସ୍ୱ.ପ୍ର.)

ଗଜପତି ଜିଲା ରାୟଗଡ ବ୍ଲକ ନାରାୟଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୩ଦିନିଆ ଉତ୍କର୍ଷ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ ଓ କୁସୁମା ଫାଉଣ୍ଡେଶନର କାର୍ତ୍ତିକ ଚନ୍ଦ୍ର ସାହୁ ଯୋଗଦେଇ ଏଭଳି ଶିବିର ଆଗାମୀ ଦିନରେ ଶିକ୍ଷାର ମାନ ବୃଦ୍ଧି କରିବାରେ ସହାୟକ ହୋଇପାରିବ ବୋଲି କହିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ବିଶ୍ୱନାଥ ଗୌଡ ଓ ପ୍ରଫୁଲ୍ଲ ମହାନ୍ତି ପରିଚାଳନା କରିଥିଲେ । ସେହିପରି ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ପ୍ରଶିକ୍ଷଣ ଶିବିର ମଧ୍ୟ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ନୋଡାଲ ଅଫିସର ଡ. ସିପ୍ରା ନାୟକ ଏବଂ ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।




ତାଲିମ ଶିବିର ଉଦ୍‌ଯାପନ ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ତାଲିମଦାତା ।


## ଓଡ଼ିଶା ସରକାର

904/29.6.2018

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

LA Case No-

FIle No. 23/2017 Dated..........

**No.V-38:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବୁଢ଼ାବଣ, ଥାନା-ପାଟଣା ନଂ-୨୦୭, ତହସିଲ-ସାହାରପଡ଼ା, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୨.୬୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩( RFCTLAR & R ACT, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧ (୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ--ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-......./ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ-ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍ର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡା | ବୁଢାବଣ | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୬.୨୮ | ଏ.୧୨.୬୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

**LAND SCHEDULE FOR PERMANENT ACQUISTION OF LAND**
ମୌଜା-ବୁଢାବଣ, ଥାନା-ପାଟଣା, ନମ୍ବର-୨୦୭, ତହସିଲ-ସାହାରପଡା, ଜିଲ୍ଲା-କେନ୍ଦୁଝର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୪ | ୬୨୩ | ୦.୬୧ | ୦.୩୦ | ବାଜେଫ ସଲ ଦୁଇ | ଅର୍ଜୁନ ନାଏକ, ରୂପା ନାଏକ, ପି: ଜୟଦେବ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୨/ ୮୦୭ | ୦.୨୫ | ୦.୦୭ | ଘରବାରୀ | | |
| ୨. | ୮ | ୫୯୬ | ୦.୨୦ | ୦.୦୧ | ବାଜେଫ ସଲ ଦୁଇ | ଅହିରାମ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୧୯ | ୦.୫୯ | ୦.୦୫ | ଶାରଦ ତିନି | | |
| | | ୬୫୦ | ୦.୬୮ | ୦.୨୩ | ବାଜେଫ ସଲ ଦୁଇ | | |
| | | ୬୬୧ | ୦.୩୯ | ୦.୦୨ | ଶାରଦ ତିନି | | |
| | | ୬୬୫ | ୦.୬୧ | ୦.୧୬ | ବାଜେଫ ସଲ ଦୁଇ | | |
| | | ୬୮୪ | ୦.୨୧ | ୦.୦୧ | ଶାରଦ ତିନି | | |
| | | ୬୯୧ | ୦.୬୮ | ୦.୪୯ | ବାଜେଫ ସଲ ଦୁଇ | | |
| ୩. | ୯ | ୨୩୪ | ୦.୩୦ | ୦.୦୧ | ଶାରଦ ଦୁଇ | ଆନନ୍ଦ ମହାନ୍ତ, ପି: ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା: ସୀତାରାମ୍ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪. | ୧୦ | ୫୧୯ | ୦.୨୭ | ୦.୦୮ | ଶାରଦ ତିନି | ଓକିଲ ପାତ୍ର, ପି: ବଲ ପାତ୍ର, ଜା: ପାଣ, ବା: ସଙ୍ଖୁଆ | |
| | | ୫୧୮/ ୮୮୯ | ୦.୧୫ | ୦.୦୩ | ଶାରଦ ତିନି | | |
| ୫. | ୧୧ | ୫୦୪ | ୦.୨୪ | ୦.୦୧ | ତଲଲା ଏକ | କଣ୍ଡ ପାତ୍ର, ପି-ଜଗନ୍ନାଥ ପାତ୍ର, ତିର ପାତ୍ର, ପି: ପୁରନ୍ଦର ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୫୧୮ | ୩.୨୫ | ୦.୨୦ | ଶାରଦ ତିନି | | |
| ୬. | ୩୨ | ୬୪୯ | ୦.୮୪ | ୦.୩୫ | ବାଜେଫ ସଲ ଦୁଇ | ଦଲ ଗଞ୍ଜନ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୭୯ | ୦.୩୫ | ୦.୦୧ | ଶାରଦ ତିନି | | |
| | | ୬୮୫ | ୦.୨୨ | ୦.୧୬ | ଶାରଦ ତିନି | | |
| | | ୬୩୫/ ୭୪୨ | ୦.୧୭ | ୦.୧୪ | ବାଜେଫ ସଲ ଦୁଇ | | |
| ୭. | ୩୦ | ୨୩୨ | ୦.୪୦ | ୦.୨୧ | ଶାରଦ ଦୁଇ | ଜାଉରା ମୁଣ୍ଡା, ମାଧ ମୁଣ୍ଡା, ବୁଟି ମୁଣ୍ଡା, ଘନ ମୁଣ୍ଡା, ପି: ରାଇଁସିଂ ମୁଣ୍ଡା, ବିରିସିଂ ମୁଣ୍ଡା, ମଧୁ ମୁଣ୍ଡା, ପି: କାଉଁରା ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | |
| | | ୩୧୩ | ୦.୨୦ | ୦.୦୧ | ଶାରଦ ଦୁଇ | | |
| | | ୩୧୪ | ୦.୩୩ | ୦.୧୯ | ଶାରଦ ତିନି | | |
| ୮. | ୩୪ | ୬୭୭ | ୧.୦୨ | ୦.୭୯ | ବାଜେ ଫସଲ ଦୁଇ | ଦୀର୍ଘା ମାଝୀ, ଲଛୁ ମାଝୀ, ପି: ଗୋରା ମାଝୀ, ମଙ୍ଗଲା ମାଝୀ, ମାତାଲ ମାଝୀ, ପି: କାନ୍ଦ୍ରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୭୮ | ୦.୮୨ | ୦.୫୭ | ଶାରଦ ତିନି | | |
| | | ୬୯୨ | ୧.୩୫ | ୦.୭୭ | ବାଜେ ଫସଲ ଦୁଇ | | |
| ୯. | ୪୧ | ୬୩୫ | ୧.୮୫ | ୦.୫୦ | ବାଜେ ଫସଲ ଦୁଇ | ଧନୁ ମହାନ୍ତ, ପି: ଆଶାରାମ ମହନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୦. | ୪୬ | ୩୨୬ | ୦.୫୧ | ୦.୦୬ | ଶାରଦ ଦୁଇ | ବଣୁ କୋହ୍ଲ, ପି: ଡୁରୀ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୧. | ୪୭ | ୩୨୪ | ୦.୬୧ | ୦.୧୨ | ଶାରଦ ଦୁଇ | ବୁଣୁ କୋହ୍ଲ, ରାଇସିଂ କୋହ୍ଲ, ବସେନ କୋହ୍ଲ, ପି: ମରା ରାମ କୋହ୍ଲ, ଲାଲଦୁ କୋହ୍ଲ, ପି: ମାଙ୍ଗତା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୨. | ୪୯ | ୬୨୬ | ୧.୦୦ | ୦.୨୩ | ବାଜେ ଫସଲ ଦୁଇ | ବହ୍ନି ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୨୬/ ୮୧୦ | ୨.୧୮ | ୦.୪୨ | ବାଜେ ଫସଲ ଦୁଇ | | |
| ୧୩ | ୫୧ | ୬୩୬ | ୧.୫୯ | ୦.୫୨ | ବାଜେ ଫସଲ ଦୁଇ | ବାଉଦି ମହାରଣା, ପି: ଚନ୍ଦରୁ ମହାରଣା, ଜା: ମହାରଣା, ବା: ନିଜଗାଁ | |
| | | ୬୭୦ | ୧.୩୯ | ୦.୫୦ | ବାଜେ ଫସଲ ଦୁଇ | | |
| ୧୪. | ୫୨ | ୫୧୮/ ୮୭୮ | ୦.୨୮ | ୦.୦୮ | ଶାରଦ ତିନି | ବାସୁଦେବ ପାତ୍ର, ବିଦ୍ୟାଧର ପାତ୍ର, ବାମଦେବ ପାତ୍ର, ଦିନବନ୍ଧୁ ପାତ୍ର, ମଧୁସୂଦନ ପାତ୍ର, ପି : ବିଶ୍ୱନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୫. | ୫୬ | ୨୩୩ | ୦.୪୫ | ୦.୧୮ | ଶାରଦ ଦୁଇ | ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି: ଶାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୬ | ୫୮ | ୫୯୧ | ୦.୭୨ | ୦.୨୧ | ଘରବାରି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୧ | ୦.୩୪ | ୦.୦୮ | ଶାରଦ ତିନି | | |
| ୧୭ | ୬୪ | ୫୯୫ | ୦.୨୬ | ୦.୦୨ | ବାଜେ ଫସଲ ଦୁଇ | ଭାରତ ଚନ୍ଦ୍ର ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୪୮ | ୦.୨୦ | ୦.୧୦ | ବାଜେ ଫସଲ ଦୁଇ | | |
| | | ୬୬୩ | ୦.୯୬ | ୦.୪୦ | ବାଜେ ଫସଲ ଦୁଇ | | |
| | | ୬୭୧ | ୦.୭୧ | ୦.୦୧ | ବାଜେ ଫସଲ ଦୁଇ | | |
| | | ୬୮୬ | ୧.୦୦ | ୦.୩୯ | ବାଜେ ଫସଲ ଦୁଇ | | |
| | | ୬୮୦ | ୦.୯୨ | ୦.୦୧ | ଜଳଶୟ ଦୁଇ | | |
| ୧୮ | ୫୯ | ୫୯୦ | ୨.୩୨ | ୦.୩୬ | ଦିଆଳି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଫକିରା ନାଏକ, ଦିବାକର ନାଏକ, ଗୋବରା ନାଏକ, ପି: ପଦୁ ଚରଣ ନାଏକ, ଗୁରୁ ଚରଣ ନାଏକ, ପି: ବନମାଳୀ ନାଏକ, ମହେଶ୍ୱର ନାଏକ, ଗଦାଧର ନାଏକ, ପି: ବଳି ନାଏକ, ମହେନ୍ଦ୍ର ନାଏକ, ଅନାଦୀ ନାଏକ, ପି: ଶୁକେବ ନାଏକ, ଗଦା ନାଏକ, ପି: ଫଗୁ ନାଏକ, ଜା: ବାଥୁଡି, ବା: ନିଜଗାଁ | |
| | | ୬୨୦ | ୨.୭୦ | ୦.୪୬ | ବାଜେ ଫସଲ ଦୁଇ | | |
| ୧୯. | ୬୬ | ୩୨୧ | ୦.୮୦ | ୦.୨୦ | ବାଜେ ଫସଲ ଦୁଇ | ଭୀମ ନାଏକ, ପି: ପବିତ୍ର ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୨୦. | ୬୭ | ୨୩୦ | ୦.୧୪ | ୦.୧୦ | ଶାରଦ ଦୁଇ | ଭୁଟୁ ମହାନ୍ତ, ରଜ ମହାନ୍ତ, ଚମ୍ପା ମହାନ୍ତ, ପି: ରଥୁ ମହାନ୍ତ, ଅଲତା ମହାନ୍ତ, ସ୍ୱା: ରଥୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୧. | ୭୫ | ୬୨୪ | ୧.୪୫ | ୦.୧୦ | ଘରବାରି | ମକୁରୁ ମହାନ୍ତ, ଶଙ୍କୁରୁ ମହାନ୍ତ, କାଞ୍ଚନ ମହାନ୍ତ, ପି: ହୀରା ମହାନ୍ତ, ସନୁ ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ବନ୍ଧୁଆ ମହାନ୍ତ, ଦୟା ମହାନ୍ତ, ମୁଟୁ ମହାନ୍ତ, ଚେମୁଟୁ ମହାନ୍ତ, ପି: ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୨. | ୭୭ | ୬୭୬ | ୦.୮୬ | ୦.୨୪ | ବିଆଳି | ମଙ୍ଗଲା ମାଝୀ, ମାତାଲ ମାଝୀ, ପି- କାନ୍ଦ୍ରା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | ୬୯୩ | ୧.୧୮ | ୦.୫୧ | ଘରବାରୀ | | |
| | | ୬୯୪ | ୦.୦୮ | ୦.୦୮ | ବାଜେ ଫସଲ ଦୁଇ | | |
| ୨୩. | ୮୦ | ୭୦୮ | ୦.୨୭ | ୦.୦୧ | ରାସ୍ତା | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି- ଶିବ ମହାନ୍ତ, ରଜନୀ ମହାନ୍ତ, ସ୍ୱା- ଶାମ ମହାନ୍ତ, ଆନନ୍ଦ ମହାନ୍ତ, ପି- ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା- ସୀତାରାମ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୪. | ୮୪ | ୩୦୯ | ୧.୨୨ | ୦.୧୬ | ଶାରଦ ଦୁଇ | ମହେଶ୍ୱର ମହାନ୍ତ, ପି- ଶିବ ମହାନ୍ତ, ଲେମ୍ବୁ ମହାନ୍ତ, ପି- ପରମେଶ୍ୱର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି- ବିଶ୍ୱମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୫. | ୮୬ | ୬୩୩ | ୦.୫୩ | ୦.୦୫ | ବାଜେ ଫସଲ ଦୁଇ | ମହେଶ୍ୱର ଦଣ୍ଡପାଟ, ପି- କୃପାସିନ୍ଧୁ ଦଣ୍ଡପାଟ, ଜା- ସାଉନ୍ତି, ବା- ନିଜଗାଁ | |
| ୨୬. | ୮୯ | ୬୬୪ | ୦.୫୦ | ୦.୦୭ | ବାଜେ ଫସଲ ଦୁଇ | ମାନୁଧର ବରଡୁହା, ବୈଶାଖୁ ବରଡୁହା, ପି- ଗୁରୁ ଚରଣ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୨୭. | ୯୦ | ୩୧୬ | ୦.୭୦ | ୦.୧୬ | ଘରବାରୀ | ମେଞ୍ଚ କୋହ୍ଲ, ପି- ଜେନା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୮. | ୯୨ | ୩୦୯/ ୭୭୮ | ୦.୩୨ | ୦.୦୫ | ଶାରଦ ଦୁଇ | ରଣଜିତ ମହାନ୍ତ, ପି- କର୍ମୁ ମହାନ୍ତ, ଜା- କୁଡୁମି, ବା- ମଣ୍ଡୁଆ, ଜି- ମୟୂରଭଞ୍ଜ | |
| ୨୯. | ୧୦୦ | ୬୨୫ | ୦.୨୭ | ୦.୧୦ | ଘରବାରୀ | ଲକ୍ଷ୍ମୀଧର ବରଡୁହା, ଉପେନ୍ଦ୍ର ବରଡୁହା, ପି- ବୁଧିଆ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୩୦. | ୧୦୨ | ୬୨୬/ ୮୦୯ | ୧.୩୨ | ୦.୨୪ | ବାଜେ ଫସଲ ଦୁଇ | ଲାଲ ମୋହନ ନାଏକ, ପି- ଭଗବାନ ନାଏକ, ଜା- ବାଥୁଡି, ବା- ଗୋରାଣ୍ଡିଯୋଡି | |
| ୩୧. | ୧୦୭ | ୨୩୧ | ୦.୧୪ | ୦.୧୪ | ଶାରଦ ଦୁଇ | ସଭା ମହାନ୍ତ, ପି- ରେଙ୍ଗୁ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୨. | ୭୯ | ୬୯୮ | ୦.୪୪ | ୦.୧୩ | ବାଜେ ଫସଲ ଦୁଇ | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୩. | ୧୨୪/ ୧୬ | ୫୧୮/ ୯୨୩ | ୦.୭୪ | ୦.୦୯ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶ୍ୱନୁ ପାତ୍ର, ଜା- ପାଣ, ବା- ସଙ୍ଖୁଆ | |
| ୩୪. | ୧୨୪/ ୨୨ | ୩୨୪/ ୯୨୦ | ୦.୨୦ | ୦.୧୬ | ଶାରଦ ଦୁଇ | ନାରାୟଣ ଗଡସରା, ପି- ମରା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୩୫. | ୧୨୪/ ୧୯ | ୮୦୯ / ୯୦୯ | ୦.୪୦ | ୦.୨୪ | ବାଜେ ଫସଲ ଦୁଇ | ଦେବେନ୍ଦ୍ର ମହାନ୍ତ, ପି- ବିଶମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୬. | ୧୨୪/ ୧୦ | ୫୧୮/ ୯୦୦ | ୦.୬୦ | ୦.୧୫ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶ୍ୱନୁ ପାତ୍ର, ଜା- ପାଣ, ବା- ନିଜଗାଁ | |
| ୩୭. | ୧୨୪/ ୨୧ | ୫୧୮/ ୯୧୧ | ୦.୬୦ | ୦.୧୦ | ଶାରଦ ତିନି | ପରମେଶ୍ୱର ପାତ୍ର, ପି- ଦାରୋଗା ପାତ୍ର, ଜା- ପାଣ, ବା- ନିଜଗାଁ | |
| | ମୋଟ | ୬୪ | ୪୬.୨୮ | ୧୨.୬୬ | | | |

24045/14/0031/1819